

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୧୯ ଡିସେମ୍ବର ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 19 DECEMBER 2020

Vol.No. 30 ■ No. 321 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ବହୁ ଅପେକ୍ଷାର ଅବସାନ ଘଟାଇ ପ୍ରକାଶ ପାଇଛି ପୂଜାସଂଖ୍ୟା...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# କେନ୍ଦ୍ରକୁ ଟାର୍ଗେଟ୍ କଲେ ନବୀନ

◆ ସ୍ୱତନ୍ତ୍ର ପାହ୍ୟା ମାନ୍ୟତା ପାଇଁ ବିଜେଡି ଲଢେଇ ଜାରି ରଖିବ
◆ ରାଜ୍ୟର କଂଗ୍ରେସ , ବିଜେପି ଦିଲ୍ଲୀରୁ କଂଟ୍ରୋଲ ହେଉଛନ୍ତି



ଭୁବନେଶ୍ୱର,୧୮।୧୨ (ନି.ପ୍ର): ନିର୍ବାଚନ ବେଳେ ଉଭୟ ବିଜେପି ଓ କଂଗ୍ରେସ ଇସ୍ତାହାରରେ ସ୍ୱତନ୍ତ୍ର ପାହ୍ୟା କଥା କହିଥିଲେ। ହେଲେ ନିର୍ବାଚନ ପରେ ସବୁ କଥା ଭୁଲି ଯାଇଛନ୍ତି।କିନ୍ତୁ ବି.ଜେ.ଡି ଏଥିପାଇଁ ଲଢେଇ ଜାରି ରଖିବ। ଓଡିଶା ପ୍ରତି କେନ୍ଦ୍ରର ବୈମାତୃକ ବ୍ୟବହାର ବିଷୟ ସବୁବେଳେ ଉଠାଇବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ଶୁକ୍ରବାର ଦିନ ଯୁବ ବିଜେଡି କାର୍ଯ୍ୟକାରିଣୀରେ ବିଜୁ ଜନତା ଦଳର ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ରକୁ ଟାର୍ଗେଟ୍ କରି ଏହା କହିଛନ୍ତି। ଆମର ସ୍ୱତନ୍ତ୍ର ଐତିହ୍ୟର ସୁରକ୍ଷା ପାଇଁ ଜାତୀୟ ଦଳର ରାଜ୍ୟ ନେତାମାନଙ୍କର ଇଛା ନାହିଁ। ରାଜ୍ୟର କଂଗ୍ରେସ ସରକାର ସବୁବେଳେ ଦିଲ୍ଲୀରୁ ରିମୋଟ କଂଟ୍ରୋଲ ଦ୍ୱାରା ଚାଲୁଥିଲା। ବିଜେପି ଶାସିତ ରାଜ୍ୟମାନେ ମଧ ସେମାନଙ୍କ ଜାତୀୟ ନେତୃତ୍ୱର ନିର୍ଦ୍ଦେଶରେ କାମ କରୁଛନ୍ତି। ବିଜୁ ଜନତା ଦଳ ଗୋଟିଏ ଆଂଚଳିକ ଦଳ ଭାବରେ ଓଡିଶାର ସ୍ୱତନ୍ତ୍ର ପରିଚୟର ପ୍ରଚାର ଓ ପ୍ରସାର ପାଇଁ କାମ କରୁଛି । ଆମର ଦିଲ୍ଲୀରେ କେହି ମୁଖିଆ ନାହାନ୍ତି ।ଓଡିଶାବାସୀ ହେଉଛନ୍ତି ଆମର ମୁଖିଆ। ଆମେ କେବଳ ଓଡିଶାବାସୀଙ୍କ ପାଇଁ କାମ କରୁଛୁ ଓ ସେମାନଙ୍କ ଅଧିକାର ପାଇଁ କାମ କରୁଛୁ ।ମହାନଦୀ ପାଣି ପାଇଁ , ଓଡିଶୀ ସଂଗୀତକୁ ଶାସ୍ତ୍ରୀୟ ମାନ୍ୟତା ଦେବା ପାଇଁ, କୋଶଳୀ ଓ ହୋ ଭାଷାକୁ ସମ୍ବିଧାନର ଅଷ୍ଟମ ସିଡୁଲରେ ସାମିଲ କରିବା ପାଇଁ ,ଓଡିଶାର ଖଣିଜ ସଂପଦର ଲାଭ ଯେପରି ଓଡିଶା ଓ ଓଡିଶାବାସୀ ପାଇବେ, ସେଥିପାଇଁ ଆମେ ଲଢେଇ କରୁଛୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ବିଜୁ ଯୁବ ଜନତା ଦଳର ରାଜ୍ୟ ସାଂଗଠନିକ ସମ୍ପାଦକ ତଥା ବିଧାୟକ ଶ୍ରୀ ପ୍ରଣବ ପ୍ରକାଶ ଦାସ ଯୁବକମାନଙ୍କ ସମ୍ବୋଧନ କରି କହିଥିଲେ ଓଡିଆ ଜାତିର ଅସ୍ମିତା କିପରି ଆଗକୁ ଯିବ ସେଥିପାଇଁ ବିଜୁ ବାବୁ ଯେଉଁ ସ୍ୱପ୍ନ ଦେଖିଥିଲେ ସେ ସ୍ୱପ୍ନକୁ ତାଙ୍କ ସୁପୁତ୍ର ତଥା ଆମ ସମସ୍ତଙ୍କର ନେତାମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ପୂରଣ କରି ଦେଖାଇଛନ୍ତି। ଓଡିଶାର ସମସ୍ତ ଯୁବକମାନେ ତ୍ୟାଗବ୍ରତୀ ହୋଇ ଓଡିଶାର ଜନସାଧାରଣଙ୍କ ସେବାରେ ନିଜକୁ ନିୟୋଜିତ କରନ୍ତୁ। ବିଜୁ ଯୁବ ଜନତା ଦଳର ଏହି କାର୍ଯ୍ୟକାରିଣୀ ବୈଠକରେ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ(ଗଣମାଧ୍ୟମ ବ୍ୟାପାର) ମାନସ ରଞ୍ଜନ ମଙ୍ଗରାଜ, ରାଜ୍ୟ ସାଧାରଣ ସମ୍ପାଦକ (ଯୁବ ବ୍ୟାପାର) ପ୍ରଣବ କୁମାର ବଳବନ୍ତରାୟ,

▶▶ପୃଷ୍ଠା ୭

## ରାଜା ଆଚାର୍ଯ୍ୟ ନାଁରେ ଏନଏସଏ

ଭୁବନେଶ୍ୱର,୧୮।୧୨ (ନି.ପ୍ର): ଗ୍ୟାଙ୍ଗଷ୍ଟାର ରାଜା ଆଚାର୍ଯ୍ୟ ନାମରେ ଜାତୀୟ ନିରାପତା ଆଇନ୍ (ଏନଏସଏ) ଲାଗୁ କରାଯାଇଛି। ଦାଦାବଟି ଆଦାୟ ଓ ସାଧାରଣରେ ଆତଙ୍କ ସୃଷ୍ଟି ପାଇଁ ଏହି ଏନଏସଏ ଲାଗୁ ହୋଇଛି। ଏଥିନେଇ ପୋଲିସ୍ କମିଶନର ସୁଧାଂଶୁ ଷଡଙ୍ଗୀ ନିର୍ଦ୍ଦେଶ ଦେଇଛନ୍ତି।

## ରବିବାରଠୁ ଶୀତ ବଢିବ

ଭୁବନେଶ୍ୱର,୧୮।୧୨ (ନି.ପ୍ର): ଆଗାମୀ ୪୮ଘଂଟାମଧ୍ୟରେ ଓଡ଼ିଶାର ଜିଲ୍ଲାଗୁଡିକରେ ରାତ୍ରି-ତାପମାତ୍ରା ୩ରୁ- ୫ଡ଼ିଗ୍ରୀ ଯାଇଁ କମିବ। ଏହାସହ ଶୀତ ବଢିବାର ସମ୍ଭାବନା ରହିଛି । ପରବର୍ତୀ ୩ଦିନ ଯାଇଁ ଏହି ତାପମାତ୍ରା ରେ କୌଣସି ପରିବର୍ତନର ସମ୍ଭାବନା ନାହିଁ ବୋଲି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ଆସନ୍ତାକାଲି ସକାଳ ସମୟରେ ଅନୁଗୁଳ, ଢେଙ୍କାନାଳ, ମାଲକାନଗିରି, ରାୟଗଡା, କନ୍ଧମାଳ, କଳାହାଣ୍ଡି, କୋରାପୁଟ, ବଲାଙ୍ଗୀର ଏବଂ ବୌଦ୍ଧ ଜିଲ୍ଲାରେ ହାଲୁକାରୁ ମଧମ-ଧରଣ ର କୁହୁଡି ଦେଖାଦେବ। ଦୃଶ୍ୟମାନ ଦୂରତା ୧୦୦୦ ରୁ ୨୦୦ ମିଟର ମଧରେ ରହିବା ସମ୍ଭାବନା ରହିଥିବା ପାଣିପାଗ ବିଭାଗ ସୂଚନା ଦେଇଛି।

## ଭୁବନେଶ୍ୱରରୁ ୨୯ ଆକ୍ରାନ୍ତ, ୨୪ ସୁସ୍ଥ

ଭୁବନେଶ୍ୱର,୧୮।୧୨ (ନି.ପ୍ର): ରାଜଧାନୀ ଭୁବନେଶ୍ୱରରେ ଶୁକ୍ରବାର ଦିନ ଆଉ ୨୯ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିରେ ୧୪ ଜଣ ସଂଗରୋଧ ଓ ୧୫ ଜଣ ସ୍ଥାନୀୟ ଅଂଚଳରୁ ଅଛନ୍ତି। ଅନ୍ୟପକ୍ଷରେ ୨୪ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି ଏବଂ ଜଣଙ୍କର ମୃତ୍ୟୁ ହୋଇଛି । ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଟୁଇଟ ଜରିଆରେ ଏହି ସୂଚନା ଦିଆଯାଇଛି। ନୂତନ ଆକ୍ରାନ୍ତଙ୍କୁ ମିଶାଇ ଭୁବନେଶ୍ୱରରୁ ଆଜି ପର୍ଯ୍ୟନ୍ତ ୩୧,୩୦୨ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଏଥିରୁ ୩୦,୬୯୦ ଜଣ ସୁସ୍ଥ ହୋଇସାରିଛନ୍ତି। ଏବେ ୩୬୦ ଜଣ ଆକ୍ରାନ୍ତ ସକ୍ରିୟ ଥିବା ବେଳେ ୨୩୧ ଜଣଙ୍କର ମୃତ୍ୟୁ ହୋଇଛି। ଆକ୍ରାନ୍ତଙ୍କ ମଧ୍ୟରେ ଝାରପଡାରୁ ସର୍ବାଧିକ ୫ ଜଣ, ଆଇଆରସି ଭିଲେଜ ଓ ବରମୁଣ୍ଡାରୁ ୩ ଜଣ ଲେଖାଏଁ ରହିଛନ୍ତି।

## କୋବିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୨୧ ଗିରଫ

ଭୁବନେଶ୍ୱର,୧୮।୧୨ (ନି.ପ୍ର): ରାଜ୍ୟରେ କୋବିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୨୧ ଜଣଙ୍କୁ ଗିରଫ କରିଥିବା ବେଳେ ୬୩୩ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୨୧,୪୮,୯୦୦ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

## ୩ରୁ ଖୋଲିବ ଭୁବନେଶ୍ୱରର ସବୁ ମନ୍ଦିର



ଭୁବନେଶ୍ୱର,୧୮।୧୨ (ନି.ପ୍ର): ଆସନ୍ତା ଜାନୁଆରୀ ୩ ତାରିଖରେ ଭୁବନେଶ୍ୱରର ସମସ୍ତ ମନ୍ଦିର ଖୋଲିବ।। ଏସମ୍ପର୍କରେ ଶୁକ୍ରବାର ଦିନ ଭୁବନେଶ୍ୱର ମହାନଗର ନିଗମ (ବିଏମସି) ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଭୁବନେଶ୍ୱର ସ୍ଥିତ ଶ୍ରୀ ଲିଙ୍ଗରାଜ ମନ୍ଦିର ବ୍ୟତିତ ଅନ୍ୟ ମନ୍ଦିର ଖୋଲିବାକୁ ବି ନିଷ୍ପତି ନିଆଯାଇଛି । ତେବେ ଦର୍ଶନ ସମୟରେ ମନ୍ଦିର କର୍ତୃପକ୍ଷ ସମସ୍ତ କୋଭିଡ୍ ଗାଇଡ୍ ଲାଇନ୍ ପାଳନ କରିବାକୁ ବିଏମସି ନିର୍ଦ୍ଦେଶ ଦେଇଛି । ଅପରକ୍ଷରେ ଆସନ୍ତା ୨୫ ତାରିଖରେ ବଡଦିନ ପାଇଁ ବିଏମସି ଅଧୀନରେ ଥିବା ସମସ୍ତ ଚର୍ଚ୍ଚ ଖୋଲା ରହିବ। ଧାର୍ମିକ ଅନୁଷ୍ଠାନର ସ୍ଥାନୀୟ କମିଟି କୋଭିଡ୍ ଗାଇଡ୍ ପାଳନ କରିବା ନେଇ ବିଏମସିରେ ଅଣ୍ଡରଟେକିଂ ଦାଖଲ କରିବେ। ମନ୍ଦିର କେଉଁ ତାରିଖରେ ଖୋଲିବେ , ଗୋଟିଏ ସମୟରେ ସାମାଜିକ ଦୂରତା (୬ ଫୁଟ୍) ରକ୍ଷା କରି କେତେ ସଂଖ୍ୟକ ଭକ୍ତ ମନ୍ଦିର ପରିସରରେ

▶▶ପୃଷ୍ଠା ୭

## ୨୭ରୁ ଖୋଲିବ ଲିଙ୍ଗରାଜ ମନ୍ଦିର

ଭୁବନେଶ୍ୱର,୧୮।୧୨ (ନି.ପ୍ର): ଆସନ୍ତା ଡିସେମ୍ବର୨୭ ତାରିଖରୁ ଲିଙ୍ଗରାଜ ମନ୍ଦିର ଖୋଲିବ। ଏସମ୍ପର୍କରେ ଶୁକ୍ରବାର ଦିନ ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ଏହା ଅନୁଯାୟୀ ୨୭ ତାରିଖରୁ ୩୧ ତାରିଖ ଯାଏଁ କେବଳ ସେବାୟତ ଓ ସେମାନଙ୍କ ପରିବାର ଦର୍ଶନ କରିପାରିବେ। ଜାନୁଆରୀ ୧ ଓ ୨ରେ ଲିଙ୍ଗରାଜ ମନ୍ଦିର ବନ୍ଦ ରହିବ। ଏପରିକି ସେବାୟତଙ୍କ ପାଇଁ ମଧ୍ୟ ବନ୍ଦ ରହିବ। ତେବେ ମନ୍ଦିର ପୂଜାବିଧି ପାଳନ କରାଯିବ। ୩ରୁ ୫ ତାରିଖ ଯାଏଁ ରାଜଧାନୀ ବାସିନ୍ଦାଙ୍କୁ ଦର୍ଶନ ଅନୁମତି ମିଳିବ। ତେବେ ସେମାନଙ୍କୁ କୋଭିଡ୍ ନେଗେଟିଭ୍ ରିପୋର୍ଟ ଦେଖାଇବା ପରେ ମନ୍ଦିର ମଧ୍ୟକୁ ପ୍ରବେଶ ଅନୁମତି ମିଳିବ। ଟେଷ୍ଟ ରିପୋର୍ଟ ୫ ଦିନ ପୂର୍ବର ହୋଇଥିବ। ଜାନୁଆରୀ ୬ ତାରିଖରୁ ରାଜ୍ୟତଥା ରାଜ୍ୟ ବାହାରର ଭକ୍ତ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କୁ ଦର୍ଶନ କରିପାରିବେ। ଜାନୁଆରୀ ୩୧ ତାରିଖ ପର୍ଯ୍ୟନ୍ତ ମନ୍ଦିର ସିଂହଦ୍ୱାର ଠାରୁ ଆଡକାଠ ପର୍ଯ୍ୟନ୍ତ ଏକା ସହ ୫୦୦ ଲୋକ ରହିପାରିବେ। ଜାନୁଆରୀ ୩ରୁ ୧୫ ପର୍ଯ୍ୟନ୍ତ ମନ୍ଦିର ବାହାରେ ସକାଳ ୭ ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ସ୍କ୍ରିନିଂ ସେଂଟର ଓ ଆଂଟିଜେନ୍ ସେଂଟର ଖୋଲା ରହିବ। ସାନିଟାଇଜର, ମାସ୍କ ଓ ସାମାଜିକ ଦୂରତା ରକ୍ଷା ଉପରେ ଗୁରୁତ୍ୱ ଦିଆଯିବ। ମନ୍ଦିର ପରିସର ଭିତରେ ବା ବାହାରେ ପାନ ଓ ଗୁଟଖା ଖାଇବା ମନା ।ଅସୁସ୍ଥ ବା ଲକ୍ଷଣ ଥିବା ବ୍ୟକ୍ତିଙ୍କୁ ପ୍ରବେଶ ଅନୁମତି ମିଳିବନି।

▶▶ପୃଷ୍ଠା ୭

## ତିନିଦିନିଆ ପଶ୍ଚିମବଙ୍ଗ ଗସ୍ତରେ କେନ୍ଦ୍ରମନ୍ତ୍ରୀ
# ଇସ୍କୋ ଓ ଦୁର୍ଗାପୁର ଇସ୍ପାତ କାରଖାନା ପରିଦର୍ଶନ କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର



କଲିକତା/ଭୁବନେଶ୍ୱର,୧୮।୧୨ (ନି.ପ୍ର): କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୁକ୍ରବାର ତିନିଦିନିଆ ପଶ୍ଚିମବଙ୍ଗ ଗସ୍ତ କରି ପ୍ରଥମ ଦିନରେ ଷ୍ଟିଲ୍ ଅଥୋରିଟି ଅଫ୍ ଇଣ୍ଡିଆ ତଥା ସେଲ୍‌ର ବର୍ନପୁର ସ୍ଥିତ ଇସ୍କୋ ଇସ୍ପାତ କାରଖାନା ଓ ଦୁର୍ଗାପୁର ଇସ୍ପାତ କାରଖାନା ପରିଦର୍ଶନ କରିବା ସହ ବିଭାଗୀୟ ଅଫିସର ମାନଙ୍କ ସହ ପରିଚାଳନା କାର୍ଯ୍ୟର ସମୀକ୍ଷା କରିଛନ୍ତି। ଇସ୍କୋ ଇସ୍ପାତ କାରଖାନା ଦେଶର ଅନ୍ୟତମ ସର୍ବପୁରାତନ ପ୍ରତିଷ୍ଠିତ ଇସ୍ପାତ୍ କାରଖାନା ମଧ୍ୟରୁ ଅନ୍ୟତମ ଏବଂ ଏହି କାରଖାନା ପୂର୍ଣ୍ଣକାଳୀନ ସମନ୍ୱିତ ଇସ୍ପାତ କାରଖାନା ଭାବେ କାର୍ଯ୍ୟକ୍ଷମ ।

▶▶ପୃଷ୍ଠା ୭

## କୋଭିଡ୍ ଟୀକାକରଣ ପାଇଁ ରାଜ୍ୟ ସରକାରଙ୍କ ପ୍ରସ୍ତୁତି

ଭୁବନେଶ୍ୱର,୧୮।୧୨ (ନି.ପ୍ର): ଓଡ଼ିଶାରେ ଟିକାକରଣ ପାଇଁ ସଂପୂର୍ଣ୍ଣ ବ୍ଲୁ-ପ୍ରିଂଟ ପ୍ରସ୍ତୁତ କରିଛନ୍ତି ରାଜ୍ୟ ସରକାର । ଟିକା ନେବା ପାଇଁ ୩ ଲକ୍ଷ ୨୦ ହଜାର ସ୍ୱାସ୍ଥ୍ୟକର୍ମୀଙ୍କର ତାଲିକା ପ୍ରସ୍ତୁତ କରାଯାଇଛି । ସେଥିରେ ଅଛନ୍ତି ୧ଲକ୍ଷ ୪୦ ହଜାର ଅଙ୍ଗନବାଡ଼ି କର୍ମୀ, ସହାୟିକା, ସୁପରଭାଇଜର ଓ ସିଡିପିଓ । ଟିକାକରଣ ପାଇଁ ୨୯ ହଜାର ୨୭୬ଟି କେନ୍ଦ୍ର ଚିହ୍ନଟ କରାଯାଇଛି । ୮୨୭୬ ଜଣ ଟିକାଦାନ କର୍ମୀ ନିୟୋଜିତ ହେବେ । ଏସମ୍ପର୍କରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଟିକା ମହଜୁଦ ରଖିବାକୁ କୋଲ୍ଡ ଚେନ୍ ବା ଶୀତଳ ଶୃଙ୍ଖଳ ବ୍ୟବସ୍ଥା ପାଇଁ ମଧ ପ୍ରସ୍ତୁତି କରିଛି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ । ଏଥିପାଇଁ ସ୍ଥାନ ଚିହ୍ନଟ କରାଯାଇଛି । ଟିକାକୁ ସୁରକ୍ଷିତ ଭାବେ ଗଚ୍ଛିତ ରଖିବା ପାଇଁ ମୋଟ ୧୨୨୨ କୋଲ୍ଡ ଚେନ୍ ପଏଂଟ କରାଯାଇଛି ।ଗୋଟିଏ ରାଜ୍ୟସ୍ତରୀୟ ଟିକାକରଣ ଷ୍ଟୋର ରହିଥିବା ବେଳେ ୯ଟି ଆଂଚଳିକ ଷ୍ଟୋର ଏବଂ ଭୁବନେଶ୍ୱର ଓ ରାଉରକେଲା ସମେତ ୩୨ଟି ଜିଲ୍ଲାସ୍ତରୀୟ ଷ୍ଟୋର ପାଇଁ ବ୍ୟବସ୍ଥା କରିଛନ୍ତି ରାଜ୍ୟ ସରକାର । ବ୍ଲକ ସ୍ତରରେ ୧୧୮୦ କୋଲ୍ଡ ଚେନ୍ ପଏଂଟ କାର୍ଯ୍ୟ କରିବ ।ଟିକାକରଣ ନେଇ ରାଜ୍ୟ ଷ୍ଟିୟରିଂ କମିଟି, ରାଜ୍ୟ ଟାସ୍କ ଫୋର୍ସ କମିଟି, ଜିଲ୍ଲା କମିଟି ଓ ବ୍ଲକ କମିଟି ଗଠନ କରାଯାଇଛି । ଏହସବୁ କମିଟି ପରସ୍ପର ସହ ସମନ୍ୱୟ ରକ୍ଷା କରି ଟିକାକରଣ କାର୍ଯ୍ୟର ସମୀକ୍ଷା କରିବେ ।

## ଓଡ଼ିଶା ହେବ ଆଇଟି ହବ୍

ଭୁବନେଶ୍ୱର,୧୮।୧୨ (ନି.ପ୍ର): ଆଇଟି କ୍ଷେତ୍ରରେ ଓଡ଼ିଶାକୁ ଏକ ନମ୍ବର ରାଜ୍ୟ ଭାବେ ଗଢ଼ି ତୋଳିବା ପାଇଁ କାର୍ଯ୍ୟ କରିବାକୁ ମନ୍ତ୍ରୀ ତୁଷାରକାନ୍ତି ବେହେରା ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି । ଏସ୍‌ଟିପିଆଇ ଗୋଠପାଟଣା କେନ୍ଦ୍ର କାର୍ଯ୍ୟକାରୀ ହେବା ପରେ ନୂଆଦିଲ୍ଲୀ ପରେ ଏହା ସମଗ୍ର ଦେଶରେ ଦ୍ୱିତୀୟ ଉତ୍କର୍ଷ କେନ୍ଦ୍ର ଭାବେ ପରିଗଣିତ ହେବ। ଏଥି ସହିତ ଆଇଟି କ୍ଷେତ୍ରରେ ନିଯୁକ୍ତି ବହୁମାତ୍ରାରେ ବୃଦ୍ଧି ପାଇବବୋଲି ଅଧିକାରୀମାନେ ମନ୍ତ୍ରୀଙ୍କୁ ଅବଗତ କରାଇଛନ୍ତି । ଇଲେକ୍‌ଟ୍ରୋନିକ୍ସ, ସୂଚନା ପ୍ରଯୁକ୍ତି ବିଦ୍ୟା, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ଶ୍ରୀ ତୁଷାରକାନ୍ତି ବେହେରା ଗତକାଲି ଗୋଠପାଟଣାସ୍ଥିତ ଏସ୍‌ଟିପିଆଇ କେନ୍ଦ୍ର ପରିଦର୍ଶନ କରିଥିଲେ।

▶▶ପୃଷ୍ଠା ୭

## ରାଜ୍ୟରେ ଆଉ ୪ ଜଣଙ୍କର କରୋନାରେ ମୃତ୍ୟୁ : ମୃତ୍ୟୁ ସଂଖ୍ୟା ୧୮୨୯ ହେଲା

ଭୁବନେଶ୍ୱର,୧୮।୧୨ (ନି.ପ୍ର): ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ପୁଣି ୫ ଜଣ କରୋନା ସଂକ୍ରମିତଙ୍କର ମୃତ୍ୟୁ ଘଟିଛି । ଏହା ଫଳରେ ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୧୮୨୯ କୁ ବୃଦ୍ଧି ପାଇଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଆଜି ମୃତ୍ୟୁବରଣ କରିଥିବା କରୋନା ଆକ୍ରାନ୍ତଙ୍କ ମଧ୍ୟରେ ଖୋର୍ଧା, ଜଗତସିଂହପୁର, କେନ୍ଦ୍ରାପଡା ଓ ପୁରୀ ଜିଲ୍ଲାର ଜଣେ ଜଣେ ଅଛନ୍ତି । ଜଗତସିଂହପୁର ଜିଲ୍ଲାର ଜଣେ ୭୧ ବର୍ଷୀୟ ପୁରୁଷଙ୍କ ମୃତ୍ୟୁ ଘଟିଛି । ଭୁବନେଶ୍ୱରର ଜଣେ ୬୩ ବର୍ଷୀୟ କରୋନା ସଂକ୍ରମିତ ପୁରୁଷ ମୃତ୍ୟୁବରଣ କରିଛନ୍ତି। ସେ କ୍ରନିକ କିଡନୀ ରୋଗ ଓ ଅନ୍ୟ ରୋଗରେ ପୀଡିତ ଥିଲେ । ପୁରୀ ଜିଲ୍ଲାର ଜଣେ ୬୦ ବର୍ଷୀୟ ପୁରୁଷ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି ସୁନ୍ଦରଗଡ ଜିଲ୍ଲାର ଜଣେ ୬୭ ବର୍ଷୀୟ ପୁରୁଷଙ୍କ କରୋନାରେ ମୃତ୍ୟୁ ଘଟିଛି। କେନ୍ଦ୍ରାପଡା ଜିଲ୍ଲାର ଜଣେ ୬୧ ବର୍ଷୀୟ କରୋନା ଆକ୍ରାନ୍ତ ପୁରୁଷଙ୍କ ମୃତ୍ୟୁ ଘଟିଛି।

## ପରୀ ହତ୍ୟାକାଣ୍ଡ ମାମଲା
# ଏସଆଇଟିକୁ ଲଗାଇ ରାଜ୍ୟସରକାର ଅରୁଣ ସାହୁଙ୍କୁ ସୁରକ୍ଷା ଦେଉଛନ୍ତି : ବିଜେପି

**ଅରୁଣ ବୋଥ୍ରାଙ୍କୁ ଏସଆଇଟି ମୁଖ୍ୟ ପଦବୀରୁ ପ୍ରତ୍ୟାହାର କରାଯାଉ**



ଭୁବନେଶ୍ୱର,୧୮।୧୨ (ନି.ପ୍ର): ପରୀ ହତ୍ୟାକାଣ୍ଡର ତଦନ୍ତ କରୁଥିବା ଏସଆଇଟି ମୁଖ୍ୟ ଅରୁଣ ବୋଥ୍ରା ଯଦୁପୁର ଗାଁର ସରୋଜ ସେଠୀଙ୍କୁ ଦୋଷ ସ୍ୱୀକାର କରିବା ପାଇଁ ୫ ଲକ୍ଷ ଟଙ୍କାର ଲୋଭ ଦେଖାଇବା ଅତ୍ୟନ୍ତ ନିନ୍ଦନୀୟ ଘଟଣା । ଏହା ସହ ତାଙ୍କ ବୟସ ୧୮ ବର୍ଷ ହୋଇଥିବାବେଳେ ତାଙ୍କୁ ୧୭ ବର୍ଷ ଦେଖାଇ ବାଳ ଅପରାଧୀ ସଜାଇ କମ୍ ଦଫାରେ ଖସାଇବାର ଷଡଯନ୍ତ୍ର ରଚିଛନ୍ତି ଏସଆଇଟି ମୁଖ୍ୟ । ଏଣୁ ରାଜ୍ୟସରକାର ତୁରନ୍ତ ଅରୁଣ ବୋଥ୍ରାଙ୍କୁ ଏସଆଇଟି ମୁଖ୍ୟ ପଦବୀରୁ ପ୍ରତ୍ୟାହାର କରନ୍ତୁ ବୋଲି ବିଜେପି ରାଜ୍ୟ ସାଧାରଣ ସଂପାଦିକା ଡ. ଲେଖାଶ୍ରୀ ସାମନ୍ତସିଂହାର ଦାବି କରିଛନ୍ତି । ପରୀ ହତ୍ୟାକାଣ୍ଡ ଓ ଅଙ୍ଗତସ୍କରୀ ର୍‌ୟାକେଟ ପଛରେ ବିଜେଡି ନେତାଙ୍କ ସଂପୃକ୍ତି ରହିଛି। ସେଥିପାଇଁ ପରୀ ହତ୍ୟାକାଣ୍ଡରେ ମୁଖ୍ୟ ଅଭିଯୁକ୍ତ ବାବୁଲି ନାଏକକୁ ଶାସକ ଦଳ ମନ୍ତ୍ରୀ ଅରୁଣ ସାହୁ ସୁରକ୍ଷା ଯୋଗାଇ ଚାଲିଛନ୍ତି । ସମାନଢଙ୍ଗରେ ଏସଆଇଟିକୁ ଲଗାଇ ରାଜ୍ୟସରକାର ଅରୁଣ ସାହୁଙ୍କୁ ସୁରକ୍ଷା ଦେବା କାର୍ଯ୍ୟ କରୁଛନ୍ତି ବୋଲି ଡ.ସାମନ୍ତସିଂହାର ଅଭିଯୋଗ କରିଛନ୍ତି । ନିଜେ ସ୍ୱଚ୍ଛ ଶାସନ ଦେଉଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ଡିଣ୍ଡିମ ପିଟୁଥିବାବେଳେ ମନ୍ତ୍ରୀ ଅରୁଣ ସାହୁଙ୍କୁ ମନ୍ତ୍ରୀମଣ୍ଡଳରୁ ବହିଷ୍କାର କରୁନାହାଁନ୍ତି କାହିଁକି ? ରାଜ୍ୟସରକାର ଏବଂ ମୁଖ୍ୟମନ୍ତ୍ରୀଙ୍କ ଏମିତି କ'ଣ ଦୋଷ ଦୁର୍ବଳତା ମନ୍ତ୍ରୀ ଅରୁଣ ସାହୁ ଜାଣିଛନ୍ତି କି ଯାହା ଫଳରେ ବିଭିନ୍ନ ଘଟଣାରେ ଯେତେ ଭୂଲ କଲେ ସୁଦ୍ଧା ମନ୍ତ୍ରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ । ଗୋଟିଏପଟେ ମୁଖ୍ୟମନ୍ତ୍ରୀ 'ମୋ ସରକାର' କରି ଲୋକଙ୍କୁ ସୁବିଧା ଦେବା କଥା କହୁଛନ୍ତି ଅନ୍ୟପଟେ ଅଭିଯୁକ୍ତଙ୍କୁ ଘଂଟ ଘୋଡାଉଥିବା ପୋଲିସ ଏସପି ଓ ନିଜ ଦଳର ମନ୍ତ୍ରୀଙ୍କୁ ସୁରକ୍ଷା ଦେବାର କାର୍ଯ୍ୟ କରୁଛନ୍ତି ବୋଲି ଡ.ସାମନ୍ତସିଂହାର ଅଭିଯୋଗ କରିଛନ୍ତି । ଏହା ପୂର୍ବରୁ ଏସଆଇଟିର ପ୍ରାଥମିକ ତଦନ୍ତ ରିପୋର୍ଟକୁ ଲିକ୍ କରାଯାଇଥିଲା ଏବଂ ମାନ୍ୟବର ହାଇକୋର୍ଟ ମଧ ଏସଆଇଟିର କାର୍ଯ୍ୟ ଉପରେ କ୍ଷୋଭ ପ୍ରକାଶ କରିଛନ୍ତି । ଏଭଳି ସ୍ଥିତିରେ ମନ୍ତ୍ରୀ ଅରୁଣ ସାହୁଙ୍କ ବହିଷ୍କାର ଏବଂ ସିବିଆଇ ତଦନ୍ତ କଲେ ହିଁ ପରୀକୁ ନ୍ୟାୟ ମିଳିପାରିବ । ପରୀ ହତ୍ୟାକାଣ୍ଡ ଘଟଣାରେ ରାଜ୍ୟସରକାର ଦୋଷୀକୁ ଦଣ୍ଡ ଦେବେ କି ସୁରକ୍ଷା ଦେବେ ତାହା ରାଜ୍ୟବାସୀଙ୍କ ଆଗରେ ସ୍ପଷ୍ଟ କରିବାକୁ ଡ.ସାମନ୍ତସିଂହାର ଦାବି କରିଛନ୍ତି ।

## ଗୋଟିଏ ଦିନରେ ୩୫୮ କରୋନା ଆକ୍ରାନ୍ତ ଚିହ୍ନଟ : ସଂକ୍ରମିତଙ୍କ ସଂଖ୍ୟା ୩୨୫୧୪୭

ଭୁବନେଶ୍ୱର,୧୮।୧୨ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୩୫୮ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୩୨୫୫୦୫ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ୩୨୦୫୮୪ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ମାମଲା ୩୦୩୯ ରହିଛି । ଆଜି ଚିହ୍ନଟ ହୋଇଥିବା ୩୫୮ ଜଣଙ୍କ ମଧ୍ୟରୁ ୨୦୮ ଜଣ ସଂଗରୋଧରୁ ହୋଇଥିବା ବେଳେ ୧୫୦ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୭ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଅନୁଗୁଳ ଜିଲ୍ଲାରେ ସବୁଠାରୁ ଅଧିକ ୫୨ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଅନୁଗୁଳ ଜିଲ୍ଲାରୁ ୫୨ ଜଣ କରୋନା ସଂକ୍ରମିତ ହୋଇଥିବା ବେଳେ ବାଲେଶ୍ୱରରୁ ୩୫ ଜଣ, ବରଗଡ଼ରୁ ୭ ଜଣ, ଭଦ୍ରକରୁ ୧ ଜଣ, ବଲାଙ୍ଗୀରରୁ ୧୩ ଜଣ ରହିଛନ୍ତି ।

▶▶ପୃଷ୍ଠା ୭

# ଧାମରା ବନ୍ଦର କର୍ତ୍ତୃପକ୍ଷଙ୍କ ବିରୁଦ୍ଧରେ ଆନ୍ଦୋଳନ ପାଇଁ ବିଏମ୍ଏସ୍ର ପ୍ରସ୍ତୁତି ବୈଠକ

ଭଦ୍ରକ,୧୮।୧୨ (ନି.ପ୍ର): ଧାମରା ବନ୍ଦର କର୍ତ୍ତୃପକ୍ଷଙ୍କ ମନମୁଖୀ କାର୍ଯ୍ୟକୁ ବିରୋଧ କରି ଭାରତୀୟ ମଜଦୁର ସଂଘ ଓ ଏହା ସହ ଅନୁବନ୍ଧିତ ଧାମରା ବନ୍ଦର କର୍ମଚାରୀ ସଂଘ ପକ୍ଷରୁ ଆସନ୍ତା ୨୧ ତାରିଖରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଓ ପ୍ରତିବାଦ ସଭା ଅନୁଷ୍ଠିତ ହେବ । ଏ ନେଇ ଏକ ପ୍ରସ୍ତୁତି ବୈଠକ ଭାରତୀୟ ମଜଦୁର ସଂଘର ଜିଲ୍ଲା ସଭାପତି ମନୋଜ ବସନ୍ତରାୟଙ୍କ ପୌରୋହିତ୍ୟରେ ଜିଲ୍ଲା କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ଧାମରା ବନ୍ଦର କର୍ମଚାରୀ ସଂଘର ସଭାପତି ଶାନ୍ତନୁ କମାର ମହାପାତ୍ର ଯୋଗ ଦେଇ ଧାମରା ବନ୍ଦର କର୍ତ୍ତୃପକ୍ଷ ଶ୍ରମିକମାନଙ୍କୁ ବୋନସ ପ୍ରଦାନ ନକରିବା, ବନ୍ଦରରେ କାର୍ଯ୍ୟଭାର ନେଉଥିବା କଣ୍ଟ୍ରାକ୍ଟରମାନେ ଆକ୍ରୋଶମୂଳକ ଭାବେ ଶ୍ରମିକଙ୍କୁ ଛଟେଇ କରିବା, କର୍ମଚାରୀଙ୍କୁ ଇପିଏଫ୍ ସ୍ଲିପ ନଦେବା, ଇଏସ୍ଆଇ ପରିସରଭୁକ୍ତ ନକରିବା, ଏଲ୍ଏନ୍ଜି ଟର୍ମିନାଲରେ କର୍ମଚାରୀ ଓ ଶ୍ରମକିଙ୍କୁ ପରିଚୟପତ୍ର ନଦେବା, ଓଭର ଟାଇମ ପ୍ରାପ୍ୟ ନଦେବା ଭଳି ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ଏ ସଂକ୍ରାନ୍ତରେ ବାରମ୍ବାର ବନ୍ଦର କର୍ତ୍ତୃପକ୍ଷ, ଜିଲ୍ଲା ଶ୍ରମ ଅଧିକାରୀ, ଜିଲ୍ଲାପାଳ ପ୍ରମୁଖଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ ରାଜନୈତିକ ଓ ପ୍ରଶାସନିକ ଚାପ ଯୋଗୁ ଶ୍ରମିକମାାନଙ୍କ ନ୍ୟାର୍ଯ୍ୟ ଦାବି ହାସଲ ହୋଇ ପାରୁନାହିଁ । ଏଥିଲାଗି ବାଧ ହୋଇ ସଂଘ ପକ୍ଷରୁ ଆସନ୍ତ ୨୧ ତାରିଖରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ, ପ୍ରତିବାଦ ସଭା ଓ ଗଣଧାରଣା ଆଦି ଅନୁଷ୍ଠିତ ହେବ ବୋଲି ପ୍ରସ୍ତୁତି ବୈଠକରେ ସ୍ଥିର କରାଯାଇଛି । ଏହି ବୈଠକରେ ବିଏମ୍ଏସ୍ର ଜିଲ୍ଲା ସାଧାରଣ ସମ୍ପାଦକ ମୁକ୍ତିକାନ୍ତ ସାହୁ, ସଂଗଠନ ସମ୍ପାଦକ ପରେଶ ନାଥ ଧଳ, ବିଜୟ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।




# ଟିଟିଲାଗଡ଼ ଓ କେସିଙ୍ଗା ଷ୍ଟେସନ ମଧ୍ୟରେ ରୋଡ଼ ଅଣ୍ଡର ବ୍ରିଜ୍ କାର୍ଯ୍ୟ ଅଗ୍ରାଧିକାର ଭିତିରେ ସମାପ୍ତ

ସମ୍ବଲପୁର,୧୮।୧୨ (ନି.ପ୍ର): ସମ୍ବଲପୁର ମଣ୍ଡଳର ଟିଟିଲାଗଡ଼ ଓ କେସିଙ୍ଗା ଷ୍ଟେସନ ମଧ୍ୟରେ ଲେଭେଲ କ୍ରସିଙ୍ଗ ସଂଖ୍ୟା ଆର୍‌ଭି ୧୭୨ ନିକଟରେ ନିକଟରେ ଏହି ୩୬ ମିଟର ରୋଡ଼ ଅଣ୍ଡର ବ୍ରିଜ୍ର ନିର୍ମାଣ ସୂଚାରୁ ରୂପେ ସମ୍ପନ୍ନ ହୋଇଯାଇଛି । ଜାତୀୟ ରାଜପଥ ୨୬ରେ ଥିବା ଲେଭେଲ୍ କ୍ରସିଙ୍ଗ ଗେଟ୍ ବାରମ୍ବାର ବନ୍ଦ ହେଉଥିବା ହେତୁ ଜନସାଧାରଣ ଭୋଗୁଥିବା ସମସ୍ୟା, ଏହି ରୋଡ୍ ଅଣ୍ଡର ବ୍ରିଜ୍ ନିର୍ମାରହେବା ଦ୍ୱାରା ଦୂର ହୋଇପାରିବ । ଏହି ରୋଡ୍ ଅଣ୍ଡର ବ୍ରିଜ୍ ନିର୍ମାଣ ପାଇଁ ଦୀର୍ଘ ଦିନରୁ ଦାବି ହୋଇ ଆସୁଥିଲା । ଟ୍ରାକ୍ ତଳେ ୨ ଗୁଣନ ୫ ମି. ଗୁଣନ ୫.୧୫ ମି. ଆଭ୍ୟନ୍ତରୀଣ ଆକାରର ୪୮ ସଂଖ୍ୟକ ପ୍ରିକାଷ୍ଟ ଆର୍‌ସିସି ଟୁଇନ୍ ବକ୍ସ ଗୁଡ଼ିକୁ ଲଗାଇବା ପାଇଁ ୭ ଘଂଟା କାଳ ଯାତାୟତ ବନ୍ଦ ରଖି ଏହି ରୋଡ୍ ଅଣ୍ଡର ବ୍ରିଜ୍‌ଟିକୁ ସୂଚାରୁ ରୂପେ ସମ୍ପୂର୍ଣ୍ଣ କରାଯାଇଥିଲା । ଯଦିଓ ୨୦୧୬ ମସିରେ ଲେଭେଲ୍ କ୍ରସିଙ୍ଗ ସଂଖ୍ୟା ଆରଭି ୧୭୨ ବଦଳରେ ରୋଡ଼ ଓଭର ବ୍ରିଜ୍ ନିର୍ମାଣ ନିମନ୍ତେ ଅନୁମୋଦନ କରାଯାଇଥିଲା ଏବଂ ତାହାକୁ ଜାତୀୟ ରାଜପଥ ଦ୍ୱାରା ନିର୍ମାଣ ହେବାର ଥିଲା, ମାତ୍ର ଭୂମି ଅଧିଗ୍ରହଣ ସମସ୍ୟା ପାଇଁ ତାହା ଜାତୀୟ ରାଜପଥଙ୍କ ଦ୍ୱାରା ଏ ପର୍ଯ୍ୟନ୍ତ କରଯାଇ ନାହିଁ । ତେଣୁ ଓଡ଼ିଶା ସରକାରଙ୍କ ଅନୁରୋଧ କ୍ରମେ ରେଳ କର୍ତ୍ତୃପକ୍ଷ ଏହି ରୋଡ୍ ଅଣ୍ଡର ବ୍ରିଜ୍‌କୁ ନିଜସ୍ୱ ଖର୍ଚ୍ଚରେ ନିର୍ମାଣ କରିବାକୁ ସମ୍ମତି ପ୍ରଦାନ କରିଥିଲେ ଏହି ରୋଡ୍ ଅଣ୍ଡର ବ୍ରିଜ୍ ନିର୍ମାଣ ନିମନ୍ତେ ୧୩.୩୭ କୋଟି ଟଙ୍କା ବ୍ୟୟ ଅଟକଳ ହୋଇଥିଲା । ରେଳବାଇ ଏହି କାର୍ଯ୍ୟକୁ ଅଗ୍ରାଧିକାର ଭିତିରେ ଆରମ୍ଭ କରିଥିଲା ଏବଂ କାର୍ଯ୍ୟ ସମାପ୍ତ ତାରିଖ ୨୮.୦୨.୨୦୨୧ ଥିବା ବେଳେ ଏହାକୁ ଯଥେଷ୍ଟ ପୂର୍ବରୁ ୬ ମାସ ମଧ୍ୟରେ ସମ୍ପୂର୍ଣ୍ଣ କରାଯାଇଛି । ରେଳବାଇ ତ୍ୱରିତ ଭିତିରେ ଟେଣ୍ଡର ପ୍ରକ୍ରିୟା ଚୂଡ଼ାନ୍ତ କରିଥିଲା ଏବଂ କୋଭିଡ୍ କଟକଟା ସତ୍ୱେ ୪ ମାସର ସ୍ୱଳ୍ପ ସମୟାବଧି ମଧ୍ୟରେ ୪୮ ସଂଖ୍ୟକ ବକ୍ସ ସେଗ୍‌ମେଂଟ ଓ ୧୦ ସଂଖ୍ୟକ ପ୍ରିକାଷ୍ଟ ରିଟେନିଂ ୱାଲ୍ କାର୍ଯ୍ୟ ସମାପ୍ତ କରିଥିଲା । ପୂର୍ବ ତଟ ରେଳପଥ ପକ୍ଷରୁ ସୂଚାରୁ ରୂପେ ଯାତାୟତ ବନ୍ଦର ବ୍ୟବସ୍ଥା କରାଯାଇ ଟ୍ରାକ୍ ତଳେ ବକ୍ସ ଗୁଡ଼ିକର ପୂରାଇବା କାର୍ଯ୍ୟ ସଫଳ ରୂପେ ସମ୍ପାଦନ କରାଯାଇଥିଲା । ପୂର୍ବତଟ ରେଳପଥର ମହାପ୍ରବନ୍ଧକ ବିଦ୍ୟା ଭୂଷଣ ଦାୟିତ୍ୱରେ ଥିବା ରେଳ କର୍ମୀ ମାନଙ୍କୁ ସେମାନଙ୍କର ଉତ୍ସର୍ଗୀକୃତ କାର୍ଯ୍ୟ ଓ ଶୀଘ୍ର କାର୍ଯ୍ୟ ସମ୍ପାଦନ କରିଥିବାରୁ ଅଭିନନ୍ଦନ ଜଣାଇଛନ୍ତି । ଉପରୋକ୍ତ କାର୍ଯ୍ୟର ସଫଳ ସମ୍ପାଦନ ସହିତ, ପୂର୍ବତଟ ରେଳପଥ ପୁଣି ଥରେ ସରକାରୀ ପ୍ରକଳ୍ପ ଗୁଡ଼ିକର ସମ୍ପାଦନ ଦିଗରେ ଏହାର ପ୍ରତିଶ୍ରୁତିବଦ୍ଧତା ଓ ଉତ୍ସର୍ଗୀକୃତ ସେବା ମନୋଭାବକୁ ଦୋହରାଇଛି । ଉପରୋକ୍ତ ପ୍ରକଳ୍ପକୁ ସଫଳତାର ସହ ସମ୍ପୂର୍ଣ୍ଣ କରିବା କାର୍ଯ୍ୟ କେସିଙ୍ଗା ତଥା କଳାହାଣ୍ଡିର ଜନସାଧାରଣଙ୍କ ଆଶା ଓ ଆକାଂକ୍ଷାକୁ ପୂରଣ କରିଥିବାରୁ ଏକ ସୁଦୂର ପ୍ରସାରୀ ପ୍ରଭାବ ପକାଇବ ।

## କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ୧୦ ଦଫା ଦାବିପତ୍ର ପ୍ରଦାନ

କେନ୍ଦ୍ରାପଡ଼ା,୧୮।୧୨ (ନି.ପ୍ର): ଓଡିଶାର ସର୍ବ ପୁରାତନ କେନ୍ଦ୍ରାପଡା ମୁନିସିପାଲଟିର ରାସ୍ତାଘାଟ ପରିମଳ ବ୍ୟବସ୍ଥା ଅତ୍ୟନ୍ତ ନିମ୍ନମାନର ଅଭିଯୋଗ ନେଇ ସିପିଆଇ କେନ୍ଦ୍ରାପଡା ମୁନିସିପାଲିଟି କମିଟି ପକ୍ଷରୁ କାର୍ଯ୍ୟ ନିର୍ବାହୀ ଅଧିକାରୀ ଓ ସହକାରୀ ଜିଲ୍ଲାପାଳ ଅକ୍ଷୟ କୁମାର ଅଗ୍ରୱାଲ ଓ ଦେବ ପ୍ରସାଦ ବଳଙ୍କୁ ଏକ ୧୦ଦଫା ଦାବିପତ୍ର ପ୍ରଦାନ କରାଯାଇଛି । ଜିଲ୍ଲା ସଂପାଦକ ରମଣୀ ରଞ୍ଜନ ରାଉତରାୟଙ୍କ ନେତୃତ୍ୱରେ ସହ ସଂପାଦକ ଆଦିକନ୍ଦ ରାଉଳ, ଏ ଆଇ ଟିୟୁସି ର ଜିଲ୍ଲା ସଭାପତି ବାବାଜୀ ଧଳ ଓ ଗୋବିନ୍ଦ ଚନ୍ଦ୍ର ପୃଷ୍ଟି ପ୍ରମୁଖ ଦାବିପତ୍ର ପ୍ରଦାନ କରିଥିଲେ । ଦାବି ଗୁଡିକ ମଧ୍ୟରେ ସମସ୍ତ ପଥ ବିକ୍ରେତା ଓ ଶ୍ରୀ ବଳଦେବଜୀୟୁ ଅସ୍ଥାୟୀ ମେଳା ବ୍ୟବସାୟୀ ମାନଙ୍କୁ ଋଣ ପ୍ରଦାନ କରିବା, ଉଠାଦୋକାନୀଙ୍କ ପାଇଁ ଭେଣ୍ଡିଜୋନ ରେ ସ୍ଥାନଦେବା, ବସ୍ତି ବାସିନ୍ଦାଙ୍କୁ ଘରଡିହ ପଟ୍ଟା ପ୍ରଦାନ କରିବା, ତୁଳସୀ ପାର୍କରୁ ପାଣି ନିଷ୍କାସନ ବ୍ୟବସ୍ଥା କରିବା, ପୌରାଂଚଳର କୋଭିଡ ସମୟରେ ଆସିଥିବା ଲୋକଙ୍କୁ କାମ ଯୋଗାଇବା, ଷ୍ଟାଡିୟମକୁ ରାସ୍ତା ନିର୍ମାଣ କରିବା ପ୍ରଭୃତି ଦାବି ଗୁଡିକ ରହିଛି ।

## ଅନ୍ତରଙ୍ଗ ଯୁବକ ସଂଘ ପକ୍ଷରୁ କୋଭିଡ ପରୀକ୍ଷା କାର୍ଯ୍ୟକ୍ରମ

କନ୍ଧମାଳ,୧୮।୧୨ (ନି.ପ୍ର): କନ୍ଧମାଳ ଜିଲ୍ଲା ଘୁ.ଉଦୟଗିରି ବ୍ଲକ ଅଂଚଳରେ ଥିବା ରଟିଙ୍ଗିଆ ପଂଚାୟତ ସାରଙ୍ଗପୁର ଗ୍ରାମରେ ଜିଲ୍ଲାର ଅନ୍ତରଙ୍ଗ ଯୁବକ ସଂଘ ପକ୍ଷରୁ ସେହି ଗ୍ରାମର ଲୋକଙ୍କର କୋଭିଡ ଆଣ୍ଟିଜେନ୍ ପରୀକ୍ଷା କରାଯାଇଛି । ଏଥିରେ ସେହି ଗ୍ରାମର ପ୍ରାୟ ୧୫ ଜଣ ପୁରୁଷ ଏବଂ ମହିଳାଙ୍କର କୋଭିଡ ଆଣ୍ଟିଜେନ୍ ପରୀକ୍ଷା କରାଯାଇଛି । ତେବେ ଏହି ପରୀକ୍ଷାରେ କାହାରି କୋଭିଡ ପଜିଟିଭ ରିପୋର୍ଟ ଆସିନ ଥିବାର ଜଣାପଡିଛି । ଏହା ଦ୍ୱାରା ସେହି ଗ୍ରାମର ଲୋକଙ୍କ ମଧ୍ୟରେ ଖୁସି ଦେଖା ଦେଇଛି । ତେବେ କୋଭିଡ ସଂକ୍ରମଣ ଜାରୀ ରହିଥିବାରୁ ଲୋକଙ୍କୁ ଏଥିପାଇଁ ସତର୍କ ରହିବାକୁ ଓ ସରକାରଙ୍କର ଦ୍ୱାରା ଜାରୀ କରାଯାଇଥିବା କୋଭିଡ ନିୟମକୁ ମାନି ସାମାଜିକ ଦୁରତା ରକ୍ଷା କରି ଚଳିବାକୁ ଏହି ପରୀକ୍ଷା କରିଥିବା ଘୁ.ଉଦୟଗିରି ସ୍ୱାସ୍ଥ୍ୟ ବିଭାଗର ଟିମ୍ ସଦସ୍ୟ ମାନଙ୍କ ସମେତ ଏଥିରେ ସହାୟତା କରିଥିବା ଗ୍ରାମର ଆଶା କର୍ମୀ ଲୋକଙ୍କୁ ପରାମର୍ଶ ଦେଇଛନ୍ତି । ତେବେ ଏହି ପରୀକ୍ଷା ଶେଷ ହେବାପରେ ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ ମାନେ ବ୍ୟବହାର କରିଥିବା ପିପିଇ କିଟ୍ ଗୁଡିକୁ ଗାଁ ବାହାରେ ଥିବା ନିରୋଳା ଯାଗାରେ ସେମାନେ ପୋଡି ଦେଇଥିବା ଦେଖିବାକୁ ମିଳିଥିଲା ।

# ପାରାଦ୍ୱୀପ ବନ୍ଦର ପୂର୍ବତନ ଭଲିବଲ ଖେଳାଳିଙ୍କ ପରଲୋକ

## ଗୋପବନ୍ଧୁ କ୍ରୀଡା ସଂସଦ ଓ ଭଲିବଲ ପରିବାର ପକ୍ଷରୁ ଶୋକସଭା

ପାରାଦ୍ୱୀପ ,୧୮।୧୨ (ନି.ପ୍ର): ପାରାଦ୍ୱୀପ ବନ୍ଦର ଅବସରପ୍ରାପ୍ତ କର୍ମଚ୍ଚରୀ ତଥା ପୂର୍ବତନ ଭଲିବଲ ଖେଳାଳୀ ଏବଂ ଗୋପବନ୍ଧୁ କ୍ରୀଡା ସଂସଦର ଭୂତପୂର୍ବ ସଦସ୍ୟ ନୃସିଂହ ଚରଣ ବେହେରା (ନରି ବାବୁ) ବୁଧବାର ସକାଳେ ଇହଲିଲା ତ୍ୟାଗ କରିଛନ୍ତି । ସ୍ୱର୍ଗତ ବେହେରା ଅବିଭକ୍ତ କଟକ, ଜଗତସିଂହପୁର ଜିଲ୍ଲା ଏବଂ ସର୍ବଭାରତୀୟ ବୃହତ ବନ୍ଦର ଭଲିବଲ ପ୍ରତିଯୋଗିତାରେ ଉଚ୍ଚ ମାନର ଭଲିବଲ ଖେଳାଳୀ ଭାବେ ସୁନାମ ଅର୍ଜନ କରିଥିଲେ । ତାଙ୍କ ବିୟୋଗରେ ପାରାଦ୍ୱୀପ ତଥା ଓଡିଶାର ସମସ୍ତ ଭଲିବଲ ଖେଳାଳୀଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି । ତାଙ୍କ ବିୟୋଗରେ ପାରାଦ୍ୱୀପ ବନ୍ଦର ଗୋପବନ୍ଧୁ କ୍ରିଡା ସଂସଦର ସଭାପତି, କାର୍ଯ୍ୟକାରୀ ସଭାପତି, ଉପଦେଷ୍ଟା, ସଂପାଦକ ଓ ସମସ୍ତ ସଭ୍ୟ ମାନେ ଶୋକ ବ୍ୟକ୍ତ କରିବା ସଙ୍ଗେ ସଙ୍ଗେ ତାଙ୍କର ଅମର ଆତ୍ମାର ସଦଗତି କାମନା କରିଛନ୍ତି । ଗୋପବନ୍ଧୁ କ୍ରୀଡା ସଂସଦର ଉପଦେଷ୍ଟା ରବିନ୍ଦ୍ର କୁମାର ଦାସ ଓ ସଭ୍ୟ ନିରଞ୍ଜନ ସ୍ୱାଇଁ, ଧନୁଚନ୍ଦ୍ର ତରାଇ, ଭିମସେନ ବେହେରା ଏବଂ କର୍ମଚ୍ଚରୀ ସଂସ୍କାର କାର୍ଯ୍ୟ ସମାପନ କରିଥିଲେ । ଗୁରୁବାର ସଂନ୍ଧ୍ୟାରେ ଗୋପବନ୍ଧୁ ଷ୍ଟାଡିୟମ ଠାରେ ସଂସଦ ଉପଦେଷ୍ଟା ରବି ଦାସଙ୍କ ଆବାହକତ୍ୱରେ ଏକ ଶୋକ ସଭାର ଆୟୋଜନ କରାଯାଇଥିଲା । ଏଥିରେ ପାରାଦ୍ୱୀପ ଭଲିବଲ ପରିବାରର ବହୁ ପୂର୍ବତ୍ତନ ଓ ପ୍ରାକ୍ତନ ଖେଳାଳୀ ଓ ଗୋପବନ୍ଧୁ କ୍ରିଡା ସଂସଦର ବହୁ ସଭ୍ୟମାନେ ଯୋଗ ଦେଇ ସ୍ୱର୍ଗତ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରି ତାଙ୍କର ସ୍ମୃତି ଚ୍ଚରଣ କରିଥିଲେ ।




# କିନ୍ନରଙ୍କୁ ପୌରପରିଷଦରେ ନିଯୁକ୍ତି ଦେବା ଦାବିନେଇ ଘେରାଉ

ଜୟପୁର,୧୮।୧୨ (ନି.ପ୍ର): ଜୟପୁରର କିନ୍ନର ମାନଙ୍କୁ ପୌରପରିଷଦରେ ଆଉଟ ସୋର୍ସିଙ୍ଗରେ ନିଯୁକ୍ତି ଦାବି କରି ପୌରପରିଷଦ, ଘେରାଉ କରି ବିକ୍ଷୋଭ କରିଛି ନଗର କଂଗ୍ରେସ । ଏନେଇ ନଗର କଂଗ୍ରେସ ସଭାପତି ନରି ମହାନ୍ତିଙ୍କ ନେତୃତ୍ୱରେ ପୌର ପରିଷଦ ଘେରାଉ କରି କାର୍ଯ୍ୟ ନିର୍ବାହୀ ଅଧିକାରୀ ହେମକାନ୍ତ ସାଏଙ୍କୁ ଏକ ଦାବୀ ପତ୍ର ପ୍ରଦାନ କରିଛି । ଉକ୍ତ ଦାବୀ ପତ୍ରରେ ଉଲ୍ଲେଖ କରାଯାଇଛି ଯେ କିନ୍ନର ମାନଙ୍କୁ ଗତ ଦିନରେ ସ୍ୱାସ୍ଥ୍ୟ କେନ୍ଦ୍ରରେ ସୁରକ୍ଷାକର୍ମୀ ହିସାବରେ ନିଯୁକ୍ତି ଦିଆଯାଇଥିଲା । କିନ୍ତୁ ପରବର୍ତୀ ସମୟରେ ସେମାନଙ୍କୁ ଛଟେଇ କରାଯାଇଥିଲା । ପରେ ସେମାନେ ପୂର୍ବ ପେଶା କୁ ଫେରି ଆସିଛନ୍ତି । ତେଣୁ ପୌର ପରିଷଦ ପ୍ରତ୍ୟେକ ଓାର୍ଡ ସକାଶେ ଗୋଟିଏ ଲେଖାଏଁ ମଇଳା ସଂଗ୍ରହକାରୀ ସ୍ୱୟଂଚାଳିତ ତିନି ଚକିଆ ଗାଡିର ବ୍ୟବସ୍ଥା କରାଯାଇଛି । ଉକ୍ତ ଗାଡି କିନ୍ନର ମାନଙ୍କ ଦ୍ୱାରା ପରିଚାଳନା କରିବାକୁ ଦାବୀ କରାଯାଇଛି । କାରଣ କିନ୍ନର ମାନଙ୍କ କିଛି ଆୟର ପନ୍ଥା ନଥିବାରୁ ବହୁ ଦୟନୀୟ ଭାବେ ଦୁଃଖ, ଦୁର୍ଦ୍ଦଶାରେ କାଳାତିପାତ କରୁଛନ୍ତି । ତେଣୁ ପୌର ପରିଷଦରେ ନିଯୁକ୍ତି ଦିଆଯିବାକୁ ଦାବୀ କରାଯାଇଛି । ଏନେଇ ଦାବୀ ପତ୍ର ଗ୍ରହଣ କରି କିନ୍ନର ମାନଙ୍କ ଡ୍ରାଇଭିଂ ଟେଷ୍ଟି କରାଯିବ । ଯଦି ଗାଡି ଚଳାଇ ପାରିବେ ତାହା ହେଲେ ନିଯୁକ୍ତ କରାଯିବ ।

# ସୁନ୍ଦୁରୁକୋଲି ଗାଁରେ ରାଜ୍ୟ ଶିଶୁ ସୁରକ୍ଷା ଅୟୋଗ ଅଧ୍ୟକ୍ଷା ସନ୍ଧ୍ୟାବତୀ ପ୍ରଧାନ

ବାଲିଆପାଳ,୧୮।୧୨ (ନି.ପ୍ର): ବାଲିଆପାଳ ଥାନା ଜମ୍ବୀରାଇ ପଂଚାୟତ ସୁନ୍ଦୁରୁକୋଲି ଗାଁର ୭ ବର୍ଷର ନାବାଳିକା ହତ୍ୟା ଘଟଣା । ତଦନ୍ତ ପାଇଁ ଆଜି ଗାଁରେ ପହଁଚିଥିଲେ ରାଜ୍ୟ ଶିଶୁ ସୁରକ୍ଷା ଆୟୋଗର ଅଧ୍ୟକ୍ଷା ସନ୍ଧ୍ୟାବତୀ ପ୍ରଧାନ । ତାଙ୍କ ସହିତ ଆୟୋଗର ସଦସ୍ୟା ଦିବ୍ୟା ଶାଶ୍ୱତ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଯୁବକ ମାଝୀ, ବାଲିଆପାଳ ଥାନା ଅଧିକାରୀ ବିମଳ କୁମାର ନାୟକ ମଧ୍ୟ ଗାଁରେ ପହଁଚିଥିଲେ । ନାବାଳିକାର ମାମୁଁ ଘରେ ପହଁଚି ପରିବାର ଓ ପଡୋଶୀଙ୍କ ପଚାରା ଉଚୁରା କରିଛନ୍ତି । ନାବାଳିକା ହତ୍ୟା ଘଟଣାର ଦୁଇ ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟ ଫରଓାର୍ଡ କରାଯାଇଛି । ଗତ ୧୪ ତାରିଖରେ ନିକଟସ୍ଥ ହଦ ନିକଟରୁ ନାବାଳିକାର ମୃତ ଦେହ ଉଦ୍ଧାର କରାଯାଇଥିଲା । ଗତ ୧୧ ତାରିଖ ଦିନ ସୁନ୍ଦୁରୁକୋଲି ଗ୍ରାମର ୭ ବର୍ଷର ନାବାଳିକା ବିଷ୍ଣୁପ୍ରିୟା ସାଙ୍ଗମାନଙ୍କ ସହ ଖେଳୁଥିବା ବେଳେ ନିଖୋଜ ହୋଇଯାଇଥିଲେ । ଏ ନେଇ ପରିବାର ଲୋକେ ୧୩ ତାରିଖ ଦିନ ବାଲିଆପାଳ ଥାନାରେ ଅଭିଯୋଗ କରିଥିଲେ । ପୁଲିସ ସନ୍ଦେହରେ ସେ ଗ୍ରାମର ଦୀପକ ସାହୁଙ୍କୁ ଥାନାକୁ ଧରି ନେଇଥିଲେ । ଦୀପକ ନାବାଳିକା ବିଷ୍ଣୁପ୍ରିୟାକୁ ହତ୍ୟା କରାଯାଇଥିବା ପୁଲିସ ଆଗରେ ମାନିଯାଇଥିଲା । ଦୀପକର କହିବା ଅନୁସାରେ ପୁଲିସ ଘଟଣାର ୩ ଦିନ ପରେ ନାବାଳିକାର ମୃତ ଦେହ ପୋତା ଯାଇଥିବା ସ୍ଥାନରୁ ଉଦ୍ଧାର କରିଥିଲା । ସମ୍ପର୍କୀୟ ମାମୁଁ ଦୀପକ ଓ ତାଙ୍କର ଭାଉଜ ବସୁମତୀଙ୍କ ଅନୈତିକ ସମ୍ପର୍କ ଦେଖିନେଇଥିବାରୁ ବିଷ୍ଣୁପ୍ରିୟାଙ୍କୁ ମାରି ପୋତି ଦିଆଯାଇଥିଲା ଦୀପକ ମାନିଥିଲା । ଶ୍ରୀମତି ପ୍ରଧାନ ନାବାଳିକାର ମାଁଙ୍କୁ ଭେଟି ସାନ୍ତ୍ୱନା ଦେବା ସହ ଜିଲ୍ଲାପାଳ ଓ ସରକାରଙ୍କ ସହ ଆଲୋଚନା କରି ସହାୟତା ଦେବାର ପ୍ରତିଶୃତି ଦେଇଥିଲେ । ଅଭିଯୁକ୍ତ ମାଇଁଙ୍କର ମଧ୍ୟ ଏକ ଦେଢ ବର୍ଷର ଶିଶୁ କନ୍ୟା ରହିଛି ତାର ମଧ୍ୟ କିପରି ରକ୍ଷଣ ବେକ୍ଷଣ ହେବ ସେ ବିଷୟରେ ଶ୍ରୀମତି ପ୍ରଧାନ ଆଲୋଚନା କରିଥିଲେ । ଏହି ଅବସରରେ ସେ ଗଣମାଧ୍ୟକୁ କହିଛନ୍ତି ଯେ ରାଜ୍ୟରେ ଏଭଳି ଘଟଣା ବାରମ୍ବାର ଘଟିବା ଏକ ଚିନ୍ତାଜନକ ବିଷୟ ଏହାକୁ ରୋକିବା ଦିଗରେ ସରକାର, ଗୃହ ବିଭାଗ, ପୁଲିସ ଡି.ଜି. ସମସ୍ତ ଜିଲ୍ଲାର ଏ.ସ.ପି. ଓ ଜିଲ୍ଲାପାଳଙ୍କ ସମେତ ନିର୍ବାଚିତ ଜନପ୍ରତିନିଧି, ବିଧାୟକ ପ୍ରମୁଖଙ୍କୁ ନେଇ ଏକ ଏସଓପି ଜାରି କରାଯିବ । ଶିଶୁ ମାନଙ୍କ ସୁରକ୍ଷା ଦିଗରେ ସମସ୍ତଙ୍କ ଦାୟିତ୍ୱ ରହିଛି । ସମସ୍ତେ ଏ ଦିଗରେ ଦୃଷ୍ଟି ଦେବା ଉଚିତ ବୋଲି ଶ୍ରୀମତି ପ୍ରଧାନ କହିଥିଲେ । ଏଥି ସହିତ ରହିଥିବା ବିଭିନ୍ନ କମିଟିକୁ ମଧ୍ୟ କାର୍ଯ୍ୟକ୍ଷମ କରାଯିବ ବୋଲି ଶ୍ରୀମତି ପ୍ରଧାନ କହିଥିଲେ । ଶ୍ରୀମତି ପ୍ରଧାନଙ୍କ ସହିତ ସ୍ଥାନୀୟ ପଂଚାୟତର ପ୍ରତିନିଧି କାର୍ତ୍ତୀକ ନାୟକ ମଧ୍ୟ ଆଲୋଚନା କରିଥିଲେ । ଶ୍ରୀ ନାୟକ ହିଁ ପ୍ରଥମେ ଅଭିଯୁକ୍ତ ଦୀପକକୁ ପଚରା ଉଚୁରା କରିବା ପାଇଁ ପୁଲିସକୁ ସୂଚନା ଦେଇଥିଲେ । ତାଙ୍କ ସୂଚନା ସତ୍ୟ ପ୍ରମାଣିତ ହୋଇଥିଲା ।

## ଆଶାକର୍ମୀଙ୍କୁ ଜ୍ୱର ନିୟନ୍ତ୍ରଣ ପାଇଁ ପ୍ରଶିକ୍ଷଣ

କେନ୍ଦ୍ରାପଡ଼ା,୧୮।୧୨ (ନି.ପ୍ର): ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଭିନ୍ନ ପ୍ରକାର ଜ୍ୱର ନିୟନ୍ତ୍ରଣ ପାଇଁ ଆଶାକର୍ମୀ ମାନଙ୍କୁ ତାଲିମ ପ୍ରଦାନ କରାଯାଇଛି । ଘରଘର ବୁଲି ସର୍ଭେ କରି ଡେଙ୍ଗୁ, ଚିକନଗୁନିଆ, ମ୍ୟାଲେରିଆ, ଫାଇଲେରିଆ, ଜାପାନୀ ମସ୍ତିଷ୍କ ଜ୍ୱର , କାଳା ଜ୍ୱର ପ୍ରଭୃତି ବିଭିନ୍ନ ପ୍ରକାର ଜ୍ୱର ମଶା କାମୁଡିବା ଦ୍ୱାରା ବ୍ୟାପୁଥିବାରୁ ଏହାକୁ ନିୟନ୍ତ୍ରଣ କରାଯିବ । ଏଥିପାଇଁ ଆଶାକର୍ମୀ, ପୁରୁଷ ଓ ମହିଳା ସୁପଭାଇଜର, ପୁରୁଷ / ମହିଳା ସ୍ୱାସ୍ଥ୍ୟ କର୍ମୀ ମାନଙ୍କର ୭ଟି ଗ୍ରୁପ କରାଯାଇ ଅଭିଯାନ ଆରମ୍ଭ କରାଯିବ । ଏମାନେ ନିଜ ଅଂଚଳ ସମେତ ଆଖପାଖ ଅଂଚଳରେ ପ୍ରତିଘର ବୁଲି ସର୍ଭେ କରିବା ସହ ଲକ୍ଷ୍ୟଣ ଥିବା ବ୍ୟକ୍ତିଙ୍କର ନମୁନା ପରୀକ୍ଷା କରି ଆବଶ୍ୟକୀୟ ତଥ୍ୟ ଓ ଔଷଧ ବଣ୍ଟନ କରିବେ ବୋଲି ଜଣା ପଡିଛି । ଆଜିର ଏହି ୩ଦିନିଆ କାର୍ଯ୍ୟକ୍ରମରେ ସିଡିଏମ ଓ ଡାକ୍ତର ଅନିତା ପଟ୍ଟନାୟକ, ଡାକ୍ତର ମିର୍ଜା ବାବର ବେଗ, ଡାକ୍ତର ସଚିଦାନନ୍ଦ ମିଶ୍ର, ଡାକ୍ତର ରାମକଳୃଷ୍ଣ ଶତପଥୀ, ଡାକ୍ତର ନୃପେନ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ ।

# ମନ୍ଦିର ଖୋଲିବା ପାଇଁ ଜିଲ୍ଲାପାଳଙ୍କ ସହ ବୈଠକ

କେନ୍ଦ୍ରାପଡା,୧୮।୧୨ (ନି.ପ୍ର): କେନ୍ଦ୍ରାପଡାର ଆରାଧ ଦେବତା ଶ୍ରୀ ବଳଦେବଜୀୟୁ ମନ୍ଦିର ର ଦର୍ଶନ ପାଇଁ ଜାନୁୟାରୀ ୩ ତାରିଖ ଠାରୁ ମନ୍ଦିର ଖୋଲିବାକୁ ପ୍ରଶାସନ ପକ୍ଷରୁ ନିଷ୍ପତି ନିଆଯାଇଛି । କୋଭିଡ କଟକଣାର ନିୟମ ପାଳନ ପୂର୍ବକ ଶ୍ରଦ୍ଧାଳୁ ମାନେ ଧାଡିରେ ମନ୍ଦିର ମଧ୍ୟକୁ ପ୍ରବେଶ କରିବା ପୂର୍ବରୁ ପ୍ରତ୍ୟେକଙ୍କୁ ଥର୍ମୋ ସ୍କ୍ରିନିଂ କରାଯାଇ ସାନିଟାଇଜର ବ୍ୟବହାର କରିବାକୁ ଦିଆଯିବ । ସାମାଜିକ ଦୂରତା ପାଳନ ପୂର୍ବକ ପ୍ରତ୍ୟେକ ଭକ୍ତ ଓ ସେବକ ମାକ୍ସ ବ୍ୟବହାର କରିବା ବାଧ୍ୟତା ମୂଳକ କରାଯାଇଛି । ବାହାର ରାଜ୍ୟରୁ ଆସୁଥିବା ବ୍ୟକ୍ତିମାନେ କୋଭିଡ ଟେଷ୍ଟ କରି ପ୍ରମାଣପତ୍ର ଦେଖାଇଲେ ମନ୍ଦିର ରେ ପ୍ରବେଶ କରିପାରିବେ । ଭକ୍ତ ଓ ଶ୍ରଦ୍ଧାଳୁ ମାନେ ଅରୁଣସ୍ତମ୍ଭ ନିକଟରୁ ପୋଲିସ ସହାୟତାରେ ଧାଡିରେ ମନ୍ଦିର ମଧ୍ୟକୁ ପ୍ରବେଶ କରିବେ । ମନ୍ଦିର ର ଗର୍ଭଗୃହ ଓ ରତ୍ନ ସିଂହାସନ ନିକଟକୁ ସେବାୟତଙ୍କ ବିନା ଅନ୍ୟ କେହି ଯାଇପାରିବେ ନାହିଁ । ମନ୍ଦିର ଖୋଲିବା ନେଇ ଶ୍ରୀ ବଳଦେବଜୀୟୁ ମନ୍ଦିର ଟ୍ରଷ୍ଟବୋର୍ଡ ଓ ଜିଲ୍ଲା ପ୍ରଶାସନ ମଧ୍ୟରେ ଗୁରୁବାର ଏକ ବୈଠକ ଜିଲ୍ଲାପାଳ ସମର୍ଥ ବର୍ମାଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ଉପ ଜିଲ୍ଲାପାଳ ତଥା ଟ୍ରଷ୍ଟବୋର୍ଡ ସଭାପତି ଜ୍ୟୋତି ଶଙ୍କର ମହାପାତ୍ର, କାର୍ଯ୍ୟ ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ, ଟ୍ରଷ୍ଟି ଧିରେନ ସାହୁ, ଯଜାତି କେଶରୀ ମହାନ୍ତି, ବଳରାମ ସୁଆର ପ୍ରମୁଖ ଉପସ୍ଥିତ ଥିଲେ ।

## ମହିଳା କର୍ମଚାରୀଙ୍କ କଥା ଶୁଣିଲେ ସାଂସଦ

କେନ୍ଦ୍ରାପଡ଼ା,୧୮।୧୨ (ନି.ପ୍ର): କେନ୍ଦ୍ରାପଡା ସାଂସଦ ଅନୁଭବ ମହାନ୍ତି ନିଜ ନିର୍ବାଚନ ମଣ୍ଡଳୀକୁ ଆସିଥିବା ସମୟରେ ଜଣେ ଚତୁର୍ଥ ଶ୍ରେଣୀ ମହିଳା କର୍ମଚାରୀଙ୍କ ଆପତି ଅଭିଯୋଗ ଧର୍ଯ୍ୟର ସହ ଶୁଣି ତାଙ୍କପ୍ରତି ଆତ୍ମୀୟତା ବ୍ୟକ୍ତ କରିଥିବା ଚର୍ଚ୍ଚାର ବିଷୟ ପାଲଟିଛି । ଶ୍ରୀ ମହାନ୍ତି ଗୁରୁବାର ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପରିସର ରେ ଅନୁଷ୍ଠିତ ଦିଶା ସମୀକ୍ଷା ବୈଠକରେ ଯୋଗଦେବାକୁ ଆସିଥିଲେ । ତେବେ ଏହି କାର୍ଯ୍ୟାଳୟ ର ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀ ହରପ୍ରିୟା ସେଠୀ ନିଜର ବ୍ୟକ୍ତିଗତ ସମସ୍ୟାକୁ ନେଇ ସାଂସଦଙ୍କ ସହ କଥାହେବାକୁ ଚାହିଁଥିଲେ ।

# ବନ୍ଦର ଅଧ୍ୟକ୍ଷ ରିଙ୍କେଶ ରାୟଙ୍କୁ ବିଜୁ ପଟ୍ଟନାୟକ ସ୍ମୃତି ସମ୍ମାନ






ପାରାଦୀପ ,୧୮।୧୨ (ନି.ପ୍ର): ବନ୍ଦର ଅଧକ୍ଷ ରିଙ୍କେଶ ରାୟଙ୍କୁ ବୁଧବାର ଦିନ ପାରାଦୀପର ବିଜୁ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ବିଜୁ ପଟ୍ଟନାୟକ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଛି । ଏହି ଅବସରରେ ଆଜି ଅପରାହ୍ଣ ୪ଟାରେ ମଧୁବନସ୍ଥିତ ପୋର୍ଟ ଅଫିସର୍ସ କ୍ଲବ ପରିସରରେ ଏକ ସ୍ମୃତି ସମ୍ମାନ ସଭା ଆୟୋଜନ କରାଯାଇଥିଲା । ଟ୍ରଷ୍ଟର ଅଧକ୍ଷ ଡା.ଦାମୋଦର ରାଉତ ଏହି ସମାରୋହରେ ପୌରହିତ୍ୟ କରିଥିଲେ । ଟ୍ରଷ୍ଟର ସାଧାରଣ ସଂପାଦକ ବସନ୍ତ ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ଏହି ସମାରୋହରେ ବନ୍ଦର ଉପାଧକ୍ଷ ଆଶିଷ କୁମାର ବୋଷ, ପାରାଦୀପର ଅତିରିକ୍ତ ଜିଲ୍ଲାପାଳ ଡ.କାହ୍ନୁ ଚରଣ ଧିର, ଇଫକୋର ନିର୍ବାହୀ ନିର୍ଦ୍ଦେଶକ କେ.ଜେ.ପଟେଲ, ପିପିଏଲ ର ଉପସଭାପତି ରଂଜିତ ସିଂ ଚୁଗ୍ ଯୋଗଦେଇ ବନ୍ଦର ଅଧକ୍ଷ ଶ୍ରୀ ରାୟଙ୍କର ଦୀର୍ଘ ଓ ନିରାମୟ ଜୀବନ କାମନା କରିଥିଲେ । ପ୍ରକାଶ ଥାଉକି, ପାରାଦୀପ ବନ୍ଦରକୁ ଡେପୁଟେସନରେ ଆସି ସଫଳତାର ସହ ୫ବର୍ଷ କାର୍ଯ୍ୟକାଳ ପୂରଣ କରିଛନ୍ତି ଶ୍ରୀ ରାୟ । ଚଳିତ ମାସରେ ସେ ବନ୍ଦରରୁ ବିଦାୟ ନେବେ ତେଣୁ ଏହି ସମାରୋହରେ ଶ୍ରୀ ରାୟଙ୍କର କାର୍ଯ୍ୟାବଳୀକୁ ଅତିଥିମାନେ ଉଚ୍ଚ ପ୍ରଶଂସା କରିଥିଲେ । ପାରାଦୀପ ବନ୍ଦରକୁ ଶ୍ରୀ ରାୟ ୧୦୦ମିଲିୟନ ଟନ୍ ର ସଫଳତା ଦେବା ସହ ଆମ ପାରାଦୀପ ଭଳି ବହୁ ଲୋକାଭୀମୁଖି କାର୍ଯ୍ୟ କରି ପ୍ରଶଂସାର ପାତ୍ର ହୋଇ ପାରିଛନ୍ତି । ତେଣୁ ତାଙ୍କ ଏହି କାର୍ଯ୍ୟକୁ ସମସ୍ତେ ପ୍ରଶଂସା କରିଥିଲେ । ସେହିପରି ପାରାଦୀପ ମହାବିଦ୍ୟାଳୟ ପକ୍ଷରୁ ମଧ ବନ୍ଦର ଅଧକ୍ଷ ଶ୍ରୀ ରାୟଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା । ଏଥିରେ ମହାବିଦ୍ୟାଳୟ ଅଧକ୍ଷା ଡଃ. ସୁପ୍ରେମା କାନୁନଗୋ ପୌରହିତ୍ୟ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଅଧାପକ ଅଜୟ କୁମାର ମିଶ୍ର, ଅକ୍ଷୟ ଚନ୍ଦ୍ର ମିଶ୍ର, ଶ୍ୟାମଗୋବିନ୍ଦ ଜେନା, ଡଃ. ସସ୍ମିତା ଶତପଥି, ଧନୟ ପତି, ପ୍ରଶାନ୍ତ କୁମାର ରଥ ଓ ମହାବିଦ୍ୟାଳୟର କର୍ମଚାରୀମାନେ ଯୋଗ ଦେଇଥିଲେ ।

# ସାମାଜିକ ଗଣମାଧମର ସୁରକ୍ଷା ପ୍ରତି ଆଇନ ସଚେତନତା ଶିବିର

ମାଲକାନଗିରି,୧୮।୧୨ (ନି.ପ୍ର): ମାଲକାନଗିରି ଜିଲ୍ଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ 'ସାମାଜିକ ଗଣମାଧମର ସୁରକ୍ଷା' ପ୍ରତି ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଆଜି ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ତଥା ବିଚାରପତି ସ୍ଥାୟୀ ଓ ନିରନ୍ତର ଲୋକ ଅଦାଲତ ଅମରେଶ ନାୟକ ଅଧକ୍ଷ ଭାବେ ଯୋଗ ଦେଇଥିଲେ । ମାଲକାନଗିରି କଲେଜର ଅଧାପକ ଡଃ. ରଞ୍ଜନ କୁମାର ସ୍ୱାଇଁ ଅତିଥି ଓ ବକ୍ତା ଭାବେ ଉପସ୍ଥିତ ଥିଲେ । ଡଃ. ସ୍ୱାଇଁ ଅନ୍ ଲାଇନ୍ ଜରିଆରେ ଯେପରି ସାମାଜିକ ଗଣମାଧମର ସୁରକ୍ଷା ଓ ଠକାମିରୁ ନିବୃତ ଓ ଦୂରେଇ ରହିବା ସେନେଇ ସଚେତନତା କରିଥିଲେ । ଏହି କାର୍ଯ୍ୟକ୍ରମରେ ମାଲକାନଗିରିର ଯୁବ ଗୋଷ୍ଠୀ ଓ ସମସ୍ତ କଲେଜର ଛାତ୍ରଛାତ୍ରୀ ମାନେ ଉପସ୍ଥିତ ରହି ଅନ୍ ଲାଇନ୍ ମାଧମରେ ଅବଗତ ହେବା ସଙ୍ଗେ ସଙ୍ଗେ ବକ୍ତା ଡଃ. ସ୍ୱାଇଁ ସମାଜରେ ଘଟିଯାଉଥିବା ଦୈନନ୍ଦିନ ଜୀବନରେ ଇ-ମାଧମରେ ଠକାମିରୁ କିପରି ସୁରକ୍ଷିତ ରହିବେ ସେ ବିଷୟରେ ଆଲୋକପାତ କରିଥିଲେ । ଏବଂ ଶେଷରେ ଡଃ. ସ୍ୱାଇଁ ଏହି କାର୍ଯ୍ୟକ୍ରମକୁ ସମାପ୍ତ କରି ସାମାଜିକ ଗଣମାଧମରେ ସୁରକ୍ଷା ନିମନ୍ତେ ଅଧିକରୁ ଅଧିକ ଲୋକ କିପରି ସଚେତନ ହେବେ ସେଥିପାଇଁ ହ୍ୱାଟସ ଆପ୍ ଏବଂ ଅନ୍ ଲାଇନ୍ ମାଧମରେ ଲୋକ ମାନଙ୍କ ପାଖରେ ପହଂଚିବା ପାଇଁ ଏହାକୁ ସେୟାର୍ କରିବା ପାଇଁ କହିଥିଲେ ।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର,
ଶନିବାର, ୧୯ ଡିସେମ୍ବର, ୨୦୨୦

# କଫିର ଇତିହାସ

**ତା ପସନ୍ଦ କରୁଥିବା ଲୋକଙ୍କ ସଂଖ୍ୟା ତ ଅଗଣିତ। ମାତ୍ର କଫି ପସନ୍ଦ କରୁଥିବା ଲୋକଙ୍କ ସଂଖ୍ୟା ବି କିଛି କମ୍ ନୁହେଁ। ଦିନକୁ ଦିନ ବଢ଼ିଚାଲିଥିବା ଅଫିସ୍ କଲଚର୍ ଏବଂ ସାଦରେ ବିଭିନ୍ନତା ଆସୁଥିବାରୁ କଫିପ୍ରେମୀଙ୍କ ସଂଖ୍ୟା ବି ବୃଦ୍ଧି ପାଇଛି। ଏହି କ୍ରମରେ ଆସନ୍ତୁ ନଜର ପକାଇବା କଫି ବିଷୟରେ ଆଉ କିଛି ରୋଚକ ତଥ୍ୟ।**



କଫି ଗଛ ସର୍ବପ୍ରଥମେ ଇଥିଓପିଆର କଫା ନାମକ ଏକ ସ୍ଥାନରେ ମିଳିଥିଲା। କଫିକୁ ନେଇ ଅନେକ କିମ୍ବଦନ୍ତୀ ଅଛି। ସେମିତି ଏକ କିମ୍ବଦନ୍ତୀ ଅନୁସାରେ ଏକ ଅବସ ଅପରାହ୍ନରେ ଜଣେ ପଶୁପାଳକ ପ୍ରଥମଥର ପାଇଁ ଏହି ଗଛ ସଂସ୍ପର୍ଶରେ ଆସିଥିଲା। ସେଲକ୍ଷ୍ୟ କରିଥିଲା ଅଚାନକ ତା’ ଗାଈ ଓ ମେଣ୍ଢାମାନେ ପୂର୍ବ ତୁଳନାରେ ଅଧିକ ସକ୍ରିୟ ହୋଇଯାଇଛନ୍ତି। ଗାଈ ଓ ମେଣ୍ଢାମାନେ ଏକ ବଡ଼ ଗଛ ତଳେ ପଡ଼ିଥିବା ଲାଲ ରଙ୍ଗର ଫଳକୁ ଖୁବ୍ ଖୁସିରେ



ଖାଇ ଚାଲିଛନ୍ତି। ଖାଇବାର କିଛି ସମୟ ମଧ୍ୟରେ ସେମାନେ ପୂର୍ବ ତୁଳନାରେ ଅଧିକ ଚଳଚଞ୍ଚଳ ହୋଇପଡୁଛନ୍ତି। ଏହା ଦେଖିବା ପରେ ସେ ନିଜେ କିଛି ମଞ୍ଜି ଚୋବାଇ ଦେଖିଥିଲା। ତାକୁ ମଧ୍ୟ ଲାଗିଥିଲା ପୂର୍ବ ତୁଳନାରେ ନିଜକୁ ଖୁବ୍ ଫୁର୍ତ୍ତି ଅନୁଭବ କରୁଛି। ୧୪୧୪ ମସିହା ବେଳକୁ ମକ୍କା ମଧ୍ୟ କଫି କାରଣରୁ ପରିଚିତ ହୋଇସାରିଥିଲା ଏବଂ ପଞ୍ଚଦଶ ଶତାବ୍ଦୀ ଆରମ୍ଭରେ ଏହା ୟେମେନ ଭଳି ଦେଶକୁ ପହଞ୍ଚି ସାରିଥିଲା। କିନ୍ତୁ ସେ ପର୍ଯ୍ୟନ୍ତ ଏହାକୁ କେବଳ ସୁଫି ସନ୍ଥମାନଙ୍କ ପାନୀୟ ମଧ୍ୟରେ ହିଁ ସୀମିତ ରହିଯାଇଥିଲା। ୧୫୫୪ ମସିହା ବେଳକୁ ଏହା ସିରିଆ ଏବଂ ତୁର୍କିର ଇସ୍ତାନବୁଲ ସହରକୁ ପ୍ରସାରିତ ହୋଇସାରିଥିଲା। ୟୁରୋପର କଫି, ତମ୍ବାଖୁ ଏବଂ ଚକୋଟେ୍ ଷୋଡ଼ଶ ଏବଂ ସପ୍ତଦଶ ଶତାବ୍ଦୀ ବେଳକୁ ଲୋକପ୍ରିୟ ହେବାକୁ ଲାଗିଲା। ପ୍ରଥମେ କଫି ଚାଷ ୟେମେନରେ ହେଉଥିଲା ଏବଂ ୟେମେନର ଲୋକମାନେ ହିଁ ଆରବୀ ଭାଷାକେ ଏହାର ନାମକରଣ କରିଥିଲେ କହୱା। ପରବର୍ତ୍ତୀ ସମୟରେ ଏହି ଶବ୍ଦଟିରୁ କଫି ଏବଂ କାଫେ ଶବ୍ଦର ଉତ୍ପତ୍ତି ହୋଇଥିଲା। ଗରମ ଅନୁଭୂତ ହେଉଥିବା ଲାଟିନ ଆମେରିକାର କେତେକ ଦେଶ ସମେତ କେତେକ ଆଫ୍ରିକୀୟ ରାଷ୍ଟ୍ର ତଥା ଭିଏତନାମ ଓ ଇଣ୍ଡାନେସିଆରେ ମଧ୍ୟ ଏହାର ଉତ୍ପାଦନ ହୋଇତାଏ। ଭାରତର ମଧ୍ୟ କେବେକି ଉତ୍ପାଦନ ପୂର୍ବ ତୁଳନାରେ ବୃଦ୍ଧି ପାଇଛି।

### ସ୍ୱାଦ ଓ ସୁଗନ୍ଧ:

ସ୍ୱାଦ ଓ ସୁଗନ୍ଧର ପ୍ରକାରଭେଦ ଅନୁସାରେ କଫି ବିନ୍ସ ଦୁଇ ପ୍ରକାର-ଆରବିକା ଏବଂ ରୋବୋଷ୍ଟା। ଆରବିକା ବିନ୍ସରେ ପ୍ରସ୍ତୁତ କଫିରେ ସ୍ୱାଦ ଓ ସୁଗନ୍ଧ ଉଭୟ ଖୁବ୍ ଅଧିକ। ସେମିତି ରୋବୋଷ୍ଟା ବିନ୍ସରୁ ପ୍ରସ୍ତୁତ କଫି ଟିକେ କଡ଼ା ସ୍ୱାଦର। କଫି ପିଉଥିବା ଲୋକମାନଙ୍କ ପାଇଁ ଆରବିକା କି ସବୁ ଦୃଷ୍ଟିରୁ ଉପଯୁକ୍ତ। ଏହି କଫି ସେଇସବୁ ଲୋକମାନଙ୍କ ପାଇଁ ଭଲ ଯେଉଁମାନେ ହାଲୁକା ଓ ଫ୍ଲେଭରଯୁକ୍ତ କଫି ପିଇବାକୁ ପସନ୍ଦ କରନ୍ତି। କିନ୍ତୁ ଯେଉଁ ଲୋକମାନେ କଫିରୁ କାଫେନ୍ ବ୍ୟତୀତ ଅଲଗା ଏନର୍ଜି ଆଶା କରନ୍ତି ସେମାନଙ୍କ ପାଇଁ ରୋବୋଷ୍ଟା ଉପଯୁକ୍ତ। ଭାରତରେ ପ୍ରସ୍ତୁତ ହେଉଥିବା କଫି ବିନସ ମଧ୍ୟରେ ମାଲାବାର ମନସୁନ ଓ ଡାର୍କ ଫରେଷ୍ଟ ଅନ୍ୟତମ। ଏହି କଫିରୁ ଆଲମଣ୍ଡ, ଏମେରେଟୋ, ଅଇରିଶ କ୍ରିମ, ଫ୍ରେଞ୍ଚ ଭ୍ୟାନିଲା, ସ୍ୱିସ ମୋଚା, ଭ୍ୟାନିଲା, ଚକୋଲେଟ, ମିଣ୍ଟ, ପିପରମିଣ୍ଟ, ପମ୍ପକିନ ସ୍ୱାଇସ୍ ଆଦି ସ୍ୱାଦଯୁକ୍ତ ବ୍ଲେଣ୍ଡେଡ୍ କଫି ପ୍ରସ୍ତୁତ ହୋଇଥାଏ।

### ବଢୁଛି ବିଦେଶୀ କଫିର ଚାହିଦା:

ଆମ ଦେଶର କେତେକ ପ୍ରତିଷ୍ଠିତ କାଫେରେ ବିଦେଶୀ ବ୍ରାଣ୍ଡର କଫି ମଧ୍ୟ ଉପଲବ୍ଧ। କେନିଆ, ବ୍ରାଜିଲ, କଲମ୍ବିଆ, ଇଥିଓପିଆ, ସୁମାତ୍ରା ଆଦି ଦେଶରେ ଉତ୍ପାଦନ ହେଉଥିବା କଫି ଏବେ ଆମ ଦେଶରେ ମିଳୁଛି। ଇଥିଓପିଆର କଫି ଇରଗୈସଫେ ଏବେ ଆମ ଦେଶରେ ବେଶ୍ ଲୋକପ୍ରିୟ ହେବାରେ ଲାଗିଛି। ସେମିତି ଇଣ୍ଡୋନେସିଆର ସୁକାବେସି ଫ୍ଲେଭରକୁ ମଧ୍ୟ ଲୋକମାନେ ପସନ୍ଦ କରୁଛନ୍ତି। ବିଶ୍ୱର ସବୁଠୁ ମହଙ୍ଗା କଫି ବିନ୍ ଇଣ୍ଡୋନେସିଆରେ ମିଳିଥାଏ। ଏହାର ନାଁ କୋପି ଲୁୟାକ ଯାହା ପ୍ରତି କିଲୋଗ୍ରାମ ପିଛା ୭୦୦ ଡଲାରରେ ବିକ୍ରି ହୋଇଥାଏ। ଏହାର ଫ୍ଲେଭର ଏତେ ସୁନ୍ଦର ଯେ ଏହାର ନକଲ କରିବା କେବଳ ମୁସ୍କିଲ ନୁହେଁ, ଅସମ୍ଭବ ମଧ୍ୟ। ମୁଖ୍ୟତଃ ଆମେରିକା



ଏବଂ ଜାପାନରେ ଏହି କଫି ମଞ୍ଜି ମିଳିଥାଏ। ସିଭେଟ୍ ନାମକ ଏକ ପ୍ରକାର ବିଲେଇ ଜାତୀ ପ୍ରାଣୀ ଏକି କଫିର ମଞ୍ଜି ଥାଇଦିଅନ୍ତି। ଏହାପରେ ସମୋନଙ୍କ ମଳରୁ କୋପି ଲୁୟାକ ଦାନା ସଂଗ୍ରହ କରାଯାଏ। ସ୍ୱାଦ ଏବଂ ସୁଗନ୍ଧ ଦୃଷ୍ଟି ଏହି କଫି ଅତୁଳନୀୟ।





# ନୂଆ ଧରଣର ବ୍ୟବସାୟିକ ଆଲୋଚନା



ପ୍ରତ୍ୟେକ କାର୍ଯ୍ୟାଳୟରେ ମୁଖ୍ୟ ଅଧିକାରୀ ଓ କର୍ମଚାରୀଙ୍କ ମଧରେ ନିୟମିତ ଭାବେ ମିଟିଂ ହେବା ଏକ ସାଧାରଣ ପ୍ରସଙ୍ଗ । ବଡ଼ ବଡ଼ ହଲ ଏଥିନିମନ୍ତେ ପୂର୍ବରୁ ପ୍ରସ୍ତୁତ କରାଯାଇଥାଏ । ତେବେ ଏକବିଂଶ ଶତାବ୍ଦୀରେ ଏଇ ମିଟିଂ ହେବାର ଢ଼ାଞ୍ଚା ବଦଳିଛି । ବିଶ୍ୱସ୍ତରରେ ପରିଚିତ ମାଇକ୍ରୋସଫ୍ଟର ସହ-ପ୍ରତିଷ୍ଠାତା ବିଲ ଗେଟସ, ଫେସବୁକର ସହ-ପ୍ରତଷ୍ଠାତା ମାର୍କ ଜୁକରବର୍ଗ ନିଜ ସାଥି କର୍ମଚାରୀଙ୍କ ସହ କାର୍ଯ୍ୟାଳୟ ପ୍ରାଙ୍ଗଣରେ ବୁଲିବୁଲି ମିଟିଂ କରିଥାନ୍ତି । ନିଜେ ମାର୍କ ଏଇ ତଥ୍ୟ ଫେସବୁକରେ ଉଲ୍ଲେଖ କରିଥିବାବେଳେ ବିଲ ଗେଯସ ମଧ ଏହା କହିଛନ୍ତି । ବିଲଙ୍କ ମତରେ ସେ କାର୍ଯ୍ୟାଳୟ ସମ୍ମୁଖ ବଗିଚରେ ବୁଲିବୁଲି ସାଥିମାନଙ୍କ ସହ ଆଲୋଚନା କରନ୍ତି । ଏଇ ପ୍ରକ୍ରିୟା ତାଙ୍କୁ ଖୁବ୍ ମଜାଦାର ଲାଗେ । ଏହା ସହ ଚାଲିବା ସମରେ ସେ ବିଭିନ୍ନ ନୂତନ ତଥ୍ୟର ଶୁଭାରମ୍ଭ କରିପାରିଛନ୍ତି । ମାର୍କଙ୍କ ମତରେ କୌଣସି ଏକ ସ୍ଥାନରେ ବସି ମିଟିଂ କରିବାର ଅର୍ଥ ସାଥି କମଚାରୀଙ୍କୁ ବାଧ କରିବା ଯେ ଯାହା ସେ କହୁଛନ୍ତି, ସେମାନେ ଶୁଣିବାକୁ ବାଧ । ଏହା ସହ ସେ ବିଲ ଗେଟସଙ୍କ ସଂସ୍ପର୍ଶରେ ଆସିବା ପରେ ଏଇ ଚଲାବୁଲା ମିଟିଂ ବିଷୟରେ ସେ ଅବଗତ ହୋଇ ତୁରନ୍ତ କାର୍ଯ୍ୟକାରୀ କରିଥିଲେ । ଗବେଷକଙ୍କ ମତରେ ଚାଲିବା ସମୟରେ ଆମ ଶରୀରରୁ ଶକ୍ତି ଉତ୍ପନ୍ନ ହେବା ସହ ମସ୍ତିଷ୍କକୁ ମଧ ଶକ୍ତି ମିଳେ, ଯାହା ଦ୍ୱାରା ମନରେ ନୂତନ ଚିନ୍ତାଧାରା ସଷ୍ଟି ହୋଇଥାଏ ଏହା ସହ ଚଲାବୁଲା ମିଟିଂରେ ଅତିବେଶୀରେ ୪-୪ ଜଣ ଏକତ୍ର ହୋଇ କଥାବାର୍ତ୍ତା କରିପାରନ୍ତି । ଏଇ ପ୍ରକ୍ରିୟାଟି ଖୁବ୍ ମଜାଦାର ଲାଗୁଥିବାରୁ ସମସ୍ତେ ଏଇ ନୂତନ ପ୍ରକ୍ରିୟାକୁ ଆପଣାଉଛନ୍ତି ।

# ମନ୍ତ୍ରଜପର ମାହାତ୍ମ୍ୟ



ପୂଜା-ଆରାଧନା ସମୟରେ ମନ୍ତ୍ର ଜପିବା ଏକ ପାରମ୍ପରିକ ତଥା ଆଧ୍ୟାତ୍ମିକ ହିନ୍ଦୁ ବିଧି । ମନ୍ତ୍ରଗୁଡ଼ିକରେ ଭଗବାନଙ୍କର ବିଭିନ୍ନ ଅବତାର, ଲୀଳା ଓ ଗୁଣକୀର୍ତ୍ତନ ବର୍ଣ୍ଣିତ । ମନ୍ତ୍ରଗୁଡ଼ିକ କେତେଗୁଡ଼ିଏ ଅକ୍ଷର ସଂଯୋଗରେ ସୃଟ୍ଟି ହୋଇଥିଲେ ହେଁ, ଜପ ଦ୍ୱାରା ସୃଷ୍ଟି ହେଉଥିବା ଧ୍ୱନି- ତରଙ୍ଗ ଭକ୍ତ ମନରେ ଆଧ୍ୟାତ୍ମିକ ଭାବନା ସୃଷ୍ଟି କରାଉଥିବା ବିଶ୍ୱାସ ଶୁଦ୍ଧ-ପୂତ ଶରୀର ଓ ଏକାଗ୍ର ଚିତ୍ତରେ ମନ୍ତ୍ର ଜପ ବା ଗାନ ଦ୍ୱାରା ମନରେ ଭକ୍ତିଭାବ ଆସେ । ଏହା ଅନ୍ତର ମଧ୍ୟରେ ସୁପ୍ତ ଆଧ୍ୟାତ୍ମିକ ଚେତନାକୁ ଜାଗ୍ରତ କରାଏ । ଭଗବାନଙ୍କର ଆରାଧନା ସମୟରେ ବ୍ୟକ୍ତିଙ୍କୁ ପ୍ରଭୁଙ୍କ ଲୀଳା ଚିନ୍ତନରେ ବୁଡ଼ି ରହିବାକୁ ପ୍ରେରଣା ଦିଏ । ନିୟମିତ ମନ୍ତ୍ର ଜପ ଦ୍ୱାରା ସଂସାରର ସମସ୍ତ ମାୟା, ମୋହ ସାଂସାରିକ ମଣିଷ ଠାରୁ ଦୂରେଇ ରଖିବାରେ ସହାୟକ ହେଉଥିବା କୁହାଯାଏ । ମନ୍ତ୍ରପାଠ ହେଉଥିବାବେଳେ ଆଖପାଖର ବାତାବରଣ ଆଧ୍ୟାତ୍ମିକତାରେ ପୂରି ଉଠେ । ଏହାଦ୍ୱାରା କେବଳ ମନ୍ତ୍ର ଗାନ କରୁଥିବା ବ୍ୟକ୍ତି ନୁହନ୍ତି, ମନ୍ତ୍ର ଶ୍ରବଣ କରୁଥିବା ଲୋକେ ମଧ ଆଧ୍ୟାତ୍ମିକତାର ସନ୍ଦେଶ ପାଆନ୍ତି । ଗଭୀର ନିଷ୍ଠା ଓ ଆସ୍ଥାର ସହ ମନ୍ତ୍ର ଜପ କଲେ ଭଗବତ୍ ପ୍ରାପ୍ତି ହେଉଥିବା ବିଶ୍ୱାସ ।

# କେଶର ଘରୋଇ ଉପଚାର

**ସୁସ୍ଥ ଓ ସୁନ୍ଦର କେଶ ପାଇବାକୁ ହେଲେ ତାହାର ଯତ୍ନ ନେବା ନିହାତି ଜରୁରୀ । ପାର୍ଲର ନ ଯାଇ ଘରୋଇ ଉପାୟରେ ବି କେଶ ଝଡ଼ିବା ସହ ବିଭିନ୍ନ ସମସ୍ୟାରୁ ମୁକ୍ତି ପାଇପାରିବେ । ଜାଣନ୍ତୁ ସେ ସମ୍ପର୍କରେ...**



♦ ପିଆଜ ରସକୁ ୧୦ରୁ ୧୫ମିନିଟ ପର୍ଯ୍ୟନ୍ତ କେଶ ମୂଳରେ ଲଗାଇ ।ଶାମ୍ପୋରେ ଧୋଇ ଦିଅନ୍ତୁ । କିଛିଦିନ ଏପରି କରନ୍ତୁ, ଦେଖିବେ କେଶ ଝଡ଼ିବା ବନ୍ଦ ହୋଇଯିବ । ଆପଣ ଚାହିଁଲେ ପିଆଜ ରସ ବଦଳରେ ଆଳୁ ରସ ମଧ ବ୍ୟବହାର କରିପାରିବେ ।

♦ ନଡ଼ିଆ କ୍ଷୀର, ଫାଳେ ଲେମ୍ବୁ ରସ, ଚାରିବୁନ୍ଦା ଲାଭେଣ୍ଡର ଅଏଲ ଭଲଭାବେ ମିଶାନ୍ତୁ । ଏହି ମିଶ୍ରଣକୁ କେଶ ମୂଳରେ ଲଗାଇ ୪/୫ ଘଣ୍ଟା ପରେ ଧୋଇ ଦିଅନ୍ତୁ ।

♦ କେଶକୁ ଶାମ୍ପୋରେ ଧୋଇବା ପରେ ପାଣିରେ ଆପଲ ସିରକା ମିଶାଇ ପୁଣି ଥରେ କେଶ ଧୁଅନ୍ତୁ । ଏପରି କଲେ କେଶ ଲମ୍ବା ହେବା ସହ ଏଥିରେ ଚମକ ଆସିଥାଏ ।

♦ ଦୁଇ ଚାମଚ ଅଁଳା ପାଉଡର ବା ଅଁଳା ରସରେ ଦୁଇ ଚାମଚ ଲେମ୍ବୁ ରସ ମିଶାଇ କେଶରେ ଲଗାନ୍ତୁ । ଶୁଖିଯିବା ପରେ ନଖ ଉଷୁମ ପାଣିରେ ଧୋଇ ଦିଅନ୍ତୁ । ଏହା କେଶ ଝଡ଼ିବା ବନ୍ଦ କରିବା ସହ କେଶ ବଢ଼ିବାରେ ସାହାଯ୍ୟ କରିଥାଏ ।

♦ ଉଷୁମ ଥିବା ଗ୍ରୀନ ଟିକୁ କେଶ ମୂଳରେ ଲଗାଇ ଏକ ଘଣ୍ଟା ପରେ ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ । କିଛିଦିନ ଏପରି କଲେ କେଶରେ ଚମତ ଆସିଥାଏ ।

♦ ମେଥିରେ ଥିବା ନିକୋଟିନ୍ ଏସିଡ୍ ଏବଂ ପ୍ରୋଟିନ୍ କେଶ ପାଇଁ ବେଶ୍ ଉପକାରୀ । ତେଣୁ ମେଥିରେ ସାମାନ୍ୟ ପାଣି ମିଶାଇ ଗ୍ରାଇଣ୍ଡ କରନ୍ତୁ । ଏଥିରେ ଅଳ୍ପ ନଡ଼ିଆ ତେଲ ମିଶାଇ କେଶ ରେ ଲଗାନ୍ତୁ । ଅଧଘଣ୍ଟା ପରେ ଧୋଇଦିଅନ୍ତୁ । ଏହା ପ୍ରାକୃତିକ ରଙ୍ଗ ବଜାୟ ରଖିବାରେ ସାହାଯ୍ୟ କରିଥାଏ ।

# ବିଶ୍ୱରେ ମାତ୍ର ୪୦ ଜଣଙ୍କ ପାଖରେ ଅଛି ଏହି ବ୍ଲଡ୍ ଗ୍ରୁପ୍




ସାଧାରଣତଃ ଆମେ ଏ, ବି, ଓ ଆଦି ବ୍ଲଡ୍ ଗ୍ରୁପ୍ ସମ୍ପର୍କରେ ଶୁଣିଛେ । ହେଲେ ଏପରି ଏକ ବ୍ଲଡ୍ ଗ୍ରୁପ୍ ଅଛି, ଯାହା ବିଶ୍ୱରେ ମାତ୍ର ୪୦ ଜଣ ଲୋକଙ୍କ ନିକଟରେ ରହିଛି । ଏହି ବ୍ଲଡ ଗ୍ରୁପର ନାମ ହେଉଛି ଆରଏଚ ନଲ୍ । ଏହାକୁ ଗୋଲଡେନ୍ ବ୍ଲଡ୍ ନାମରେ ମଧ ଜଣାଯା, । ଡାକ୍ତରମାନେ ଏହି ବ୍ଲଡ୍ ଗ୍ରୁପ୍‌କୁ ବିଶ୍ୱର ସବୁଠାରୁ ବିରଳ ବ୍ଲଡ୍ ଗ୍ରୁପ୍ ଭାବେ ଗ୍ରହଣ କରିଛନ୍ତି । ସବୁଠୁ ବଡ଼ କଥା ହେଉଛି ଏହି ବ୍ଲଡ୍ ଗ୍ରୁପ୍ ଥିବା ଲୋମନାଙ୍କୁ କେହି ବ୍ଲଡ୍ ଦେଇପାରିବେ ନାହିଁ । ମାତ୍ର ସେମାନେ ଅନ୍ୟଙ୍କୁ ବ୍ଲଡ୍ ଦେବାରେ ସକ୍ଷମ ଅଟନ୍ତି । ପ୍ରତିଟି ବ୍ୟକ୍ତିର ରକ୍ତ ନମୁନାରେ ଆରଏଚ୍ ଆଣ୍ଟିଜେନ ଥିବାବେଳେ ଆରଏଚ୍ ନଲ ବ୍ଲଡ ଗ୍ରୁପରେ ଏହା ମିଳେ ନାହିଁ । କୌଣସି ବ୍ୟକ୍ତିର ବ୍ଲଡ୍ ଗ୍ରୁପ୍ ଜାଣିବାକୁ ହେଲେ ତାଙ୍କ ଶରୀରରେ ଥିବା ଆଣ୍ଟିଜେନଙ୍କୁ ଗଣତି କରାଯାଇ ଚିହ୍ନଟ କରାଯାଇଥାଏ ରକ୍ତ ନମୁନା ସମ୍ପର୍କରେ । ସୂଚନାଯୋଗ୍ୟ ଯେଉଁ ବ୍ୟକ୍ତିର ଶରୀରରେ ଯେତେ କମ ପରିମାଣର ଆଣ୍ଟିଜେନ ରହିଥାଏ, ସେହି ବ୍ୟକ୍ତିଙ୍କ ରକ୍ତ ନମୁନା ସେତେ ବିରଳ ହୋଇଥାଏ । ଆରଏଚ ନଲ ରକ୍ତ ନମୁନାର ଯାଞ୍ଚରୁ ଜଣାପଡ଼ିଛି ଯେ, ଏହାର ଆଣ୍ଟିଜେନ ମାତ୍ରା ୫୦ରୁ କମ୍ ଅଟେ । ୫୬ବର୍ଷ ତଳେ ଏହି ରକ୍ତ ନମୁନାର ସୂଚନା ମିଳିଥିଲା ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

# ମତପୋଷଣ ସ୍ୱାଗତଯୋଗ୍ୟ...

ନୂତନ କୃଷି ଆଇନକୁ ନେଇ ଚାଲିଥିବା କୃଷକ ଆନ୍ଦୋଳନ ତୃତୀୟ ସପ୍ତାହ ଅତିକ୍ରମ କରି ଚତୁର୍ଥ ସପ୍ତାହରେ ପହଂଚିଛି । ଏହି ଆନ୍ଦୋଳନ ଦ୍ୱାରା ସାଧାରଣ ଲୋକଙ୍କ ସ୍ୱାଭାବିକ ଆତଯାତରେ ହେଉଥିବା ସମସ୍ୟା, ଯାହାକି ସେମାନଙ୍କ ମୌଳିକ ଅଧିକାରକୁ ବ୍ୟାହତ କରୁଛି, ଏହାକୁ କାରଣ ଦର୍ଶାଇ ତୁରନ୍ତ କୃଷକ ଆନ୍ଦୋଳନକୁ ବନ୍ଦ କରିବା ସକାଶେ ସର୍ବୋଚ୍ଚ ନ୍ୟାୟାଳୟରେ ଦାଏର କରାଯାଇଥିବା ଏକାଧିକ ଯାଚିକାର ଶୁଣାଣି କରି ସର୍ବୋଚ୍ଚ ନ୍ୟାୟାଳୟ ଯେଉଁ ନିରପେକ୍ଷ ମତପୋଷଣ କରିଛନ୍ତି ତାହା ବାସ୍ତବିକ ପ୍ରଣିଧାନଯୋଗ୍ୟ । ସର୍ବୋଚ୍ଚ ନ୍ୟାୟାଳୟର ପ୍ରଧାନ ବିଚାରପତି ଜଷ୍ଟିସ ଏସ.ଏ. ବୋବଡେଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ କହିଛନ୍ତି ଯେ, ଆନ୍ଦୋଳନରତ କୃଷକମାନେ ଆଇନ ବିରୋଧରେ ପ୍ରତିବାଦ କରିବା ସେମାନଙ୍କ ମୌଳିକ ଅଧିକାର ପରିସରଭୁକ୍ତ । କିନ୍ତୁ ତାହା କୌଣସିମତେ ଅନ୍ୟର ମୌଳିକ ଅଧିକାରକୁ କ୍ଷୁର୍ଣ୍ଣ ନକରିବା ଆବଶ୍ୟକ । ଖଣ୍ଡପୀଠ ଏକଥା ସ୍ପଷ୍ଟ କରିଛନ୍ତି ଯେ, ପ୍ରତିବାଦ କରିବାର ଅର୍ଥ ନୁହେଁ ଯେ, ଏକ ସହରକୁ ମୁଣ୍ଡଜାବିନ ରଖିବ । ତେବେ କୃଷକମାନେ କେଉଁ ବିକଳ୍ପ ପନ୍ଥା ମାଧ୍ୟମରେ ସେମାନଙ୍କର ପ୍ରତିବାଦ ପ୍ରକଟ କରିବେ ସେ ସଂପର୍କରେ ଅବଗତ ହେବାଲାଗି ଖଣ୍ଡପୀଠ କେନ୍ଦ୍ର ସରକାରଙ୍କୁ ନୋଟିସ୍ ଜାରି କରିଛନ୍ତି । ଏହି ସମସ୍ୟାର ସମାଧାନ ଉପାୟ ବାହାର କରିବା ଲାଗି ସରକାର ଏବଂ କୃଷକ ସଂଗଠନର ପ୍ରତିନିଧିମାନଙ୍କୁ ନେଇ ଏକ କମିଟି ଗଠନ ନିମନ୍ତେ ମଧ୍ୟ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଯେତେଦୂର ଆଶା କରାଯାଏ, ଖୁବ୍‌ଶୀଘ୍ର ଏହି ମର୍ମରେ କମିଟି ଗଠନ କରାଯିବ ଏବଂ ସରକାର ଓ ଆନ୍ଦୋଳନରତ କୃଷକ ସଂଗଠନମାନଙ୍କ ମଧ୍ୟରେର ଆଲୋଚନା ଆରମ୍ଭ ହେବ । ସୂଚନାଯୋଗ୍ୟ ଯେ, ସରକାର ଓ ଆନ୍ଦୋଳକାରୀ କୃଷକ ନେତାଙ୍କ ମଧ୍ୟରେ ଏକାଧିକ ପର୍ଯ୍ୟାୟ ଆଲୋଚନା ଅନୁଷ୍ଠିତ ହୋଇସାରିଛି । ଏହି ଆଲୋଚନାରେ କେନ୍ଦ୍ର କୃଷି ମନ୍ତ୍ରୀ ନରେନ୍ଦ୍ର ସିଂହ ତୋମର ଅଧ୍ୟକ୍ଷତା କରିଥିଲେ । ଏବେ ସୁଦ୍ଧା ଏହି ଆଲୋଚନାର କୌଣସି ସୁଫଳ ମିଳିନାହିଁ । ତେବେ ଉଭୟ ପକ୍ଷ ପ୍ରତିପକ୍ଷଙ୍କ ମାନସିକତାକୁ ଉତ୍ତମ ରୂପେ ବୁଝିପାରିଛନ୍ତି । କିନ୍ତୁ କେହି ନିଜ ଜିଦରୁ ଓହରୁନଥିବାରୁ ହୁଏତ ସମାଧାନ ବାଟ ଖୋଲୁନାହିଁ । ସରକାର ଏବେସୁଦ୍ଧା ପ୍ରତିଶ୍ରୁତି ପ୍ରଦାନ କରିସାରିଛନ୍ତି ଯେ ଆଇନରେ ଆବଶ୍ୟକ ସଂଶୋଧନ ଘଟାଯାଇପାରେ ଓ ଆନ୍ଦୋଳନରତ କୃଷକମାନଙ୍କ ଅନ୍ୟ ଦାବି ପ୍ରତି ମଧ୍ୟ ସହାନୁଭୂତିର ସହ ବିଚାର କରାଯିବ । ଏମଏସପି ଏବଂ ମଣ୍ଡି ବ୍ୟବସ୍ଥା ଯଥାରୀତି ଜାରି ରହିବ ବୋଲି ଗତ ସେପ୍ଟେମ୍ବର ମାସରେ ଏହି ବିଲ୍ ସଂସଦରେ ଗୃହୀତ ହେବା ଦିନଠାରୁ ସରକାର ବାରମ୍ବାର ଦୋହରାଇ ଆସୁଛନ୍ତି । କିନ୍ତୁ ଆନ୍ଦୋଳନକାରୀଙ୍କ ଏକା ଜିଦ୍ ଯେ ଆଇନକୁ ରଦ୍ଦ କରାଯାଉ । ଏହା ହିଁ ଅଚଳାବସ୍ଥାର ମୂଳ କାରଣ । ସର୍ବୋଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶିତ କମିଟି ଗଠନ କରାଗଲେ ଏ ଆଲୋଚନା ଆଗକୁ ଆଗେଇ ପାରିବ ବୋଲି ଆଶା କରିବା ସମୀଚୀନ ହେବ । ଗତ ତିନି ସପ୍ତାହରୁ ଅଧିକ ସମୟ ଧରି ଆନ୍ଦୋଳନରତ ହଜାର ହଜାର କୃଷକ ସିଂଘୁ, ଅଚାଣ୍ଡି, ପୀଉମନିୟାରୀ, ସାଭୋଲି ଏବଂ ମଙ୍ଗେଶ ଆଦି ସୀମାରେ ହାଡ଼ଭଙ୍ଗା ଶୀତ କାକରରେ ଯେଉଁଭଳି ଭାବେ ପଡ଼ିରହିଛନ୍ତି ତାହା ସମସ୍ତଙ୍କ ମନରେ ଅନୁକମ୍ପା ଜାତ କରେ । ପୁଣି ସେମାନଙ୍କ ଆନ୍ଦୋଳନ ଯୋଗୁଁ ପଂଜାବ, ହରିଆନା ଓ ଉତ୍ତରପ୍ରଦେଶରୁ ଦିଲ୍ଲୀକୁ ପ୍ରତିଦିନ ଆତଯାତ ହେଉଥିବା ଲକ୍ଷଲକ୍ଷ ସାଧାରଣ ଜନତା ଯେଉଁ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି, ତାହା ମଧ୍ୟ ଚିନ୍ତାଦ୍ୟୋତକ । ତାହାର ମଧ୍ୟ ଯଥାଶୀଘ୍ର ଅନ୍ତ ଘଟିବା ଉଚିତ୍ । କରୋନା ମହାମାରୀ ସମୟରେ କୃଷକ ଓ ସାଧାରଣ ଜନତାଙ୍କ ଏଭଳି ଦୟନୀୟ ସ୍ଥିତି ଆଦୌ ସ୍ପୃହଣୀୟ ନୁହେଁ । ତେଣୁ କୃଷି ଆଇନକୁ ନେଇ ଚାଲିଥିବା ଆନ୍ଦୋଳନର ଯଥାଶୀଘ୍ର ସମାଧାନ ଉପାୟ ନିର୍ଦ୍ଧାରଣ କରାଯିବା ଆବଶ୍ୟକ । ପ୍ରଥମତଃ, ସରକାର କୃଷକମାନଙ୍କ ବିଶ୍ୱାସଭାଜନ ହେବା ଦିଗରେ ବ୍ରତୀ ହେବା ବାଞ୍ଛନୀୟ । ତଦ୍ୱାରା ସରକାରଙ୍କ ପ୍ରତିଶ୍ରୁତି ପ୍ରତି ସେମାନଙ୍କ ମନରେ ବିଶ୍ୱାସ ସୃଷ୍ଟିହେବ । କୃଷକମାନଙ୍କ ଭିତରେ ପ୍ରତ୍ୟୟ ଜାତ ହେବ ଯେ, ସରକାର ସେମାନଙ୍କ ହିତ ସାଧନ ଲାଗି ଏଭଳି ସଂସ୍କାର ଘଟାଇଛନ୍ତି । ଏକବିଂଶ ଶତାବ୍ଦୀରେ ଭାରତର କୃଷିକ୍ଷେତ୍ର ଯେ ବ୍ୟାପକ ସଂସ୍କାର ଅପେକ୍ଷାରେ ରହିଛି, ତାହା ନିର୍ବିବାଦରେ କୁହାଯାଇପାରେ । ଭାରତରେ କୃଷି ବିପ୍ଳବକୁ ସାକାର କରିବା ଦିଗରେ ପଂଜାବ ଓ ହରିଆନାର ଭୂମିକା ସର୍ବାଗ୍ରେ ରହିଛି । ସେମାନେ ହିଁ ଆଧୁନିକ କୃଷିର ଅଗ୍ରଦୂତ ସାଜି ଆସିଛନ୍ତି । ତେଣୁ କଥିତ କୃଷି ସଂସ୍କାରକୁ ଆପଣାଇ ସେଥିରୁ ଫାଇଦା ଉଠାଇ ପାରିଲେ ସେମାନେ ହିଁ ଅଧିକ ଉପକୃତ ହେବେ । ଯେଉଁ ବ୍ୟବସ୍ଥା କୃଷକମାନଙ୍କ ହିତ ସାଧନ ପାଇଁ ସକ୍ଷମ ନହେବ, ତାହା ଆପେ ଆପେ ନିଷ୍କ୍ରିୟ ହୋଇଯିବ ଅବା ସରକାର ସେଥିରେ ସଂଶୋଧନ ଆଣିବାକୁ ବାଧ୍ୟହେବେ । ଏହିସବୁ ପ୍ରସଙ୍ଗ ପ୍ରତି ଉଭୟ ସରକାର ଓ ଆନ୍ଦୋଳନକାରୀମାନେ ଗୁରୁତ୍ୱର ସହ ବିଚାର କରିବା ସମସ୍ତଙ୍କ ପାଇଁ ହିତକର ହେବ ।

## କବିତା କୋଣାର୍କ

### ଗୋଟେ ଭୂତାଣୁ ପାଇଁ...

**ସତ୍ୟବ୍ରତ ସାହୁ**

ଗୋଟେ ଭୂତାଣୁ
କବଳିତ କରିଦେଲା ସାରା ବିଶ୍ୱ
ଭୟ ଓ ଆତଙ୍କରେ
ଶିହରି ଉଠିଲା ମାନବ ଜାତି
ତା କରାଳ ଆଁ'ରେ
ଗିଳି ପକେଇଲା ଅତ୍ୟାଧୁନିକ
ଉନ୍ନତ ବିଜ୍ଞାନ ବିମଣ୍ଡିତ
ଦେଶମାନଙ୍କ ସର୍ବାଙ୍ଗ ।
କେହି ରୋକି ପାରିଲେନି ତା ରାସ୍ତା
ଏବେ ସେ ସର୍ବ ବ୍ୟାପକ
ସବୁ ଅହଙ୍କାର, ଦମ୍ଭ ଭାଙ୍ଗିଗଲା
ତା ପାଖରେ ।
ତା ଡରରେ ଏବେ ସବୁଠି ଲକ୍-ଡାଉନ
ରାସ୍ତାଘାଟ ଶୂନଶାନ୍
ମନ୍ଦିର, ମସଜିଦ୍, ଗୀର୍ଜା, ଗୁରୁଦ୍ୱାର,
ଦପ୍ତର, ଛକ, ବଜାର,
ସହର ସବୁ ବନ୍ଦ
କାହାକୁ ଛୁଇଁବାକୁ ମନା
ଲୁହା, ପ୍ଲାଷ୍ଟିକ, କାଗଜ ସବୁଠି ତା
ଉପସ୍ଥିତିର ଭୟ
ମୁହଁରେ ପଟି, ହାତରେ ଗ୍ଲୋଭ,
ସାମାଜିକ ଦୂରତା
ସବୁ ତା ପାଇଁ
ତାକୁ ପରାହତ କରିବାର କୌଶଳ
ଟିକକ ଆୟତ୍ତ
କରିପାରିଲାନି ଅତ୍ୟୁନ୍ନତ ମାନବ
ଆସ.. ଏବେ ସଙ୍ଗରୋଧରେ ରହିବା
ଏହାହିଁ ଗୋଟିଏ ବିକଳ୍ପ ମାତ୍ର
ଆମେ ସଂଯମୀ
ଆମ ସଂଯମତାକୁ ସଂକଳ୍ପରେ
ପରିଣତ କରିବା
ସାମାଜିକ ଦୂରତା ରଖିବା
ଭବିଷ୍ୟତର ସୁଖ ପାଇଁ ଆଜି
ସୁଖକୁ ବଳିଦେବା ।
ଆମେ ଶ୍ରେଷ୍ଠ ଜୀବ ପୃଥିବୀର
ଆମେ ଜିତିବା
କରୋନା ହାରିବ ଦିନେନା ଦିନେ
ଆମେ ସତର୍କ ରହିବା, ସଂଯମୀ ହେବା
ତେବେ କରୋନା ବି କହିବ, ଏଠି
ରହିବା ମନା ।

ପଲ୍ଲୀସାହି, କମାଳପୁର,
ଅହିୟାସ, ଯାଜପୁର-୭୫୫୦୩୬
ମୋ: ୮୯୧୭୨୭୩୫୪୫

# ଗଣମାଧ୍ୟମର ଭବିଷ୍ୟତ

**ଅନିଲ କୁମାର ବିଶ୍ୱାଳ**



(ପୂର୍ବ ପ୍ରକାଶିତ ଉତ୍ତାରୁ)

କାହିଁକି ଲୋକମାନେ ନ୍ୟୁଜ ଚ୍ୟାନେଲ ଦେଖୁନାହାନ୍ତି ? କଣ ନ୍ୟୁଜ ଚ୍ୟାନେଲର ପରିବେଷଣ ଶୈଳି ଦର୍ଶକଙ୍କର ପସନ୍ଦ ହେଉନାହିଁ ନା ନ୍ୟୁଜ ଚ୍ୟାନେଲର ପ୍ରଭାବ ସାଧାରଣ ଜୀବନ ଉପରେ କମ୍ ଅଛି ? ମୁଁ ଦ୍ୱିତିୟ କାରଣ ସହିତ ଏକମତ ନୁହେଁ ।

ଲୋକେ ନ୍ୟୁଜ ଚ୍ୟାନେଲ ବଦଳାଇବେ ଯେ ତାହେଲେ ଦେଖିବେ କଣ । ଖବର କାଗଜ ବଦଳାଇବେ ଯେ ବଦଳାଇ କେଉଁ ଖବର କାଗଜ ପଢିବେ । କିଏ ଲୋକଙ୍କ ଖବର ଦେଖାଉଛି ତାହା ବି ବାଛିବା ମୁସ୍କିଲ୍ । ଇତିହାସ ସାକ୍ଷୀ ଅଛି । ଛବିରାଣି ହେଉ ବା ଅଜଂନା ଗଣଦୁର୍ଷ୍କର୍ମ ହେଉ । କିଏ ସରକାରଙ୍କର ବିରୋଧରେ ଲଢିଛି । ଏହି ଗଣମାଧ୍ୟମ ହିଁ କରିଛି । କିନ୍ତୁ କେଉଁଠି ନା କେଉଁଠି ଗଣମାଧ୍ୟମର ସ୍ୱର ଟିକିଏ କମିଯାଇଛି । ୭୦ ଦଶକରେ ଜରୁରି କାଳିନ ପରିସ୍ଥିତି ବେଳେ ବହୁତ ସଂଖ୍ୟାରେ ସାମ୍ବାଦିକମାନେ ଗିରଫ ହୋଇଥିଲେ । ହେଲେ ଆଜି ଯଦି ହୁଏତ ଜରୁରି କାଳିନ ପରିସ୍ଥିତି ଜାରି ହୁଏ ତାହାହେଲେ ଗିରଫ ହେଉଥିବା ସାମ୍ବାଦିକଙ୍କ ସଂଖ୍ୟା କମିବ । କାରଣ ସମୟ ସହିତ ତାଳଦେଇ ସାମ୍ବାଦିକତାର ସେଇ ଭାବନାରେ କେଉଁଠି ନାଁ କେଉଁଠି କୋମଳତା ବା ଶିଥିଳତା ଆସିଛି । ଏବେ ବିଧାନସଭାର ଆଲୋଚନା ସେହି ଆଇନ ଶୃଙ୍ଖଳା, ଧାନ କିଣା, ଶିକ୍ଷକ ଡାକ୍ତର ମରୁଡିର ଆଲୋଚନାରେ ସିମିତ ହୋଇଯାଉଛି । ବିଧାନସଭାରେ ଆଗ ଭଳି ଯେତେବେଳେ ଜାନକି ବଲ୍ଲଭ ପଟ୍ଟନାୟକ, ବିଜୁ ପଟ୍ଟନାୟକ, ନିଳମଣି ରାଉତରାୟ, ନବକୃଷ୍ଣ ଚୌଧୁରି ଆଦିଙ୍କ ଭଳି ନେତାମାନେ ଥିଲେ ସେତେବେଳେ ଯେମିତି ପ୍ରସଙ୍ଗମାନ ଆସୁଥିଲା ତାହା ହୋଇପାରୁନାହିଁ । କାରଣ ଗଣମାଧ୍ୟମର ଖବରର ମାନକ ବା କ୍ୱାଲିଟିରେ ପରିବର୍ତ୍ତନ ହୋଇଛି ।

ଗଣମାଧ୍ୟମ ଏବେ ଆଉ ଗୋଟିଏ ନୁଆ ତରିକାର ଖବର ଆସୁଛି । ତାହା ହେଲା ପ୍ରତିଦ୍ୱନ୍ଦି ଗଣମାଧ୍ୟମ ବିରୋଧରେ ଖବର ପ୍ରସାରଣ କରିବା । ଏହି ଟ୍ରେଣ୍ଡ ବା ଚଳଣି ଆଗରୁ ନଥିଲା । ଆଗରୁ ସମସ୍ତେ ପରସ୍ପର ନିଜର ପ୍ରତିଦ୍ୱନ୍ଦି ଥିଲେ ବି ସମସ୍ତେ ସମସ୍ତଙ୍କୁ ସମ୍ମାନ ଦେଉଥିଲେ । ହେଲେ ନିକଟ ଅତିତରେ ଦେଖାଯାଉଛି ଯେ ଗଣମାଧ୍ୟମମାନେ ବିଶେଷ ଭାବରେ ଟେଲିଭିଜନ ନ୍ୟୁଜ ଚ୍ୟାନେଲ ଗୁଡିକ ଅନ୍ୟ ଚ୍ୟାନେଲ ବିରୋଧରେ ଏକ ଆକ୍ରୋଶ ମୁଳକ ଖବର ପରିବେଷଣ କରୁଛନ୍ତି । ଖବର କାଗଜମାନେ ଏହି ଟ୍ରେଣ୍ଡରେ ବି ଟିକେ ଟିକେ ସାମିଲ କଲେଣି । ଡିଜିଟାଲ ପ୍ଲାଟଫର୍ମରେ ଏଗୁଡିକ ନିତିଦିନିଆ ଓ ଦେହସୁହା ହୋଇଗଲାଣି । ଭାଷାର ଶାଳିନତା ରହୁନାହିଁ । ଏହା ଦ୍ୱାରା ଲୋକମାନଙ୍କ ମନରେ ସନ୍ଦେହ ତିଆରି ହେଉଛି ।

ଏବେ ରାଜ୍ୟରେ ଜଙ୍ଗଲ ବିଭାଗର ଜଣେ ଅଧିକାରୀଙ୍କର ରାଜକୀୟ ଜୀବନଶୈଳୀ, ବିପୁଳ ପରିମାଣର ଆୟ ବର୍ହିଭୁତ ସମ୍ପତିର ଖବର ଆସିଲା । ଯେତେବେଳେ ତଦନ୍ତକାରି ସଂସ୍ଥାମାନେ ଛାପା ମାରିଲେ ସେତେବେଳେ ଗଣମାଧ୍ୟମ ପୁରା ଜୋରରେ ଏହି ଖବରକୁ ପ୍ରସାରଣ କରିଲା । ଏଠାରେ ଗୋଟିଏ ବୃତିଗତ ବା ପ୍ରଫେସନାଲ ପ୍ରଶ୍ନ ଉଠିପାରେ । ଆମେ ଗଣମାଧ୍ୟମ ସବୁବେଳେ ସଜାଗ, ସବୁବେଳେ ଜାଗ୍ରତ ବୋଲି ନିଜକୁ ଘୋଷଣା କରିଆସୁଛେ । ହେଲେ ଆମେ ଏହି କଳାକାରନାମା ବାବଦରେ ଆଗୁଆ ଜାଣିପାରିଥିଲେ କି ? ଖାଲି କଣ ଏହି ପାଠକବାବୁ ଜଣଙ୍କ ଏପରି କରିଛନ୍ତି । ପ୍ରଶାସନିକ ବ୍ୟବସ୍ଥାରେ ଆହୁରି ଏମିତି ଅନେକ ଧଳା ହାତୀମାନେ ଅଛନ୍ତି । ଆମେ ସେମାନଙ୍କର ବିଷୟରେ ଖବର ପ୍ରସାରଣ କରିପାରିଛେ କି ?

ସୋସିଆଲ ମିଡିଆର ପ୍ରଭାବ ପାରମ୍ପରିକ ମିଡିଆ ଜଗତରେ ଗୋଟିଏ ବଡ ପ୍ରଭାବ ପକାଇଛି । ୱେବ ଚ୍ୟାନେଲ ବହୁତ ସଂଖ୍ୟାରେ ସୃଷ୍ଟି ହେଲେଣି । ଗାଁଠାରୁ ସହର ସବୁଠାରେ ବୁମ ଧରି ଖବର ସଂଗ୍ରହ କରୁଥିବା ସାମ୍ବାଦିକଙ୍କ ସଂଖ୍ୟାବି ଆଶାତୀତ ଭାବରେ ବଢିଛି । ହେଲେ ଗୁଣାତ୍ମକ ଖବର ଉପରେ କିପ୍ରକାର ପ୍ରଭାବ ପକାଇଛି ତାହା ଉପରେ ବି ଚିନ୍ତାକରିବାର ଆବଶ୍ୟକତା ରହିଛି । ନିସନ୍ଦେହରେ କୁହାଯାଇପାରେ ଯେ ଏହାର ପ୍ରଭାବରେ ଗଣମାଧ୍ୟମର ଲୋକାଲାଇଜେସନ ବା ସ୍ଥାନୀୟକରଣ ହୋଇପାରିଛି । ସ୍ଥାନୀୟ ଖବରର ପ୍ରାଧାନ୍ୟ ବଢିଛି ହେଲେ କିଛି ଲୋକ ସାମ୍ବାଦିକ ନାଁରେ ଚାନ୍ଦା ଆଦାୟ କରିବା ଭଳି କାମ ମଧ୍ୟ କରୁଥିବା କଥା ସାମ୍ନାକୁ ଆସୁଛି । ଏହାର ପ୍ରଭାବ ସମଗ୍ର ବୃତି ଉପରେ ପଡୁଛି ।

ଶେଷରେ ଏତିକି କହିପାରିବା ଗଣମାଧ୍ୟମ ତାର ମୁଳଭାବନାକୁ ବଜାୟ ରଖୁ । ଲୋକଙ୍କର ବିଶ୍ୱାସ ଗଣମାଧ୍ୟମ ଉପରେ ବିନା ଦ୍ୱିଧାରେ ରହୁ । ଶାସନ ବ୍ୟବସ୍ଥା, ରାଜନୈତିକ ବ୍ୟବସ୍ଥା ନିଦରୁ ଉଠିବା ପୁର୍ବରୁ ଗଣମାଧ୍ୟମ ନିଦରୁ ଉଠୁ ଓ ସମସ୍ତଙ୍କୁ ନିଦରୁ ଉଠାଉ । କେବଳ ଦେଶ ନୁହେଁ ସମଗ୍ର ସମାଜର ଭବିଷ୍ୟତ ଗଣମାଧ୍ୟମର ଭବିଷ୍ୟତ ଉପରେ ନିର୍ଭର କରେ । **(ସମାପ୍ତ)**

ହରିରାଜପୁର, ପୁରୀ
ମୋବାଇଲ - ୮୨୪୯୮୬୮୯୬୧

# କୁରାଳ ପଞ୍ଚମୀ

**ଡକ୍ଟର ଶ୍ରୀହରି ପଣ୍ଡା**

ଜାତିଆଣ ପର୍ବମାନଙ୍କ ମଧରେ କୁମ୍ଭାର ଜାତିଲାଗି ଉଦ୍ଦିଷ୍ଟ ଏହି କୁରାଳ ପଞ୍ଚମୀ ପର୍ବ ମାର୍ଗଶୀରମାସ କୃଷ୍ଣପକ୍ଷ ପଞ୍ଚମୀ ତିଥିରେ ପାଳିତ ହୁଏ । ସମୟର ତଥା ବିଜ୍ଞାନର ଅଗ୍ରଗତି ସହିତ ବିଭିନ୍ନ ଜାତିଆଣ ପର୍ବ ବୁଡିବାକୁ ଯାଉଥିଲେ ହେଁ କୁରାଳ ପଞ୍ଚମୀ ଆଜି ବି ଏକ ନିର୍ଦ୍ଦିଷ୍ଟ ସୀମାଭିତରେ ନିଜର ସ୍ଥିତିକୁ ବଜାଇ ରଖିଛି । ମାର୍ଗଶୀର ମାସ ଭାରତୀୟ ଗଣନାରେ ବର୍ଷର ପ୍ରାରମ୍ଭ ତଥା ପୁଣ୍ୟମାସ ହୋଇଥିବା ସହ ମହାଲକ୍ଷ୍ମୀଙ୍କ ମାସ ହୋଇଥିବାରୁ ସମସ୍ତଙ୍କର ଆର୍ଥିକ ସ୍ଥିତି ସବଳ ଥାଏ । ତେଣୁ ଏତିକିବେଳେ କୁମ୍ଭାର ଜାତି ତାଙ୍କର କୂଳଉତ୍ପତ୍ତି ଦିନରେ ପାଳିଥାଏ କୁରାଳ ପଞ୍ଚମୀ ।

ସୃଷ୍ଟିଚକ୍ର ଦ୍ୱାରା ବିଶ୍ୱ ବ୍ରହ୍ମାଣ୍ଡର ସୃଷ୍ଟି । ଚକ୍ର ଦ୍ୱାରା ସମସ୍ତେ ସମ୍ପର୍କିତ ଏବଂ ଚକ୍ରଦ୍ୱାରା ଘୂର୍ଣ୍ଣାୟମାନ । ସୃଷ୍ଟିଚକ୍ର, କାଳଚକ୍ର, ଅବସ୍ଥାଚକ୍ର, ଜୀବନଚକ୍ର, ଧର୍ମଚକ୍ର, ବ୍ରହ୍ମାଣ୍ଡଚକ୍ର, ସୁଦର୍ଶନ ଚକ୍ର, ଶିଶୁମାର ଚକ୍ର, ଷଢଚକ୍ର, ଜ୍ୟୋତିଃଚକ୍ର, ନୀଳଚକ୍ର, ଶାସନଚକ୍ର ଏହିପରି ପୂର୍ଣ୍ଣତାର ସଙ୍କେତ ହେଉଛି ଚକ୍ର । ଚକ୍ରର ଆରମ୍ଭ ଯେଉଁଠି ଶେଷ ମଧ ସେଇଠି । କୁରାଳ ଚକ୍ର ସୃଷ୍ଟି ପ୍ରକ୍ରିୟାରେ ଏକ ଆଭିଧାନିକ ଶବ୍ଦ । ଏହା କୁମ୍ଭାର ଜାତି ନିମନ୍ତେ ସବୁକିଛି । କୁମ୍ଭାର ଜାତି ତାଙ୍କ ବେଉସାର ପ୍ରଥମ ଉପାଦାନ ଚକ୍ରକୁ ଉପାସନା କରିବା ସହିତ ନିଜର ଇଷ୍ଟଙ୍କୁ ପୂଜା କରିଥାଏ ଏହି ପଞ୍ଚମୀ ଦିନ ।

କୁମ୍ଭାର ଜାତିର ଉତ୍ପତ୍ତି ଅନୁଧ୍ୟାନ କରିବା ଗବେଷଣା ସାପେକ୍ଷ । ବେଦରେ ଚତୁର୍ବର୍ଣ୍ଣ ସମ୍ପର୍କରେ ଉଲ୍ଲେଖ ଅଛି । ମାତ୍ର ଉପନିଷଦୀୟ ଯୁଗ ବେଳକୁ କିଛି ପରିମାଣରେ ଜାତିସଂଖ୍ୟା ବଢିଛି । କ୍ରମେ ଉପଜାତି ସୃଷ୍ଟି ହୋଇଥିଲା । ଆର୍ଯ୍ୟ ଓ ଆର୍ଯ୍ୟେତର ଜାତି ମଧରେ ଅନୁଲୋମ ଓ ପ୍ରତିଲୋମ ବିବାହ ସମ୍ପର୍କରୁ କ୍ରମେ ବିଭିନ୍ନ ଜାତିମାନଙ୍କର ସୃଷ୍ଟି । ମହାଭାରତରେ ତଥା ରାମାୟଣରେ ଅଶେଷ ଜାତି ସୃଷ୍ଟିହେବା ସହିତ ଜାତିଜାତିର ଦ୍ୱନ୍ଦ୍ୱ ଥିବା ଦେଖାଯାଏ । ପୁରାଣାନୁସାରେ ବିଶ୍ୱକର୍ମା କାରିଗର ଜାତି ସୃଷ୍ଟି କରିଥିବା ବର୍ଣ୍ଣିତ ହୋଇଛି । ବଢେଇ, କମାର, ମହାଭାରତ ଓ ରାମାୟଣରେକୈବର୍ତ୍ତ ଜାତିର ଅଶେଷ ଗୁରୁତ୍ୱକୁ ସ୍ୱୀକାର କରାଯାଇଛି । ମନୁସଂହିତାରେ ମଧ ଏସବୁ ଜାତିମାନଙ୍କ ସମ୍ପର୍କରେ ସୂଚନା ମିଳେ ।

ବୌଦ୍ଧ କୁମ୍ଭକାର ଜାତକରେ କୁମ୍ଭାର ଜାତି ସମ୍ପର୍କରେ ବର୍ଣ୍ଣନା ଦେଖିବାକୁ ମିଳେ । କୁମ୍ଭଂ କରୋତି ଇତି କୁମ୍ଭକାର । ଅର୍ଥାତ୍ ମୃର୍ତ୍ତିକା ଦ୍ୱାରା ରୋଷେଇ ଉପକରଣ ହାଣ୍ଡି, ପଲମ, କଳସ, ଆଟିକା ଇତ୍ୟାଦିକୁ ଯିଏ ନିର୍ମାଣ କରନ୍ତି ସେ କୁମ୍ଭକାର । ଏମାନଙ୍କ ଉତ୍ପତ୍ତି ସମ୍ପର୍କରେ ସ୍ୱତନ୍ତ୍ର ଭାବେ କୁରାଳ ପୁରାଣ ସୃଷ୍ଟି ହୋଇଛି । ଅଚ୍ୟୁତାନନ୍ଦଙ୍କ ପାଟକ ଗୀତାରେ ସବୁ ଜାତିର ଉତ୍ପତ୍ତି ବିଷୟରେ ବର୍ଣ୍ଣନା ମିଳେ । କୁରାଳ ପୁରାଣରେ କୁରାଳମାନଙ୍କର ଉତ୍ପତ୍ତି, ବେଉସା, ଧର୍ମବୀତି ତଥା ସାମାଜିକ ପ୍ରଥା ଓ ପର୍ବପରିପାଳନ ସମ୍ପର୍କରେ ଆଲୋଚନା ହୋଇଛି ।

ଦୀନକୃଷ୍ଣଙ୍କ କୁରାଳ ପୁରାଣ ଉଲ୍ଲେଖ ଅନୁସାରେ କୈବର୍ତ୍ତମାନଙ୍କର ଯେପରି ଦାସରାଜ ଆଦ୍ୟପୁରୁଷ ସେହିଭଳି କୁରାଳମାନଙ୍କର ଆଦ୍ୟପୁରୁଷ ରୁଦ୍ରପାଳ । ସେ ଭଗବାନଙ୍କ ମାନସପୁତ୍ର । ସୃଷ୍ଟି ସର୍ଜନାପରେ ସକଳ ଜୀବଜଗତ ପାଳନ ନିମିତ୍ତ ଶସ୍ୟ ଉତ୍ପନ୍ନ କରାଗଲା । ହେଲେ ଶୃଖିଳା ଶସ୍ୟ ଖାଇ ପ୍ରାଣୀ ବଞ୍ଚିପାରିବେନି ଚିନ୍ତାରେ ବ୍ରହ୍ମା ଯାଇ ବିଷ୍ଣୁଙ୍କୁ ସାକ୍ଷାତ କଲେ । ବିଷ୍ଣୁ ବ୍ରହ୍ମାଙ୍କର ଅଯୋଗ୍ୟତା ପାଇଁ କ୍ରୋଧିତ ହେବାରୁ ତାଙ୍କ କପାଳରୁ ସ୍ୱେଦ ନିର୍ଗତ ହେଲା । ସେହି ସ୍ୱେଦ ଭୂମିରେ ପଡିବାରୁ ସେଥିରୁ ରୁଦ୍ରପାଳଙ୍କର ଉତ୍ପତ୍ତି ଘଟିଲା । ତାଙ୍କୁ ବିଷ୍ଣୁ ନିର୍ଦ୍ଦେଶ ଦେଇ କହିଲେ ହାଣ୍ଡି ଗଢିବା ପାଇଁ -

"ମମ ଆଜ୍ଞା ପ୍ରମାଣେଷୁ
ଜଳଦଂ ଶସ୍ୟ ବର୍ଣ୍ଣନେ
ଅଗ୍ନିପାଳ କୃତ୍ୟେ ହାଣ୍ଡି
ମମ ଆଜ୍ଞାସୁରପାଳୟେତ୍ ।"

ରୁଦ୍ରପାଳଙ୍କ ସଂସାର ନିର୍ମାଣ ଲାଗି ବ୍ରହ୍ମା ରତ୍ନେଶ୍ୱରୀ ନାମକ ପତ୍ନୀ ପ୍ରଦାନ କଲେ । ତାଙ୍କର କ୍ଷମାପାଳ, ଜୟପାଳ, ବିଜୟ ଓ ଚଣ୍ଡପାଳ ନାମକ ଚାରିପୁତ୍ର ଜନ୍ମନେଲେ । କ୍ଷମପାଳ ଓଡିଶାରେ, ଚଣ୍ଡପାଳ ବଙ୍ଗଳାରେ ଏବଂ ବିଜୟ ବେଶ୍ୟାଘରେ ରହିବା ସହିତ ରୁଦ୍ରପାଳ ବିଷ୍ଣୁଙ୍କର କୁରାଳ,କ୍ଷମାପାଳ ବ୍ରହ୍ମାଙ୍କର,ଚଣ୍ଡପାଳ ଇନ୍ଦ୍ରଙ୍କର ଏବଂ ଶିବଙ୍କର କୁରାଳ ହେବା ସହିତ ନିଜର ବଂଶବୃଦ୍ଧି ଦ୍ୱାରା ବିଶ୍ୱର ଖେଳେଇ ହୋଇଗଲେ । ରୁଦ୍ରପାଳଙ୍କୁ ଦେବୀ ଭାଣ୍ଡ ଗଠନ ନିମିତ୍ତ ସୁରସେନ ଚକ୍ର ପ୍ରଦାନ କରିଥିଲେ ।

ମାର୍ଗଶୀର ପ୍ରତିପଦାରେ କୁରାଳଚକ୍ର ଗ୍ରହଣ କରି ପୂଜା ଆରମ୍ଭ କଲେ ଘରଦ୍ୱାରକୁ ପରିଷ୍କାର କରି ଲିପାପୋଛା କରାଯାଇ ଉପବାସ ରହିବା ପୂର୍ବକ କଳସ ସ୍ଥାପନ ଓ ଅଧିବାସ କରାଯାଏ । ପୂଜାକୋଠିରେ ଶ୍ରୀଜଗନ୍ନାଥଙ୍କୁ ଉପାସନା କରାଯାଏ । ଶ୍ରୀଜଗନ୍ନାଥଙ୍କ ମହାପ୍ରସାଦ ପାଇଁ କୁମ୍ଭକାର କୁଡୁଆ ଯୋଗାଉଥିବାରୁ ଭଗବାନ ଗୋଟାଏ ଦିନ କୁରାଳଙ୍କ ଘରକୁ ଆସନ୍ତି ବୋଲି ଜନଶ୍ରୁତି କହେ । ପତିପତ୍ନୀ ଉଭୟେ ଚକ୍ରକୁ ଉପବାସ ରହି ବନ୍ଦାପନା କରିବା ପରେ ପ୍ରସାଦ ଲାଗି କରନ୍ତି । ଉକ୍ତ ପ୍ରସାଦକୁ କାହାରିକୁ ନଦେବା ଏବଂ କୁରାଳ ପୁରାଣକୁ କାହାକୁ ହସ୍ତାନ୍ତର ନକରିବା ଲାଗି ନିର୍ଦ୍ଦେଶ ଅଛି । ଉପାସନାରେ ଲକ୍ଷ୍ମୀନାରାୟଣ ହିଁ ମୁଖ୍ୟ ।

॥ ହରି ଓଁ ତତ୍‌ସତ୍ ॥

ଗୌଡଗାଁ,କପ୍ତିପଦା,ମୟୂରଭଞ୍ଜ
ମୋ.୯୮୫୩୯୪୮୪୫୮

# ଆମ ଭାସ୍କର:ପଠାଣି ସାମନ୍ତ

**ବିପିନ ବିହାରୀ ମହାନ୍ତି**

ପଠାଣି ସାମନ୍ତଙ୍କର ପୁରାନାମ ମହାମହୋପଧ୍ୟାୟ ସାମନ୍ତ ଚନ୍ଦ୍ରଶେଖର ସିଂହ ହରିଚନ୍ଦନ ମହାପାତ୍ର । ଖଣ୍ଡପଡ଼ାର ସମ୍ଭ୍ରାନ୍ତ ରାଜବଂଶରେ ଜନ୍ମ କାରଣରୁ ତାଙ୍କ ପ୍ରଥମ ନାମ ଥିଲା ସାମନ୍ତ ଚନ୍ଦ୍ରଶେଖର ସିଂହ । ଜ୍ୟୋର୍ତିବିଦ୍ୟାରେ ପାରଦର୍ଶିତା ଦେଖାଇଥିବା କାରଣରୁ ପୁରୀ ଗଜପତି ମହାରାଜା ତାଙ୍କ ନାମ ସହିତ ସାଙ୍ଗିଆରେ ଯୋଡ଼ିଲେ ହରିଚନ୍ଦନ ମହାପାତ୍ର ଏବଂ ଭାରତ ସରକାର ତାଙ୍କୁ ଉପାଧି ଦେଲେ 'ମହାମହୋପାଧ୍ୟାୟ' ଯାହାକି ନାମ ପୂର୍ବରୁ ଯୋଡ଼ାଗଲା । ପିଲାଦିନରୁ ତାଙ୍କ ପିତା ଶ୍ୟାମବନ୍ଧୁ ଓ ମାତା ବିଷ୍ଣୁମାଳୀ ତାଙ୍କୁ ଶ୍ରଦ୍ଧାରେ ନାଁ ରଖିଲେ 'ପଠାଣି ସାମନ୍ତ' । ଏମିତି ନାମ କରଣର ଯଥାର୍ଥ ଏହି ଯେ ସେ ତାଙ୍କ ପିତାମାତାଙ୍କର ଥିଲେ ଏକାଦଶ ସନ୍ତାନ । ତାଙ୍କ ପୂର୍ବରୁ ତାଙ୍କର ଦୁଇ ଭଉଣୀ ଏବଂ ଏକମାତ୍ର ବଡ଼ଭାଇ ମରିଯାଇଥିବାରୁ ଏବଂ ପଠାଣିଙ୍କୁ କୌଣସି ଗ୍ରହଦୋଷ ନ ଲାଗିବା କାରଣକୁ ସେ ଜଣେ ବିଧର୍ମୀ ପଠାଣକୁ ବିକି ଦେଇଥିଲେ ଏବଂ ଅପରତିଅଣିଆ ନାଁ ରଖିଥିଲେ 'ପଠାଣି' । ସେମିତି ମହାଦେବଙ୍କ କୃପାରୁ ଏବଂ ଲିଙ୍ଗ ପାଖରୁ ଦରାଣ୍ଟୁ ଦରାଣ୍ଟୁ ଖଣ୍ଡିଏ ଚକ୍‌କଣ ପଥର ପାଇ ତାଙ୍କ ମା' ଗିଳିଦେଇଥିବାରୁ ଏବଂ ଏଥୁଅନ୍ତେ ତାଙ୍କର ପୁତ୍ର ଲାଭ କରିଥିବାରୁ ଶିବଙ୍କ ନାମାନୁସାରେ ନାଁ ରଖିଥିଲେ ଚନ୍ଦ୍ରଶେଖର । ଚନ୍ଦ୍ରଶେଖର ୧୮୩୫ ଖ୍ରୀଷ୍ଟାବ୍ଦ କୃଷ୍ଣପକ୍ଷ ଅଷ୍ଟମୀ ଦିନ ଖଣ୍ଡପଡ଼ାରେ ଜନ୍ମଗ୍ରହଣ କରିଥିଲେ ।

ସେ ପାଞ୍ଚବର୍ଷରୁ ପାଠପଢ଼ା ଆରମ୍ଭ କରିଥିଲେ । ସାତବର୍ଷ ବେଳକୁ ବଣ୍ଡଶିକ୍ଷା, ଦଶକିଆ ପଣିକିଆ, ଗୋପିଭାଷା, ଭାଗବତ ମଥୁରା ମଙ୍ଗଳ ଓ ବିଦଗ୍ଧ ଚିନ୍ତାମଣି ଇତ୍ୟାଦି କାବ୍ୟ ଏବଂ ଅମର କୋଷରୁ କିଛି ଅଂଶ ଆୟତ କରି ନେଇଥିଲେ । ତାଙ୍କ ପିତା ଶ୍ୟାମବନ୍ଧୁ ଜଣେ ଭଲ ଗଣକ ଥିଲେ । ସେ ତାଙ୍କଠାରୁ ଜ୍ୟୋତିଷବିଦ୍ୟା ଅଧ୍ୟୟନ କରିନେଲେ । ୧୦/୧୨ବର୍ଷ ବେଳକୁ ସେ ସଂସ୍କୃତ ଶ୍ଳୋକ ମାନ ରଚନା କରି ପାରୁଥିଲେ । ଇତିମଧରେ ସେ ସାହିତ୍ୟ, ସଂସ୍କୃତ ବ୍ୟାକରଣ, ସ୍ମୃତି, ବେଦ, ବେଦାଙ୍ଗ ଓ କର୍ମକାଣ୍ଡ ଇତ୍ୟାଦି ଗ୍ରନ୍ଥମାନ ଆୟତ କରିନେଇଥିଲେ । ୧୫ବର୍ଷ ମଧରେ ସେ ଫଳିତ ଜ୍ୟୋତିଷରେ ପୁରା ପୋଖତ ହୋଇ ଗଣିତ ଜ୍ୟୋତିଷସାଧନାରେ ଅଗ୍ରଗତି କଲେ ।

ଚନ୍ଦ୍ରଶେଖର ରୂପରେ ସୁନ୍ଦର ନଥିଲେ । ଏଣୁ ତାଙ୍କ ବାହାଘର ବେଳେ ତାଙ୍କ ଶାଶୁ ତାଙ୍କ ଝିଅକୁ ବିବାହ ଦେବାରେ ରାଜି ନଥିଲେ । ସେଥିପାଇଁ ତାଙ୍କ ଗୁଣ ସୁନ୍ଦର ପରୀକ୍ଷା ନେଲାପରେ ଝିଅ ସୀତାଙ୍କୁ ତାଙ୍କ ସହିତ ବିବାହ ଦେଲେ । ସୀତାଦେବୀ ଥିଲେ ଅନୁଗୁଳର ରାଜବଂଶୀୟ କ୍ଷତ୍ରିୟବରସିଂହଙ୍କ କନ୍ୟା । ଏ ବିବାହର ତାଙ୍କୁ ୨୨ବର୍ଷ ବେଳେ ହୋଇଥିଲା ।

ଚନ୍ଦ୍ରଶେଖର ଉଭୟ ଫଳିତ ଓ ଗଣିତ ବିଦ୍ୟାରେ ଗଣନାରେ ପାରଙ୍ଗମ ଥିଲେ । ଶୈଶବରେ କି ଦିନ, କି ରାତି ଉଜାଗର ରହି ଆକାଶର ନକ୍ଷତ୍ର ଓ ଗ୍ରହମାନଙ୍କର ଗତିବିଧିକୁ ସ୍ୱକ୍ଷ୍ମ ଅଧ୍ୟୟନ କରୁଥିଲେ । ଏମିତିକି ଦିନବେଳେ ଶୁକ୍ର ଗ୍ରହକୁ ଦେଖିବା ଓ ଆକାଶରେ ଉଡୁଥିବା ଶାଗୁଣାଙ୍କ ସଂଖ୍ୟା ଓ ଦୂରତା ହିସାବ ସେ କରିପାରୁଥିଲେ ।

ସେ ଦୂରବୀକ୍ଷଣ ଯନ୍ତ୍ରର ବ୍ୟବହାର ଜାଣିନଥିଲେ । ଆକାଶର ନଭବସ୍ତୁ ଏବଂ ପାହାଡ଼ ଇତ୍ୟାଦିର ଯଥାକ୍ରମେ ଗତି, ଦୂରତା ଏବଂ ଉଚ୍ଚତାମାପିବା ବା ଜାଣିବା ପାଇଁ ଏକ ପ୍ରକାର ମାନଯନ୍ତ୍ର ବ୍ୟବହାର କରୁଥିଲେ । ଏ ମାନଯନ୍ତ୍ର କହିଲେ ବାଉଁଶନଳୀ, ତ୍ରିକୋଣାକାର ତିନୋଟି ବାଉଁଶ କାଠରେ ବନ୍ଧେଇ ଏବଂ ଲିଖନ ପାଇଁ ତାଳପତ୍ର ଓ ଲେଖନୀ । ଦିନବେଳେ ଗଛର ଛାଇ ଅଧ୍ୟୟନ କରି ସେ ତିଆରି କରିଥିଲେ ସୂର୍ଯ୍ୟଘଡ଼ି ଯାହାକି ବର୍ତ୍ତମାନ ଖଣ୍ଡପଡ଼ା କଚେରୀରେ, ବଡ଼ମ୍ବା ଓ ବଡ଼ଗଡ଼ଠାରେ ଅଛି । ସେ ଗଣନା କରି କହିଥିଲେ ପୃଥବୀଠାରୁ ସୂର୍ଯ୍ୟର ଦୂରତା, ଚନ୍ଦ୍ର ଅପେକ୍ଷା ୧୫୫ଗୁଣ; ପାଦରେ ଖଣ୍ଡପଡ଼ାରୁ ପୁରୀ ଚାଲି କହିଥିଲେ ଏ ଦୁଇସ୍ଥାନର ଦୂରତ୍ୱ, ୧୫୧,୨୦୦ ପାହୁଣ୍ଡ । ସେ ବିଭିନ୍ନ ସମୟରେ ନିଜର ଗଣନା ପାଇଁ ପରୀକ୍ଷାର ସମ୍ମୁଖୀନ ହୋଇଛନ୍ତି । ସେ ମଞ୍ଜୁସା ରାଜାଙ୍କ କହିଥିଲେ ମହେନ୍ଦ୍ର ଗିରିର ଉଚ୍ଚତା କେତେ । ମାନ୍ଦ୍ରାଜର ବଡ଼ଲାଟ୍‌ଙ୍କୁ କହିଥିଲେ କେବେ ଇଂଲଣ୍ଡରେ ହେବ ସୂର୍ଯ୍ୟପରାଗ, ପୁନଶ୍ଚ ସେ ନିର୍ଣ୍ଣିତ କରାଇଥିଲେ କେବେ ହେବ ଆମେରିକାରେ ଚନ୍ଦ୍ରଗ୍ରହଣ; ସେମିତି ତାଙ୍କ ଘରଠିକୁ ଆସିଥିବା ବିଦେଶୀ ପଣ୍ଡିତମାନଙ୍କୁ କହୁଥିଲେ, ସେଠାକାର ପାହାଡ଼ାର ଉଚ୍ଚତା କେତେ ? ଥିବସ୍ ସାହେବଙ୍କର ୧୪ଟି ପ୍ରଶ୍ନର ଦେଇଥିଲେ ଉତ୍ତର ଏବଂ କମିଶନର କୁକ୍ ସାହେବଙ୍କ କହିଥିଲେ ସପ୍ତଶଯ୍ୟା ପାହାଡ଼ର ଉଚ୍ଚତା କେତେ ? ସବୁଥିଲା ସରକାରୀ ରେକର୍ଡ଼ ଅନୁସାରେ ନିର୍ଭୁଲ ସତ୍ୟ ।

(ଅବଶିଷ୍ଟାଂଶ ପୃଷ୍ଠା ୭ରେ)

## କବିତା କୋଣାର୍କ

### ଚାଷୀ ମୁଁ କହୁଛି..

**ଶିଶିର କୁମାର ପଣ୍ଡା**

ମଳିମୁଣ୍ଡିଆ ମୁଁ ଚାଷୀଟିଏ ବୋଲି
କରୁଛ କି ମତେ ଘୁରୁଣା
ମୁଁ ପରା ସଭିଙ୍କୁ ଆହାର ଯୋଗାଏ
ଉପକାରୀ ବନ୍ଧୁ ପୁରୁଣା !
ଖାଇବା ଯୋଗାଏ ଦୁନିଁଆକୁ, ହେଲେ
ମନେ ଆଣେ ନାହିଁ ଗରବ
ଧନୀ କି ଗରିବ ଫରକ ନ ଦେଖି
ଦେଇଥାଏ କେତେ ଦରବ ।
ରାତିଦିନ ସବୁ ଏକାକାର ହୁଏ
ଛୁଇଁଥାଏ ପିଠି ପେଟକୁ
ସାଥି କରିଥାଏ କାଳିଆ, କସରା
ଲଙ୍ଗଳ ଫାଉଡ଼ା ବେଂଟକୁ ।
ହିଡ଼ମୁଣ୍ଡେ ବସି ଲୁଣଲଙ୍କା ଦେଇ
ଖାଇଥାଏ ବାସି ପଖାଳ
ନରମ ବିଛଣା ମୋ ପାଇଁ ସପନ
ସଂଜ ହେଉ କିବା ସକାଳ ।
ଆସୁ ଯେତେ ଶୀତ, ଆସୁ ଯେତେ ଖରା
ବରଷୁ ବି ଯେତେ ବରଷା
ଘରେ ମୁଁ ବସେନି ଅଳସ ପଣରେ
ମତେ ଯେଣୁ କର ଭରସା ।
ଜୀବନ ପଛକେ ଉପାସ ଭୋକରେ
ଯାଉ ଚାଷ କାମ କରିବି
ଲୋଡ଼ା ନାହିଁ ଚଢ଼ି ଗାଡ଼ିରେ ବୁଲିବା
କୋଡ଼ି କୋଦାଳ ମୁଁ ଧରିବି ।

+କୁଆଁସ, ମେରଦାକାଟିଆ,
ଯାଜପୁର
ମୋ: ୮୯୮୧୭୩୭୨୨୮

### ଶୀତ ଅନୁଭୂତି...

**ଅମରନାଥ ବାରିକ୍**



ଆସିଛି ଶୀତ ଚାଲରେ ମିତ
କରିବା କସରତ
ଶରୀର ହେବ ପଥର ପରି
ଶୁଦ୍ଧ ହୋଇବ ରକ୍ତ ।
ବଡ଼ି ଭୋଅରୁ ଶେଯରୁ ଉଠି
ବସିଲେ ବ୍ୟାୟାମରେ
ଲାଗିବ ଫୁର୍ତ୍ତି ମନ ନିଶ୍ଚଳ
ରହିବା ନିରୋଗରେ ।
ଖାଇଲେ ଯାହା ହଜମ ହୁଏ
ଶୀତଋତୁ ଏ କାଳେ
ଲାଗଇ ଭଲ ଶୋଇବା ପାଇଁ
ମୋଟା କମ୍ବଳ ତଳେ ।
ନିଆଁ ଜଳାଇ ପିଲାଠୁଁ ବୁଢ଼ା
ହାତ ଗୋଡ଼କୁ ସେକି
ମନ ଯେ ଡାକେ ବସିବାପାଇଁ
ଖରା ଜାଗାଟେ ଦେଖି ।
ଲାଗିଲେ ଜାଡ଼ ଖୋଜା ପଡ଼ଇ
ଉଷୁମ ବସ୍ତ୍ରମାନ
ଥଣ୍ଡାରୁ ପୁଣି ଆରାମ ମିଳେ
ଘୋଡ଼ାଇ ହେଲେ କାନ ।
ଶୀତଳ ଜଳ ଗାଧୁଆ ପାଇଁ
କରିଲେ ବ୍ୟବହାର
ଆପାଦମସ୍ତକ ଶୀତରେ କମ୍ପେ
ହୁଅଇ ଥରଥର ।
ତଥାପି ନିତି ଜରୁରୀ ଆମ
ଶରୀର ପକ୍ଷେ ସ୍ନାନ
ନିୟମିତ କଲେ ଜଳରେ ସ୍ନାନ
ଭଲରେ କଟେ ଦିନ ।
ପନିପରିବା ତଟକା ଶାଗ
ସବୁଜିମା ଚୌଦିଗେ
ସୋରିଷ କ୍ଷେତ ସୁନେଲି ଆଭା
ଖେଳେ ଦିଗ ବିଦିଗେ ।
ସବୁ ସୁବିଧା ମିଳେ ଶୀତରେ
ବସନ୍ତ ଆବାହକ
ଋତୁ ପାଲିଙ୍କିରେ ଶୀତର ଗୀତ
ପ୍ରାଣେ ଭରେ ମହକ ।

କୟାଁ, ମଙ୍ଗଳପୁର, ଯାଜପୁର
ଓଡ଼ିଶା:୭୫୫୦୧୧
ମୋ: ୯୫୪୦୩୦୮୦୯୫

### ଧୂସର କେଦାର...

**ବିନୟ ମିଶ୍ର**

କେଦାରେ ଯେଦିନ ଶ୍ୟାମଳି ଗୋ ତୁମେ
ନୀଳ ପାଟଶାଢ଼ୀ ପିନ୍ଧି
ଧାଉଁଥିଲ ହୃଦେ ପଣତ ଲହରୀ
ଖସିଦିଏ ହୃଦ ବିନ୍ଧି ।
କେଣେ ଗଲା ସେଇ ସପନ ପଖଳା
ନୀଳ ଯଉବନ ଦେହ,
କର୍ତ୍ତନ କଲା କେଉଁ ଅବିବେକି
ନ ରଖି ଟିକିଏ ମୋହ ?
ଭରା ଯଉବନ ଅଭିସାରିକା ଗୋ
ଶ୍ୟାମଳି ଧୂସର ଦେହେ,
ଧୂସର ଗୋଲାପ କଣ୍ଟାରେ ତୁମ
ବୋଲି ହୋଇଅଛ ହାଏ ।
ଅଧା ପ୍ରୀତିଭରା ଶରୀରର ଖଣ୍ଡ
ବିଖଣ୍ଡିତ ଅବଶେଷ,
ଗାଉଛି ଅତୀତ ଶିବରଂଜନୀ
ଶ୍ରାବଣୀ ରାତିର ଶୋଷ ।
ତଥାପି ସକାଳ କାକର ବିନ୍ଦୁରେ
କଂଟକିତ ଗୁଳ୍ମ ପରି,
ଆମ ପ୍ରୀତିର ସେ ଅକ୍ଷୟ ଗାଥା
ଗାଉଅଛି ଥିରି ଥିରି ।

+ମଲ୍ଲୀପୁର, ଗଡ଼ନିଆଳ, ଖୋର୍ଦ୍ଧା
ମୋ: ୯୪୩୯୪୩୩୩୩୭

# ଲାଗିବ ସିସିଟିଭି, ସୁଧୁରିବ ବ୍ୟବସ୍ଥା




**ଗୋପାଳ ମହାପାତ୍ର**
ରାମଚନ୍ଦ୍ରପୁର, ରଣପୁର
ଫୋନ-୯୪୩୮୪୮୫୦୯୪


ମାନ୍ୟବର ସୁପ୍ରିମକୋର୍ଟ ଏଇ କିଛି ଦିନ ତଳେ ସାରା ଦେଶର ପୋଲିସ ଥାନାରେ ସିସିଟିଭି କ୍ୟାମେରା ଲଗାଇବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହା ପୋଲିସ ବ୍ୟବସ୍ଥାକୁ ସୁଧାରିବା ଦିଗରେ ଏକ ଉତ୍ତମ ପଦକ୍ଷେପ ବୋଲି କୁହାଯାଇପାରେ। ଏହି କ୍ୟାମେରା ଥାନାର ସବୁ ସ୍ଥାନରେ (ସାଧାରଣ ଏବଂ ଖାସ୍) ଲଗାଯିବ। ଏତିକି ନୁହେଁ ମାନ୍ୟବର କୋର୍ଟ ଏକଥା ମଧ କହିଛନ୍ତି ଯେ, ଏହି କ୍ୟାମେରାର ରେକର୍ଡିଂକୁ ୧୮ମାସ ପର୍ଯ୍ୟନ୍ତ ସୁରକ୍ଷିତ ରଖିବା ପାଇଁ ମଧ କହିଛନ୍ତି। ସମ୍ବିଧାନର ଅନୁଚ୍ଛେଦ ୨୧ ଅନୁସାରେ ସମସ୍ତ ଭାରତୀୟ ନାଗରିକଙ୍କୁ ମିଳିଥିବା ଜୀବନ ଏବଂ ବ୍ୟକ୍ତିଗତ ସ୍ୱାଧୀନତାର ଅଧିକାରର ସୁରକ୍ଷା ପାଇଁ କୋର୍ଟଙ୍କ ଏହି ନିର୍ଦ୍ଦେଶ ଏକ ମାଇଲ ଖୁଣ୍ଟ ସଦୃଶ।

ଏବେ ପୋଲିସ ବ୍ୟବସ୍ଥାକୁ ସୁଧାରିବା ପାଇଁ ଅନେକ ବିତର୍କ ଚାଲିଛି। ଖାସ୍ କରି ସାଧାରଣ ଲୋକଙ୍କ ପ୍ରତି ପୋଲିସର ବ୍ୟବହାର ପ୍ରସଙ୍ଗରେ ଅଧିକ ଆଲୋଚନା ହେଉଛି। ଅନେକ ସମୟରେ ପୋଲିସ ଏଫଆଇଆର ନରଖିବା, ଥାନାରେ ଲୋକଙ୍କୁ ଦୁର୍ବ୍ୟବହାର କରିବା, ଅଭିଯୁକ୍ତଙ୍କୁ ଲକଅପ୍‌ରେ ଅମାନବୀୟ ବ୍ୟବହାର ଆଦିକୁ ନେଇ ଅଭିଯୋଗ ମଧ ହେଉଛି। କିନ୍ତୁ ସବୁ ଥାନାରେ ଯେ ଏପରି ହେଉଛି ବା ସବୁ ପୋଲିସ ଅଫିସର ଏଭଳି କରୁଛନ୍ତି ତା ନୁହେଁ। କିନ୍ତୁ ପୋଲିସ ବିରୁଦ୍ଧରେ ଏଭଳି ଅଭିଯୋଗର ଲମ୍ବା ଫର୍ଦ୍ଦ ରହିଛି। ଦେଶରେ ବା ରାଜ୍ୟରେ ଏବେ ଏଭଳି ଅବସ୍ଥା ସୃଷ୍ଟି ହୋଇ ପାରିନାହିଁ ଯାହା ଫଳରେ ବିନା ଡରରେ କୌଣସି ସାଧାରଣ ଲୋକ ନିଜର ଅଭିଯୋଗ ନେଇ ଥାନାକୁ ଯାଇପାରିବ। ମାନ୍ୟବର କୋର୍ଟ ଏବେ ଯେଉଁ ନିର୍ଦ୍ଦେଶ ଦେଇଛନ୍ତି ତାକୁ ଯଦି ପାଳନ କରାଯାଏ ତେବେ ନିଃସନ୍ଦେହ ଯେ ଅନେକ ସମସ୍ୟାର ସମାଧାନ ହୋଇପାରିବ। କିନ୍ତୁ ପ୍ରଶ୍ନ ଉଠୁଛି କୋର୍ଟଙ୍କ ଏହି ନିର୍ଦ୍ଦେଶ କାର୍ଯ୍ୟକାରୀ ହୋଇପାରିବ ତ? ହୁଏତ୍ ସିସିଟିଭି ଲଗାଗଲେ ମଧ ପ୍ରକୃତ ସ୍ଥାନରେ ଲଗାଯିବ ନାହିଁ। ସିସିଟିଭି କ୍ୟାମେରା ଲଗାଯିବାକୁ ନେଇ ଅନେକ ସମସ୍ୟା ମଧ ରହିଛି ଯାହାର ସମାଧାନ ବରିଷ୍ଠ ଅଧିକାରୀ ମାନେ ହିଁ କରିପାରିବେ। ମାନ୍ୟବର କୋର୍ଟ ଯେଉଁ ଉଦ୍ଦେଶ୍ୟ ନେଇ ସିସିଟିଭି ଲଗାଇବା ପାଇଁ କହିଛନ୍ତି ସେ ଉଦ୍ଦେଶ୍ୟକୁ ପୂରଣ କରିବା ଦିଗରେ ପୋଲିସ ଉଚ୍ଚକର୍ତ୍ତୃପକ୍ଷ ପଦକ୍ଷେପ ନେବା ଉଚିତ୍। ଏହା ହେଲେ ପୋଲିସ ଥାନାର ସବୁ ଛୋଟ ବଡ଼ ଗତିବିଧି କ୍ୟାମେରାରେ ରହିପାରିବ ଏବଂ ପୋଲିସ ସାଧାରଣ ଲୋକଙ୍କ ସହ ଉତ୍ତମ ବ୍ୟବହାର କରିବା ପାଇଁ ଏକପ୍ରକାର ବାଧ ହେବ। ଫଳରେ ପୋଲିସର ବ୍ୟବହାରରେ ସକାରାତ୍ମକ ପରିବର୍ତ୍ତନ ଆସିବ। ସିସିଟିଭି କ୍ୟାମେରା ଲାଗିଲେ ଏଫଆଇଆର ଦରଜ ନକରିବା ଓ ଦୁର୍ବ୍ୟବହାର କରିବା ଭଳି ଘଟଣା ମଧ କମିଯିବ। ସାଧାରଣ ଲୋକ ଓ ପୋଲିସ ମଧରେ ଉତ୍ତମ ସମ୍ପର୍କ ସୃଷ୍ଟି ହୋଇପାରିବ ଏପରିକି ସାଧାରଣ ଲୋକେ ବିନା ସଙ୍କୋଚ ବା ଡରରେ ଥନାକୁ ଆସିବେ। ସବୁଠାରୁ ବଡ଼ କଥା ହେଉଛି ମାନ୍ୟବର ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ହାଜତ ମୃତ୍ୟୁ କମିବ ବୋଲି ଆଶା କରାଯାଉଛି। କୋର୍ଟ ଯେ କେବଳ କେବଳ ପୋଲିସ ପାଇଁ ଏଭଳି ଦିଶା ନିର୍ଦ୍ଦେଶ ଜାରି କରିଛନ୍ତି ତା ନୁହେଁ ସିବିଆଇ, ରାଷ୍ଟ୍ରୀୟ ତଦନ୍ତକାରୀ ସଂସ୍ଥା, ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ ସମେତ ବହୁ ତଦନ୍ତକାରୀ ସଂସ୍ଥାକୁ ଏଭଳି ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟ କେନ୍ଦ୍ର ସରକାର ଓ ରାଜ୍ୟ ସରକାରମାନଙ୍କୁ ଦେଇଥିବା ନିର୍ଦ୍ଦେଶରେ ସ୍ପଷ୍ଟ ଭାବରେ କହିଛନ୍ତି ଯେ, ସବୁ ଥାନାର ସବୁ ସ୍ଥାନରେ ସିସିଟିଭି ଲଗାଯାଉ। ଦେଶରେ ପୁଲିସ୍ ଏବଂ ଅନ୍ୟ ତଦନ୍ତକାରୀ ସଂସ୍ଥାମାନଙ୍କର ହାଜତରେ ଘଟୁଥିବା ମୃତ୍ୟୁ ଘଟଣା ବଢୁଥିବା କାରଣରୁ ଉଦବେଗ ପ୍ରକାଶ କରି କୋର୍ଟ ଏକଥା କହିଛନ୍ତି। ପୋଲିସ ହାଜତରେ ହେଉଥିବା ସନ୍ଦିଗ୍ଧ ମୃତ୍ୟୁ ଘଟଣାକୁ କେବେ ହେଲେ ସମର୍ଥନ କରାଯାଇପାରିବ ନାହିଁ। ଏହି ଘଟଣା ଯୋଗୁଁ ପୋଲିସ ଉପରକୁ ଅଙ୍ଗୁଳି ଉଠୁଛି ଏବଂ ଅନେକ ପ୍ରଶ୍ନ ମଧ ସୃଷ୍ଟି ହେଉଛି। ଅନେକ ଘଟଣାରେ ଦୋଷୀ ସାବ୍ୟସ୍ତ ହେଉଥିବା ପୋଲିସ ଅଧିକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ମଧ ଗ୍ରହଣ କରାଯାଉଛି ହେଲେ ଏଭଳି ଘଟଣା କମୁ ନାହିଁ। ଇଣ୍ଡିଆ ଆନୁଆଲ ରିପୋର୍ଟ ଅନ୍ ଟର୍ଚ୍ଚର ୨୦୧୯ ଅନୁସାରେ ଆମ ଦେଶରେ ଗତ ବର୍ଷ ହାଜତରେ ୧୭୩୧ ଅଭିଯୁକ୍ତଙ୍କର ମୃତ୍ୟୁ ଘଟିଥିଲା ଏଥି ମଧ୍ୟରୁ ପୋଲିସ ହାଜତରେ ୧୨୫ଜଣଙ୍କର ମୃତ୍ୟୁ ହୋଇଥିଲା ଜାତୀୟ ମାନବାଧିକାର କମିଶନଙ୍କ ରିପୋର୍ଟ ଅନୁସାରେ ଦେଶରେ ପ୍ରତିଦିନ ୫ଜଣଙ୍କର ହାଜତରେ ମୃତ୍ୟୁ ଘଟିଥାଏ। ଚଳିତବର୍ଷ ଜାନୁୟାରୀ ଠାରୁ ଜୁଲାଇ ମାସ ମଧରେ ୯୧୪ଜଣଙ୍କର ବିଭିନ୍ନ ତଦନ୍ତକାରୀ ସଂସ୍ଥାର ହାଜତରେ ମୃତ୍ୟୁ ଘଟିଛି। ଏଥିମଧ୍ୟରୁ ପୋଲିସ ହାଜତରେ ୫୩ଜଣଙ୍କର ମୃତ୍ୟୁ ହୋଇଛି। ମାନବାଧିକାର କମିଶନଙ୍କ ପକ୍ଷରୁ ରେକର୍ଡ କରାଯାଇଥିବା ୧୭୧୪୬ଟି ହାଜତ ମୃତ୍ୟୁ ମାମଲା ମଧ୍ୟରୁ ୯୨ପ୍ରତିଶତଙ୍କର ବିଚାର ବିଭାଗୀୟ ହାଜତରେ ମୃତ୍ୟୁ ଘଟିଥିବାବେଳେ ୧୩୮୭ଜଣଙ୍କର ପୋଲିସ ହାଜତରେ ମୃତ୍ୟୁ ଘଟିଛି। ଏକଥା ମଧ ସତ୍ୟ ଯେ ଅନେକ ସମୟରେ ଅଭିଯୁକ୍ତ ମୁହଁରୁ ସତ କଥାଜାଣିବା ପାଇଁ ପୋଲିସକୁ କଠୋର ହେବାକୁ ପଡିଥାଏ। କିନ୍ତୁ ଏହା ସତ୍ତ୍ୱେ ମନେ ରଖିବା ଉଚିତ୍ ଯେ ଅଭିଯୁକ୍ତର ମୃତ୍ୟୁ କାରଣରୁ ପୋଲିସର କର୍ଯ୍ୟଶୈଳୀ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥାଏ। ତଦନ୍ତକାରୀ ସଂସ୍ଥା ତାର କାମ ଠିକ୍ ଭାବରେ କରିବା ଉଚିତ୍। କିନ୍ତୁ ଏକଥା ବି ଆଶା କରାଯିବା ଉଚିତ୍ ଯେ, ପୋଲିସ ହାଜତରେ ଅଭିଯୁକ୍ତ ସୁରକ୍ଷିତ ରହିବ। ଇଣ୍ଟରୋଗେସନ ଚାମ୍ବର ବା ପଚରାଉଚୁରା କକ୍ଷରେ ସିସିଟିଭି କ୍ୟାମେରା ଲଗାଗଲେ ଅନେକ ଅବ୍ୟବସ୍ଥା ସୃଷ୍ଟି ହେବାର ସମ୍ଭାବନା ରହିଛି। ଏସବୁ କକ୍ଷରେ ସିସିଟିଭି ଲଗାଗଲେ ଅଭିଯୁକ୍ତ ଠାରୁ ମିଳୁଥିବା ଗୋପନୀୟ ସୂଚନା ଲିକ୍ ହେବାର ଆଶଙ୍କା ରହିଛି ଏପରିକି ସୂଚନାର ଦୁରୁପଯୋଗ ହେବାର ଆଶଙ୍କା ମଧ ରହିଛି। ଆତଙ୍କବାଦୀ ଏବଂ ଦେଶ ବିରୋଧୀ ତତ୍ତ୍ୱଙ୍କୁ ପଚରା ଉଚୁରା ବେଳେ ମିଳୁଥିବା ତଥ୍ୟ ଯଦି ଲିକ୍ କରିଯାଏ ତେବେ ତାର ପରିଣାମ ଘାତକ ସିଦ୍ଧ ହୋଇପାରେ। କିନ୍ତୁ ଯାହା ବି ହେଉ କୋର୍ଟଙ୍କ ଆଦେଶ ପରେ ଲୋକଙ୍କ ପ୍ରତି ପୋଲିସ ଓ ତଦନ୍ତକାରୀ ସଂସ୍ଥାର ଅଧିକାରମାନଙ୍କ ବ୍ୟବହାରରେ ପରିବର୍ତ୍ତନ ହେବ ନିଶ୍ଚୟ। ବରିଷ୍ଠ ଅଧିକାରୀମାନେ ପ୍ରୟାସ କରିବା ଆବଶ୍ୟକ କିପରି ଲୋକଙ୍କର ଭରଷା ପୋଲିସ ପ୍ରତି ବଢ଼ିବ।

## ଭୋଜନ କରିବାର ସରଳ ଉପାୟ



ଅତ୍ୟାଧୁନିକର ସ୍ୱର୍ଶରେ ମନୁଷ୍ୟ ଯନ୍ତ୍ରଚାଳିତ ମାନବ ହୋଇଛି କହିଲେ ଚଳେ। ଫେସନରେ ରହିବା ସହ ଖାଦ୍ୟପେୟର ପ୍ରଣାଳୀକୁ ମଧ ଅନେକାଂଶରେ ପରିବର୍ତ୍ତନ କରିଛି। ସେଥିପାଇଁ ଆଜିକାଲିର ଲୋକେ ଅଧିକ ରୋଗଗ୍ରସ୍ତ ହେଉଛନ୍ତି। ନିକଟରେ ଭାରତୀୟ ଏକ ସଂସ୍ଥା ପୁରାତନ ପ୍ରଣାଳୀରେ ଭାରତୀୟ ଖାଦ୍ୟ ପରଷା, ଭୋଜନ ଉପରେ ସନ୍ଦର୍ଭ ପ୍ରସ୍ତୁତ କରି ଆଜିର ପିଢ଼ିଙ୍କୁ ଏହାର ଆବଶ୍ୟକତା ସମ୍ପର୍କରେ ଅବଗତ କରାଇବାକୁ ଚେଷ୍ଟା କରିଛି।

♦ କଦଳୀ ପତ୍ରରେ ଭୋଜନ କରିବା ଭାରତର ଏକ ସର୍ବପୁରାତନ ପରମ୍ପରା। ଭାରତର ଅନେକ ଗାଁ, ସହରରେ ଏଭଳି ଖାଦ୍ୟ ପରଷାକୁ ଭୁଲିବାକୁ ବସିଥିବା ବେଳେ କେରଳ ଓ କର୍ଣ୍ଣାଟକରେ ଧନୀକ ଗୋଷ୍ଠୀର ଲୋକେ ଆଜି ପର୍ଯ୍ୟନ୍ତ କଦଳୀ ପତ୍ରରେ ହିଁ ଖାଉଛନ୍ତି। ଓଡ଼ିଶାରେ ବିଭିନ୍ନ ପର୍ବପର୍ବାଣି ତଥା କାର୍ତ୍ତିକ ମାସରେ ଲୋକେ କଦଳୀ ପତ୍ରରେ ଖାଦ୍ୟ ବାଢ଼ି ଖାଇଥିବାର ନଜିର ରହିଛି। ବିଶେଷଜ୍ଞ ମତରେ, କଦଳୀ ପତ୍ରରେ ଖାଇଲେ ଭୋକ ବଢ଼ିବା ସହ ପେଟର ଜ୍ୱଳନ କମ ହୋଇଥାଏ। ଶାସ୍ତ୍ର ଅନୁସାରେ, କଦଳୀ ପତ୍ରରେ ଭୋଜନ କଲେ ମନ ପ୍ରସନ୍ନ ରହିବା ସହ ଘରେ ସୁଖ ସମୃଦ୍ଧି ବଢ଼ିଥାଏ।

♦ ଆଗ କାଳରେ ଜମିଦାର ଘରେ କଂସା ବାସନରେ ବ୍ୟବହାର ଅଧିକ ଥିଲା। ଆଜିକାଲି ଭାରତର ଅଧିକାଂଶ ପଞ୍ଚତାରକା ହୋଟେଲରେ କଂସା ବାସନରେ ଖାଦ୍ୟ ପରଷା ଯାଉଛି। ୯୭% ପୋଷାକ ତତ୍ତ୍ୱ ଏହି ବାସନରେ ଥିବା ଗବେଷକଙ୍କ ମତ। ଆୟୁର୍ବେଦ ଅନୁସାରେ, କଂସା ବାସନରେ ଖାଇଲେ ସ୍ମୃତି ଶକ୍ତି ପ୍ରଖର ହେବା ସହ ରକ୍ତପିତ୍ତ ମଧ ଠିକ୍ ରହେ।

♦ ରୂପା ବାସନରେ ଖାଇବା ପରମ୍ପରା ରାଜପରିବାରରେ ରହିଛି। ରୂପା ବାସନରେ ଖାଇଲେ ଶରୀର ଥଣ୍ଡା ରହିବା ସହ ଦୃଷ୍ଟିଶକ୍ତି ଉତ୍ତମ ରହେ। ରାଜ ପରିବାରରେ ରାଜା, ମହାରାଜା ସୁନା ବାସନରେ ଖାଇବା ଯେପରି ଏକ ନିୟମ।

♦ ମାଟି ବାସନରେ ଖାଦ୍ୟ ଶୀଘ୍ର ରାନ୍ଧିହେବା ସହ ସୁସ୍ୱାଦୁ ହୋଇଥାଏ। ମାଟି ବାସନରେ ରନ୍ଧାଖାଦ୍ୟ ଖାଇବା ସ୍ୱାସ୍ଥ୍ୟ ପାଇଁ ଉପକାରୀ।

♦ ଆୟୁର୍ବେଦ ଅନୁସାରେ, ଲୁହା ବାସନରେ ଭୋଜନ କଲେ ଶରୀର ଉପରେ କୌଣସି କୁପ୍ରଭାବ ପଡ଼ିନଥାଏ। ଏହା ସହ ଶରୀରରେ ଲୌହ ପୋଷାକ ତତ୍ତ୍ୱ ବଢ଼ିବା ସହ ହିମୋଗ୍ଲୋବିନର ପରିମାଣ ମଧ ଠିକ୍ ରହେ।

♦ ତମ୍ବା ପାତ୍ରରେ ପାଣି ପିଇବା ଦ୍ୱାରା ତ୍ୱଚାରେ ଭାଙ୍ଗ ପଡ଼ିନଥାଏ। କିମ୍ବା ବୟସର ଛାପ ମଧ ପଡ଼େନାହିଁ। ରକ୍ତ ଓ ପେଟ ସମ୍ବନ୍ଧୀୟ ରୋଗ ମଧ ଭଲ ହୋଇଥାଏ।

♦ ପ୍ଲାଷ୍ଟିକ କିମ୍ବା ଆଲୁମିନିୟମ ପାତ୍ରରେ ଖାଇବା ଅନୁଚିତ। ଆଲୁମିନିୟମ ପାତ୍ରରେ ଖାଇଲେ ବିଭିନ୍ନ ପ୍ରକର ରୋଗର ଆକ୍ରାନ୍ତ ହେବାର ଆଶଙ୍କା ରହିଛି।

## ସେନ୍‌ସର୍ ସହାୟତାରେ ଖରାପ ଖିର ହେବ ଚିହ୍ନଟ



ନିକଟରେ ୱାଶିଂଟନ୍ ଗବେଷକଦଳ ଉଚ୍ଚକ୍ଷମତା ସମ୍ପନ୍ନ ସେନ୍‌ସର୍ ତିଆରି ରଖିବା ଦ୍ୱାରା ଖରାପ ହୋଇଯାଇଥିବା ଖିର ପ୍ୟାକେଟ୍ କିମ୍ବା ଡବାର ସଙ୍କେତ ଦେବ । ଅନେକ ସମୟରେ ଖିର ପ୍ୟାକେଟ୍ ଉପରେ ଏକ୍ସପ୍ୟାରୀ ଡେଟ୍ ଲିଭି ଯାଇଥାଏ । ଆପଣ ପ୍ୟାକେଟ୍‌କୁ ସେନ୍‌ସର୍ ପାଖରେ ରଖିବା ମାତ୍ରେ ତାହା




ତୁରନ୍ତ ସଙ୍କେତ ଦେବ । ସେନ୍‌ସର୍‌ରେ ଥିବା ନାନୋପାର୍ଟିକ୍ସ ସହାୟତାରେ ଖିରର ସତେଜତା ଜାଣି ହୋଇଥାଏ ବୋଲି ବିଶେଷଜ୍ଞ ପ୍ରକାଶ କରିଛନ୍ତି । ଏହି କାର୍ଯ୍ୟ ବ୍ୟତୀତ ସେନ୍‌ସରୁ ଅନ୍ୟାନ୍ୟ ତଥ୍ୟ ମଧ ଦେବ । ଯେପରି ଖିରରେ ଅପମିଶ୍ରିତ ହୋଇଛି କିମ୍ବା ନାହିଁ । ଏ ବାବଦରେ ତଥ୍ୟ ଆପଣଙ୍କ ସ୍ମାର୍ଟଫୋନ୍‌କୁ ଆସିଯିବ ।

## ଆମ୍ବ ମଫିନ୍

ଫଳର ରାଜା ଆମ୍ବ ଖାଇବାକୁ କାହାକୁ ବା ଭଲ ନଲାଗେ । ଏଥିରେ ସରବତଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାର ଖାଦ୍ୟ ପ୍ରସ୍ତୁତ କରି ଖଶଇଥାନ୍ତି। ପିଲାଙ୍କଠାରୁ ବଡ଼ ଯାଏ ସମସ୍ତଙ୍କ ପସନ୍ଦର ଫଳଟିଏ ଆମ୍ବ । ଏବେ ଏଥିରେ ମଫିନ ପ୍ରସ୍ତୁତ କରି ଖାଇଥାନ୍ତି । ପିଲାଙ୍କଠାରୁ ବଡ଼ ଯାଏ ସମସ୍ତଙ୍କ ପସନ୍ଦର ଫଳଟିଏ ଆମ୍ବ । ଏବେ ଏଥିରେ ମଫିନ ପ୍ରସ୍ତୁତ କରି ଦେଖନ୍ତୁ, ନିଚ୍ଚୟ ସବୁଠାରୁ ଭଲ ଲାଗିବ ।



ପ୍ରସ୍ତୁତି ମଫିନ କରିବା ଲାଗି ପ୍ରଥମେ ଏକ ପାତ୍ରରେ ମଇଦା, ବେକିଂ ସୋଡ଼ା ଏବଂ ବେକିଂ ପାଉଡର ମିଶାନ୍ତୁ । ଆଉ ଏକ ପାତ୍ରରେ କଣ୍ଡେନସଡ ମିଲ୍କ, ଲହୁଣି ଏବଂ ଆମ୍ବ ଶସ ମିଶାଇ ଭଲଭାବେ ଫେଣ୍ଟିଦେବେ । ଏବେ ସେଥିରେ ଲୁଣ, ଗୁଣ୍ଡ ଚିନି ଗୁଜୁରାତି ଗୁଣ୍ଡ ମିଶାଇ ଆହୁରି ଭଲଭାବେ ମିଶାଇ ଦିଅନ୍ତୁ । ପୂର୍ବରୁ କରି ରଖିଥିବା ମଇଦା ମିଶ୍ରଣ ସେଥିରେ ମିଶାଇବା ପରେ ଯଦି ଲକ୍ଷ୍ୟ କରନ୍ତି ଯେ ଘୋଳ ବେଶୀ ଗାଢ଼ ହୋଇଯାଉଛି, ତେବେ ସେଥିରେ କ୍ଷୀର ପକାଇ ପତଳା କରିପାରିବେ । ଓଜନକୁ ଆଗୁଆ ୧୮୦ ଡିଗ୍ରୀ ସେଣ୍ଟିଗ୍ରେଡରେ ଗରମ କରନ୍ତୁ । ମଫିନ ଟ୍ରେରେ ହାଲକା ତେଲ ଲଗାଇ ସେଥିରେ ତିନପି ଚତୁର୍ଥାଂଶ ଘୋଳ ପକାଇବେ । ଇଚ୍ଛା କଲେ ମଫିନ ପେପର କପ ବି ବ୍ୟବହାର କରିପାରନ୍ତି । ଏହାକୁ ଓଜନରେ ୨୦ମିନିଟ୍ ବେକ୍ କରିବା ପରେ ମଫିନ ପ୍ରସ୍ତୁତ । ଏହାକୁ ପରଷି ପାରନ୍ତି ।

ଆବଶ୍ୟକ ସାମଗ୍ରୀ:- ମଇଦା, ୧କପ୍, କର୍ଡେନସଡ ମିଲ୍କ ୧/୨ କପ, ଗୁଣ୍ଡ ଚିନି-୧/୨ କପ ଆମ୍ବ, ଶସ -୧/୨ କପ କ୍ଷୀର-୧/୨ କପ ତରଳିଥିବା ଲହୁଣି-୧/୩ କପ ଛୋଟ ଚାମଚରେ ଗୁଜରାତି ଗୁଣ୍ଡ ୧/ ଚାମଚ ବେକିଂ ସୋଡା-୧/୪ ଚାମଚ, ବେକିଂ ପାଉଡର -୧ଚାମଚ ଏବଂ ସ୍ୱାଦନୁସାରେ ଲୁଣ ।

## ମେଗାପଡ ଏଗ ଫିଲ୍ଡ



ଅଧିକାଂଶ ପକ୍ଷୀ ନିଜ ଶରୀରର ତାପମାତ୍ରାରେ ଅଣ୍ଡା ଉଷୁମାନ୍ତି କିନ୍ତୁ ମେଗାପଡ ସେପରି କରେ ନାହିଁ । ମେଗାପଡ ଦେଖିବାକୁ କୁକୁଡ଼ା ଭଳି । ମାଟିରେ ସେମାନେ ଅଣ୍ଡା ପୋତି ସେହି ଉତ୍ତାପରେ ଅଣ୍ଡା ଫୁଟାନ୍ତି । ମାଟିରେ ପତ୍ର ଆଦି ରଖି ସେମାନେ ଅଣ୍ଡା ପୋତନ୍ତି । ସେମାନଙ୍କର ଏହି ବସା ମେଲ ମେଗାପଡ ତିଆରି କରନ୍ତି ଓ ଯଦି ଅଣ୍ଡାଗୁଡ଼ିକ ତା' ଭିତରେ ଉଷୁମରେ ନ ରହେ ତା' ହେଲେ ତା' ପାଇଁ ଦାୟୀ ମେଲମେଗାପଡ଼ଙ୍କୁ କରାଯାଏ । ଫିମେଲ ଅଣ୍ଡା ଦେବା ପରେ ସେହି ସ୍ଥାନ ଛାଡ଼ି ଚାଲିଯାଏ । ସେହି ସ୍ଥାନର ତାପମାତ୍ରା ନିୟନ୍ତ୍ରଣ କରିବା ପାଇଁ ତା' ଉପରେ ମାଟି ତଥା ପତ୍ର ପକାଯାଏ । ଏହି ପକ୍ଷୀ ହିଁ ନିଜେ ମାଟି ଖୋଳି ଅଣ୍ଡା ବାହାର କରନ୍ତି । ମେଗାପଡ଼ ତା ଛୁଆର ଯତ୍ନ କେବେ ନେଇ ନ ଥାଏ କି ଖାଇବାକୁ ଖାଦ୍ୟ ଯୋଗାଏ ନାହିଁ । ମେଗାପଡ ଫାମିଲିରେ ୨୦ ପ୍ରଜାତି ଅଛନ୍ତି । ଇଣ୍ଡୋନେସିଆ, ନ୍ୟୁଗୁନିଆ, ପଲିନେସିଆ, ଆଣ୍ଡାମାନ ତଥା ନିକୋରବର ଦ୍ୱୀପପୁୟଜରେ ଏମାନେ ଦେଖାଯାନ୍ତି । ଏହି ଦ୍ୱୀପପୁଞ୍ଜର ଅଧିବାସୀମାନେ ମେଗାପଡ ଅଣ୍ଡାକୁ ଖାଦ୍ୟ ଭାବେ ଗ୍ରହଣ କରନ୍ତି । କୁକୁଡ଼ା ଅଣ୍ଡାଠାରୁ ଏହି ଅଣ୍ଡା ପଚାଶ ପ୍ରତିଶତ ବଡ଼ । ଏହାର ଉପର ଖୋଳପା ପତଳା ଓ କେଶର ଆକାର ଖୁବ ବଡ଼ । ଏହି ସବୁ ସ୍ଥାନମାନଙ୍କରେ ମେଗାପଡ଼ ଅଣ୍ଡାକୁ ଡାଏଟର ମୁଖ୍ୟ ଭାବେ ଗ୍ରହଣ କରାଯାଏ ଏବଂ ଏହି ଅଣ୍ଡା ହିଁ ସେମାନଙ୍କ ରୋଜଗାରର ମୁଖ୍ୟ ମାଧ୍ୟମ । ।

# ବଢ଼ାନ୍ତୁ ପିଲାଙ୍କ ସ୍ମରଣ ଶକ୍ତି

**ପିଲାଙ୍କ ସ୍ମରଣ ଶକ୍ତି ବୃଦ୍ଧି କରିବା ସହିତ ମାନସିକ ଓ ଶାରୀରିକ ଭାବେ ସୁସ୍ଥ ରଖିବାକୁ ଚାହୁଁଥିଲେ ସେମାନଙ୍କୁ କିଭଳି ଖାଦ୍ୟ ଦିଆଯିବା ଉଚିତ ଆସନ୍ତୁ ଜାଣିବା....**

■ବର୍ତ୍ତମାନ ଅଧିକାଂଶ ପିଲା ଜଙ୍କଫୁଡ ଖାଇବାକୁ ପସନ୍ଦ କରୁଛନ୍ତି । ଏହି କାରଣରୁ ସେମାନେ ଅଧିକ ପୋଷକତତ୍ତ୍ୱ ଥିବା ଖାଦ୍ୟଠାରୁ ଦୂରେଇ ଯାଉଛନ୍ତି । ଫଳତଃ ପିଲାମାନଙ୍କ ଶାରୀରିକ ବିକାଶର ଗତି ଧିମା ହୋଇଯାଛି । ଏହା ସହିତ ସେମାନଙ୍କର ମାନସିକ ବିକାଶ ମଧ ସଠିକ୍ ଭାବରେ ହୋଇପାରୁନାହିଁ ।

■ଆମ ସମସ୍ତଙ୍କର ଇଚ୍ଛା, ଆମର ପିଲାମାନେ ପାଠପଢ଼ା ସାଙ୍ଗକୁ ଖେଳକୁଦରେ ଅନ୍ୟପିଲାମାନଙ୍କଠାରୁ ଭଲ କରନ୍ତୁ । ମାତ୍ର ସବୁ ଅଭିଭାବକଙ୍କର ଏହି ସ୍ୱପ୍ନ ସାକାର ହୋଇପାରେ ନାହିଁ । ସବୁ ପିଲା ଶାରୀରିକ ଓ ମାନସିକ ସ୍ତରରେ ସୁସ୍ଥ ରହିପାରନ୍ତି ନାହିଁ । ଗୋଟିଏ ପିଲା ଖେଳଠାରୁ ପାଠପଢ଼ା ପର୍ଯ୍ୟନ୍ତ ସବୁଥିରେ ଆଗୁଆ ହେଉଥିବାବେଳେ ଅନ୍ୟ ପିଲାଟି ଏଥିରେ ପଛୁଆ ରହିଯାଏ । ସାଧାରଣତଃ ପିଲାମାନେ ଆଗକୁ ବଢ଼ିବାରେ ସେମାନଙ୍କ ମସ୍ତିଷ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ । ଯେଉଁ ପିଲାଙ୍କ ମସ୍ତିଷ୍କ ଯେତେ ଉନ୍ନତ, ସ୍ମରଣଶକ୍ତି ଯେତେ ପ୍ରଖର; ସେହି ପିଲା ସେତେ ସ୍ମାର୍ଟ ଓ ପଢ଼ାଠାରୁ ଖେକୁଦ ପର୍ଯ୍ୟନ୍ତ ଅନ୍ୟମାନଙ୍କଠାରୁ ଆଗରେ ରହିଥାଏ ।

■ଏଭଳି କ୍ଷେତ୍ରରେ ଅଭିଭାବକଙ୍କ ଦାୟିତ୍ୱ ହେଉଛି ସେମାନେ ପିଲାଙ୍କୁ ଏଭଳି ଆହାର ଦେବା ଉଚିତ, ଯାହା ଦ୍ୱାରା ପିଲାଙ୍କ ସ୍ମରଣଶକ୍ତି ପ୍ରଖର ହେବ । ମସ୍ତିଷ୍କର ବିକାଶ ଘଟିବ । ଯଦି ଆପଣ ମଧ ଆପଣଙ୍କ ପିଲାଙ୍କ ସ୍ମରଣ ଶକ୍ତି ବୃଦ୍ଧି କରିବା ସହିତ ମାନସିକ ଓ ଶାରୀରିକ ଭାବେ ସୁସ୍ଥ ରଖିବାକୁ ଚାହୁଁଛନ୍ତି, ତେବେ ସେମାନଙ୍କୁ ବିଭଳି ଖାଦ୍ୟ ଦିଆଯିବା ଉଚିତ ଆସନ୍ତୁ ଜାଣିବା ।



**ସବୁଜ ପନିପରିବା:-** ଆପଣ ଲକ୍ଷ୍ୟ କରିଥିବେ ଯେ ପିଲାଏ ସବୁଜ ପନିପରିବା ଖାଇବା ପାଇଁ ଅଧିକ ଆଗ୍ରହ ପ୍ରକାଶ କରିନଥାନ୍ତି । କିଛି ପିଲା ତ ପନିପରିବା ନାଁ ଶୁଣି ମୁହଁ ବୁଲାଇ ନିଅନ୍ତି । ଅସଲ କଥା ହେଉଛି, ସବୁଜ ପନିପରିତବାରେ ପ୍ରଚୁର ପରିମାଣରେ ଭିଟାମିନ ରହିଛି ମାନସିକ ବିକାଶ ପାଇଁ ଏହି ଭିଟାମିନ ଅତ୍ୟନ୍ତ ଜରୁରୀ । ପିଲାଙ୍କୁ ସବୁଜ ପନିପରିବା ଆଦି ଖାଇବାକୁ ପ୍ରୋତ୍ସାହିତ କରନ୍ତୁ। ଏହା ଦ୍ୱାରା ସେମାନଙ୍କରା ମାନସିକ ବିକାଶ ଠିକ୍ ଭାବରେ ହୋଇପାରିବ ।








**ଅଣ୍ଡା:-** ପ୍ରୋଟିନରେ ଭରପୂର ଅଣ୍ଡା କେବଳ ସ୍ୱାସ୍ଥ୍ୟ ପାଇଁ ନୁହେଁ ବରଂ ସ୍ମରଣଶକ୍ତି ମଧ ବୃଦ୍ଧି କରିବାର ଏକ ପ୍ରମୁଖ ସ୍ରୋତ । ଅଣ୍ଡାରେ କୋ କୋଲିନ ନାମକ ପୋଷକ ତତ୍ତ୍ୱ ପ୍ରଚୁର ପରିମାଣରେ ରହିଛି । ଏହି ପୋଷକ ତତ୍ତ୍ୱ ପିଲାଙ୍କ ମସ୍ତିଷ୍କକୁ ଅଧିକ ସକ୍ରିୟ ରଖିଥାଏ ଓ ସ୍ମରଣ ଶକ୍ତି ବଢ଼ାଇବାରେ ସହାୟତା କରିଥାଏ । ଅଣ୍ଡାର ବିଶେଷତ୍ୱ ହେଉଛି, ଏହାକୁତ ତରକାରୀ, ପୁଚ, ଭୁଜିଆ, ସିଝା, ଆମଲେଟ୍ ଆଦି ବିଭିନ୍ନ ପ୍ରକାରରେ ଖାଇବା ସମ୍ଭବ ହୋଇଥାଏ । ପିଲାଏ ଅଣ୍ଡାକୁ ସ୍ୟାଣ୍ଡୱିଚ ସହିତ ଖାଇବାକୁ ପସନ୍ଦ କରିଥାନ୍ତି ।



**କ୍ଷୀର :-** କ୍ଷୀର ପିଲାମାନଙ୍କ ପାଇଁ ଏକ ସମ୍ପୂର୍ଣ୍ଣ ଆହାର ବୋଲି କୁହାଯାଇଆସୁଛି । କ୍ଷୀରରେ ପ୍ରଚୁର ପରିମାଣରେ ରହିଛି କ୍ୟାସିଞ୍ଜମ । ଏହା ପିଲାଙ୍କ ଶରୀରିକ ଓ ମାନସିକ ବିକାଶ ପାଇଁ ଅତ୍ୟନ୍ତ ଜରୁରୀ । କ୍ଷୀର ପିଇବା ଦ୍ୱାରା ପିଲାଙ୍କ ହାଡ଼ ମଜଭୁତ ହୋଇଥାଏ । ଏହା ସହିତ ମସ୍ତିଷ୍କର ଉପଯୁକ୍ତ ବିକାଶ ମଧ ଘଟିଥାଏ । ପିଲାଙ୍କୁ ପ୍ରତିଦିନ ସକାଳେ ଗିଲାସେ କ୍ଷୀର ପିଇବାକୁ ଦିଅନ୍ତୁ । ଏହି ଅଭ୍ୟାସ ସେମାନଙ୍କୁ ଶାରୀରିକ ଓ ମାନିସକ ଭାବରେ ସୁସ୍ଥ ରଖିବ ।



**ଦହି:-** ଯଦି ଆପଣଙ୍କ ପିଲାଏ କ୍ଷୀର ପିଇବାକୁ ଅନିଚ୍ଛା ପ୍ରକାଶ କରୁଛନ୍ତି, ଦହି ସେମାନଙ୍କ ପାଇଁ ଏକ ଭଲ ବିକଳ୍ପ । ଦହିରେ କ୍ଷୀର ଅପେକ୍ଷା ଅଧିକ ପରିମାଣର କ୍ୟାଲସିୟମ ରହିଛି ଏବଂ ଏହାକୁ ହଜମ କରିବା ମଧ ସହଜ । ଦହି ଭିଟାମିନ ବି ଓ ପ୍ରୋଟିନର ଏକ ଉତ୍ତମ ସ୍ରୋତ, ଯାହା ମସ୍ତିଷ୍କର ସଠିକ୍ ବିକାଶ କରିବାରେ ସହାୟକ ହୋଇଥାଏ । ଦହିରେ ଥିବା ପ୍ରୋବାୟୋଟିକ୍ ବ୍ୟାକ୍ଟେରିଆ ପାଚନଦ ତନ୍ତ୍ରକୁ ସୁସ୍ଥ ରଖିଥାଏ ।

# ଦୁଇଟି ନୂଆ ପ୍ରକଳ୍ପର ଲୋକାର୍ପଣ କଲେ ବନ୍ଦର ଅଧ୍ୟକ୍ଷ



ପାରାଦୀପ ,୧୮।୧୨ (ନି.ପ୍ର): ବୁଧବାର ଦିନ ପାରାଦୀପ ବନ୍ଦର ପୋତାଶ୍ରୟ ମଧ୍ୟରେ ଜଳ ସିଂଚନ କାର୍ଯ୍ୟକ୍ରମର ଲୋକାର୍ପଣ କରିଛନ୍ତି ବନ୍ଦର ଅଧ୍ୟକ୍ଷ ରିଙ୍କେଶ ରାୟ । ସ୍ୱେଜ ଟ୍ରିଟମେଣ୍ଟ ପ୍ଲାଣ୍ଟରୁ ଜଳକୁ ଏଠାରେ ସଂଗୃହିତ କରି ରଖାଯିବ । ଏହି ଜଳ ସିଂଚନରେ ବ୍ୟବହୃତ ହେବ । ପୂର୍ବରୁ ପାଣି ଟ୍ୟାଙ୍କର ମାଧ୍ୟମରେ ଜଳ ସିଂଚନ କରାଯାଉଥିଲା । ପାରାଦୀପରେ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ବିଦ୍ୟୁତ ସରାବରାହରେ ବ୍ୟାଘାତ ସୃଷ୍ଟି ନ ହେବା ପାଇଁ ଟାଉନ୍‌ସିପରେ ଉଚ୍ଚଳ କେବୁଲ ବାସଗୃହ ମାନଙ୍କୁ ସଂଯୋଗ କରାଯାଇଛି । ପ୍ରାକୃତିକ ବିପର୍ଯ୍ୟୟ ସମୟରେ ବନ୍ଦର ଅନ୍ତେବାସୀଙ୍କର ବିଦ୍ୟୁତ ସେବାରେ ବ୍ୟାଘାତ ସୃଷ୍ଟି ହେଉନାହିଁ । ସେହିପରି ବନ୍ଦର ପୋତାଶ୍ରୟ ଅଂଚଳରେ ଭୁତଳ କେବୁଲ ବ୍ୟବସ୍ଥାର କାର୍ଯ୍ୟାରମ୍ଭ ହୋଇଛି । ଏଥି ସହ ପ୍ରତ୍ୟେକ ସବଷ୍ଟେସନ୍ ମାନଙ୍କରେ ଉଚ୍ଚ କ୍ଷମତା ସମ୍ପନ୍ନ ଜେନେରେଟର ବ୍ୟବସ୍ଥା କରାଯାଇଛି । ଫଳରେ ବିପର୍ଯ୍ୟୟ ସମୟରେ ନିରବଚ୍ଛନ୍ନ ବିଦ୍ୟୁତ ବିତରଣ ହୋଇ ପାରିବ । ପାରାଦୀପ ବନ୍ଦର ୪ନଂ ଫାଟକ ନିକଟରେ ଆପାଉ କାଳୀନ ସୂଚନା କେନ୍ଦ୍ରକୁ ମଧ ବନ୍ଦର ଅଧ୍ୟକ୍ଷ ଶ୍ରୀ ରାୟ ଲୋକାର୍ପଣ କରିଛନ୍ତି । ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସିଆଇଏସ୍‌ଏଫ୍ ବନ୍ଦର ଅଧିକାରୀଙ୍କ ସହ ମିଶି ବିପର୍ଯ୍ୟୟ ପ୍ରଶମନରେ ସହଯୋଗ କରିପାରିବେ । ଏହା ନିକଟରେ ଖୁବ୍‌ଶୀଘ୍ର ଏକ ବିଶ୍ରାମାଗାର ସ୍ଥାପନ କରାଯିବ । ଏଠାରେ ନିୟୋଜିତ କର୍ମଚାରୀମାନେ ବିଶ୍ରାମ କରିପାରିବେ ବୋଲି ପାରାଦୀପ ବନ୍ଦର ପକ୍ଷରୁ ପ୍ରକାଶିତ ଏକ ପ୍ରେସ୍ ଇସ୍ତାହାରରୁ ସୂଚନା ମିଳିଛି ।

# ୩୩ ଛଟେଇ କର୍ମଚାରୀଙ୍କୁ ପୁନଃନିଯୁକ୍ତି ଦାବି : ମାସେ ମଧ୍ୟରେ ଦାବି ପୂରଣ ନହେଲେ ଧାରଣା ଚେତାବନୀ

ଭଦ୍ରକ,୧୮।୧୨ (ନି.ପ୍ର): ଗତ ୧ବର୍ଷ ପୂର୍ବେ ଛଟେଇ ହୋଇଥିବା ୩୩ କର୍ମଚାରୀଙ୍କୁ ପୁନଃନିଯୁକ୍ତି ଦେବାକୁ ଦାବି ହୋଇଛି । ଓଡ଼ିଶା ମେଡିକାଲ କର୍ମଚାରୀ ସଂଘ ଭଦ୍ରକ ଶାଖା ପକ୍ଷରୁ ଅନୁଷ୍ଠିତ ଏକ ବୈଠକରେ ସଂଘର ରାଜ୍ୟ ସଭାପତି ପ୍ରଭାକର ପଲେଇ ଯୋଗଦେଇ ଉକ୍ତ ଦାବି କରିଛନ୍ତି । ତେବେ ଉକ୍ତ ବୈଠକରେ ଜିଲ୍ଲା ସଂଘର ସମ୍ପାଦକ ବାମଦେବ ପାଢ଼ୀ ଅଭିଯୋଗ କରିଛନ୍ତି ଯେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏବେ ୪୦ରୁ ଉର୍ଦ୍ଧ୍ୱ କର୍ମଚାରୀ ବିଭିନ୍ନ କ୍ଷେତ୍ରରେ ଏକ ଏନଜିଓ ଦ୍ୱାରା ନିୟୋଜିତ ହୋଇ କାର୍ଯ୍ୟ କରୁଛନ୍ତି । ସେମାନେ ରୋଗୀ କଲ୍ୟାଣ ସମିତି ଓ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଅଧିନରେ ଆଟେଣ୍ଡାଂଟ ଭାବେ କାର୍ଯ୍ୟ କରୁଛନ୍ତି । କିନ୍ତୁ ୨୦୧୯ ମସିହା ଡିସେମ୍ବର ମାସ ୩୩ଜଣ କର୍ମଚାରୀଙ୍କୁ ଏହି ଏନଜିଓ ଚାକିରୀରୁ ଛଟେଇ କରିଥିଲା । ଏସମ୍ପର୍କରେ ଛଟେଇ କର୍ମଚାରୀମାନେ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ସାକ୍ଷାତ କରି ଉକ୍ତ ଏନଜିଓ ମୁଖ୍ୟଙ୍କ ସ୍ୱେଚ୍ଛାଚାରିତା ବିଷୟରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ପାଇନଥିଲେ । ତେଣୁ ବାଧ ହୋଇ ସେମାନେ ଅଦାଲତର ଦ୍ୱାରସ୍ଥ ହୋଇଥିଲେ । ଇତିମଧ୍ୟରେ ସେମାନଙ୍କୁ ପୁନର୍ବାର ନିଯୁକ୍ତି ଦେବାକୁ କୋର୍ଟ ନିଜ ରାୟରେ ନିର୍ଦ୍ଦେଶ ଦେଇଛନ୍ତି । ଏହା ସତ୍ତ୍ୱେ ଜିଲ୍ଲା ଚିକିତ୍ସାଧିକାରୀ କୌଣସି ପଦକ୍ଷେପ ନେଉନାହାନ୍ତି । ଏହାବ୍ୟତୀତ ଗ୍ରୁପ ଡି ର କର୍ମଚାରୀମାନଙ୍କୁ ପ୍ରତିବର୍ଷ ପଦୋନ୍ନତି ଦେବାର ନିୟମ ଥିଲେ ମଧ୍ୟ ଏହା କରାଯାଉ ନାହିଁ । ଏସମସ୍ତ ସମସ୍ୟାର ସମାଧାନ ନିମନ୍ତେ ରାଜ୍ୟ ସଭାପତି ଶ୍ରୀ ପଲେଇଙ୍କ ନେତୃତ୍ୱରେ ଏକ ତିନିଜଣିଆ ଟିମ ଜିଲ୍ଲା ଚିକିତ୍ସାଧିକାରୀଙ୍କୁ ସାକ୍ଷାତ କରି ଏବିଷୟରେ ଆଲୋଚନା କରିଥିଲେ । ପପୋଜାଲ ଯାଇଛି । ଖୁବଶିଘ୍ର ନୂତନ ପଦବୀ ସୃଷ୍ଟି ହେବ । ଏହି ପଦବୀ ସୃଷ୍ଟି ହେଲେ ଏସମସ୍ତ ଛଟେଇ କର୍ମଚାରୀଙ୍କୁ ଅଗ୍ରାଧିକାର ଭିତିରେ ନିଯୁକ୍ତି ଦିଆଯିବ ବୋଲି ଭାରପ୍ରାପ୍ତ ମୁଖ୍ୟ ଚିକିତ୍ସାଧିକାରୀ ଡ. ମୁରଲିଧର ପାଢ଼ୀ ପ୍ରତିଶ୍ରୁତି ଦେଇଥିଲେ । ଉକ୍ତ ବୈଠକରେ ରାଜ୍ୟ ସଂଘର ଉପସଭାପତି ଶ୍ୟାମସୁନ୍ଦର ଦେଓ, ଜିଲ୍ଲା ସମ୍ପାଦକ ବାମଦେବ ପାଢ଼ୀ, ଅଜୟ ଭଟ୍ଟାଚାର୍ଯ୍ୟ, ରମେଶ ସିଂ, କମଳାକାନ୍ତ ଦାସ, ଅହଲ୍ୟା ମହାଲିକ, ସେକ ମୋଜାଫର, ଜ୍ୟୋତିଶ ଗୁପ୍ତା, ସୌଦାମିନି ମିଶ୍ର, ସୁବାଷିନି ସାହୁ, ଲକ୍ଷେହୀରା ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

# କୋଟଗଡ ଅଂଚଳର ସମାଜସେବୀ ଅଭିମନ୍ୟୁ ନାୟକଙ୍କ ଅକାଳ ବିୟୋଗ

କନ୍ଧମାଳ,୧୮।୧୨ (ନି.ପ୍ର): କନ୍ଧମାଳ ଜିଲ୍ଲା କୋଟଗଡ଼ ବ୍ଲକର ଜଣାଶୁଣା ସମାଜସେବୀ ତଥା ଅଗ୍ରଣୀ ଯୁବକ ସଂଘ କଳାଶ୍ରୀ ଯୁବ ସଂସଦର ପୂର୍ବତନ ସଭାପତି ଅଭିମନ୍ୟୁ ନାୟକଙ୍କର ଅକାଳ ବିୟୋଗରେ ଅଂଚଳରେ ଶୋକରଛାୟା ଖେଳି ଯାଇଛି । ଅଂଚଳର ଜଣେ ନିଖୁଳ କଳାକାର ଭାବେ ମଧ୍ୟ ସେ ତାଙ୍କର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ । ତାଙ୍କର ଅକାଳ ବିୟେଗ ଖବର ପାଇଁ ବହୁ ଅଂଚଳବାସୀ ଶେଷ ଦର୍ଶନ କରିବା ପାଇଁ ତାଙ୍କ ଘରେ ପହଂଚିଥିଲେ । ତାଙ୍କ ବିୟୋଗରେ ବର୍ତ୍ତମାନର କଳାଶ୍ରୀ ଯୁବ ସଂସଦର ସଭାପତି ମନୋଜ କୁମାର ସାବତଙ୍କ ସମେତ ସଂଘର ସମସ୍ତ କର୍ମକର୍ତ୍ତା ମାନେ ଶୋକ ପ୍ରକାଶ କରିବା ସହିତ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି । କୋଟଗଡ଼ ଅ ଳର ସମାଜସେବୀ ଓ କଳା ଜଗତର ଏକ ଅପୁରଣିୟ କ୍ଷତି ଘଟିଲା ବୋଲି ଅ ଳାସୀ ପ୍ରକାଶ କରିଛନ୍ତି ।

# ମ୍ୟାଲେରିଆ ନିୟନ୍ତ୍ରଣ ପାଇଁ ମଶାରି ବଣ୍ଟନ କାର୍ଯ୍ୟକ୍ରମ ଉଦ୍‌ଘାଟିତ

ଭୁବନ,୧୮।୧୨ (ନି.ପ୍ର): ଭୁବନ ବ୍ଲକ ଅନ୍ତର୍ଗତ ମାର୍ଥାପୁର ଉଚ୍ଚ ବିଦ୍ୟାଳୟରେ ଦୀର୍ଘସ୍ଥାୟୀ କୀଟନାଶକ ଉପଚାରିତ ମଶାରୀ ବଣ୍ଟନ କାର୍ଯ୍ୟକ୍ରମ ଉଦଘାଟିତ ହୋଇଯାଇଛି । ବିଡିଓ ଆଶୀର୍ବାଦ ପରିଡା ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାଂସଦ ମହେଶ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଡେଙ୍ଗୁ, ମ୍ୟାଲେରିଆ ନିୟନ୍ତ୍ରଣ ପାଇଁ ସରକାରଙ୍କ ମଶାରୀ ବଣ୍ଟନ କାର୍ଯ୍ୟକୁ ଭୂୟଶୀ ପ୍ରଶଂସା କରି ମଶାରୀ ବଣ୍ଟନ ର ଶୁଭାରମ୍ଭ କରିଥିଲେ । ସମ୍ମାନୀତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ,୧ ନମ୍ବର ଜୋନ ଜିଲ୍ଲା ପରିଷଦ ପ୍ରବୋଧ ଦାସ,ମଠକରଗୋଳା ସିଏଚସି ର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା.ଭାଗବତ ମାଝି, ଭେକ୍ଟର ବାହିତ ରୋଗ ବୈଷୟିକ ପରିଦର୍ଶକ ଅମିତ କୁମାର ସାମଲ ,ଜନସ୍ୱାସ୍ଥ୍ୟ ସଂପ୍ରସାରଣ ଅଧିକାରୀ ମାନସ ରଂଜନ ମିଶ୍ର, ବ୍ଲକ କାର୍ଯ୍ୟକ୍ରମ ପରିଚାଳିକା ମମତା ସାହୁ ପ୍ରମୁଖ,ଶିଶିର କୁମାର ସାହୁ ଯୋଗଦେଇଥିଲେ । ଭୁବନ ବ୍ଲକ ପାଇଁ ୬୦ ହଜାର ମଶାରୀ ଆସିଥିବା ସଂପର୍କରେ ବିଡିଓ ଶ୍ରୀ ପରିଡା ସୂଚନା ଦେଇ କହିଥିଲେ ଯେ ଗ୍ରାମ କଲ୍ୟାଣ କମିଟି,ଅଙ୍ଗନୱାଡି,ଆଶା କର୍ମୀ, ଗ୍ରାମ ରୋଜଗାର ସେବକ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାଙ୍କ ମାଧ୍ୟମରେ ଆସନ୍ତା କାଲି ଠାରୁ ଏହି ମଶାରୀ ବଣ୍ଟନ କରାଯିବ ।

# ମହାରାଜା ଶ୍ରୀରାମ ଚନ୍ଦ୍ର ଭଂଜଦେଓଙ୍କ ୧୫୦ ତମ ଜନ୍ମଜୟନ୍ତୀ

## ଓଡିଆ ଜାଗରଣ ମଂଚ ତରଫରୁ ମହାରାଜାଙ୍କ ସମାଧି ପୀଠରେ ପାଳିତ



ବାରିପଦା ,୧୮।୧୨ (ନି.ପ୍ର): ନବ ଓଡିଶାର ଅନ୍ୟତମ ନିର୍ମାତା, ଉତ୍କଳ ସମ୍ମିଳନୀର ପ୍ରଥମ ସଭାପତି ତଥା ମୟୂରଭ ଗଡଜାତ ରାଜ୍ୟର ପ୍ରଜାନୁରକ ମହାରାଜା ଶ୍ରୀରାମ ଚନ୍ଦ୍ର ଭଦେଓଙ୍କ ଆଜି ୧୫୦ ତମ ଜନ୍ମ ଜୟନ୍ତୀରେ ମଧୁବନ ରାଣିବାଗ ଠାରେ ଥିବା ତାଙ୍କର ପବିତ୍ର ସମାଧୀ ସ୍ଥଳରେ ଓଡିଆ ଜାଗରଣ ମଂଚ ପକ୍ଷରୁ ମଂଚର ପ୍ରତିଷ୍ଠାତା ଶରତ ଚନ୍ଦ୍ର ନାୟକଙ୍କ ଆବାହକତ୍ୱରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଏକତ୍ରିତ ହୋଇ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ବରିଷ୍ଠ ସାମ୍ବାଦିକ ଡଃ ବିଜୟ କୁମାର ଅଗ୍ରୱାଲା ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ସାମ୍ବାଦିକ ସୁକାନ୍ତ ଜୀଉ, ଦୀପକ କୁମାର ନାୟକ, ଶିକ୍ଷାବିତ ନରେନ୍ଦ୍ର ମୋହନ ସେନାପତି, ଜ୍ଞାନ ରନ ତ୍ରିପାଠୀ, ଉଦୟନାଥ ଜେନା, କୁମାରେଶ ନାୟକ, ଋଷିରାଜ ପଟ୍ଟନାୟକ ପ୍ରମୁଖ ବକ୍ତା ମହାରାଜାଙ୍କ ଅବଦାନ କେବଳ ଓଡିଶା ପାଇଁ ନୁହେଁ ସମଗ୍ର ଭାରତବର୍ଷର ବିଭିନ୍ନ ପ୍ରାନ୍ତରେ ଏବେବି ତାଙ୍କର କୃତୀ ସବୁ ମୂକସାକ୍ଷୀ ହୋଇ ରହିଛି ବୋଲି କହିବା ସହିତ ସ୍ୱାଧିନତା ପରବର୍ତ୍ତୀ କାଳରେ ମୟୂରଭ ମିଶ୍ରଣ ପରେ ମୟୂରଭ ଭୁ-ଖଣ୍ଡକୁ ଏବଂ ମହାରାଜା ଶ୍ରୀରାମ ଚନ୍ଦ୍ର ଭଦେଓଙ୍କୁ ଯୋତଥିତ ସମ୍ମାନ ପ୍ରଦର୍ଶନ ସରକାରୀ ସ୍ତରରେ କରାଯାଇ ପାରି ନଥିବାରୁ ଓଡିଶା ସରକାରଙ୍କ ଏଦିଗରେ ଧ୍ୟାନ ଅକର୍ଷଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ଦିଲ୍ଲିପ କୁମାର ପାତ୍ର, ଲୋକେଶ୍ୱର ଭ, ସୁଶ୍ରୀ ନାୟକ, ରାମଚନ୍ଦ୍ର ସାହୁ, ଚିନ୍ମୟ ଦାସ, କିଶୋର କୁମାର ମହାନ୍ତି, ଦେବାଶିଷ ଜିତ, ସୟ ନାଏକ ପ୍ରମୁଖ ଯୋଗଦେଇ ମହାରାଜାଙ୍କ ସ୍ମୃତିଚାରଣ କରିଥିଲେ ।

# ଯୁବ ବ୍ୟବସାୟୀଙ୍କ ଅକାଳ ବିୟୋଗ

ଧର୍ମଶାଳା,୧୮।୧୨ (ନି.ପ୍ର): ଧର୍ମଶାଳା ଥାନା ଅନ୍ତର୍ଗତ ମଙ୍ଗଳପୁର ପଂଚାୟତସ୍ଥ ନୂଆକୂଳ ଗ୍ରାମର ଜଣେ ଯୁବ ବ୍ୟବସାୟୀଙ୍କ ଅକାଳ ବିୟୋଗ ଘଟିଛି । ମୃତ ଯୁବକ ଜଣକ ହେଲେ ଏହି ଗ୍ରାମର ସୁଦର୍ଶନ ପ୍ରଧାନଙ୍କ ପୁଅ ସୁମନ୍ତ(୪୦) ବୋଲି ଜଣାପଡିଛି । ତେବେ ତାଙ୍କର ଏହି ମୃତ୍ୟୁକୁ ନେଇ ସହଜରେ ଗ୍ରହଣ କରିପାରୁ ନାହାନ୍ତି ଗ୍ରାମବାସୀ । ସୂଚନା ମୁତାବକ ଆଜି ସକାଳେ ସୁମନ୍ତ ସ୍ଥାନୀୟ ବ୍ରହ୍ମବରଦାଛକକୁ ଆସିଥିଲେ । ତେବେ ସେ ଘରକୁ ଫେରୁଥିବା ସମୟରେ ଇନ୍ଦ୍ରାମାପହିଆ ନିକଟରେ ହଠାତ ଅସୁସ୍ଥ ହୋଇପଡି ବାନ୍ତି କରିଥିଲେ । ସେଠାରେ ଥିବା ସ୍ଥାନୀୟ ଲୋକେ ଉଦ୍ଧାର କରି ତାଙ୍କ ଘରେ ଛାଡି ଦେଇଥିଲେ । ଘରେ ପଂହଚିବାର କିଛଇ ସମୟ ପରେ ଗୁରୁତର ଅସୁସ୍ଥ ଅନୁଭବ କରିଥିଲେ । ତାଙ୍କ ସଂଗେ ସଂଗେ କଟକ ବଡ ମେଡିକାଲକୁ ନିଆଯାଉଥିବା ସମୟରେ ତାଙ୍କର ମୃତ୍ୟୁ ହୋଇଯାଇଥିବା ଜଣାପଡିଛି । ତେବେ ତାଙ୍କର ମୃତ୍ୟୁକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି । ସେ ବିଷପାନ କରିଥିବା ନେଇ ସାଧାରଣରେ ଆଲୋଚନା ହେଉଛି । ତାଙ୍କ ମରଶରୀରକୁ ଏକ ବିଶାଳ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇ ଶେଷକୃତ ସମ୍ପନ୍ନ କରାଯାଇଥିବା ଜଣାପଡିଛି । ତାଙ୍କ ପତ୍ନୀ ସମତେ ଗୋଟିଏ ପୁଅ ଓ ଗୋଟିଏ ଝିଅ ଥିବା ଜଣାପଡିଛି ।

# ମେଡିକାଲ କଲେଜ ଖୋଲିବା ଦାବିରେ ବିଜେପି ପକ୍ଷରୁ କୁଶ ପୁତ୍ତଳିକା ଦାହ

କେନ୍ଦ୍ରାପଡ଼ା,୧୮।୧୨ (ନି.ପ୍ର): ବିଜୁବାବୁଙ୍କ ଜିଲ୍ଲା କେନ୍ଦ୍ରାପଡାରେ ମେଡିକାଲ କଲେଜ ଓ ହସପିଟାଲ ଖୋଲିବାରେ ରାଜ୍ୟ ସରକାର ଅବହେଳା ପ୍ରଦର୍ଶନ କରିଛନ୍ତି । ଏହା ସହ କେନ୍ଦ୍ରାପଡା କଲେଜକୁ ବିଶ୍ୱ ବିଦ୍ୟାଳୟରେ ପରିବର୍ତନ କରିବା ପାଇଁ ହେଉଥିବା ଦାବିକୁ ମଧ୍ୟ ରାଜ୍ୟ ସରକାର ଗୁରୁତ୍ୱ ଦେଇ ନାହାଁନ୍ତି । ଜିଲ୍ଲା ବିକାଶରେ ସ୍ୱାସ୍ଥ୍ୟ ଓ ଶିକ୍ଷା ପ୍ରମୁଖ ବିଷୟ ହୋଇଥିବା ବେଳେ ରାଜ୍ୟ ସରକାର ଓ ଜିଲ୍ଲାର ନିର୍ବାଚିତ ପ୍ରତିନିଧି ମାନେ ଚରମ ଅବହେଳା ପ୍ରଦର୍ଶନ କରିଛନ୍ତି । ଏହି ଅବହେଳାର ପ୍ରତିବାଦ କରି ବିଜେପି ଯୁବ ମୋର୍ଚ୍ଚା ପକ୍ଷରୁ ତିନିମୁହାଣୀ ଛକଠାରେ ଜିଲ୍ଲାର ନିର୍ବାଚିତ ବିଧାୟକ ଓ ସାଂସଦ ଓ ମୁଖ୍ୟମନ୍ତ୍ରୀଙ୍କ କୁଶ ପୁତଳିକା ଦାହ କରାଯାଇଛି । ଗୁରୁବାର ଅପରାହ୍ନରେ ଯୁବମୋର୍ଚ୍ଚାର ଶତାଧିକ କର୍ମୀ ତିନିମୁହାଣୀ ଛକଠାରେ ନିର୍ବାଚିତ ପ୍ରତିନିଧି ଓ ସରକାରଙ୍କ ଅବହେଳାର ନିନ୍ଦା କରିବା ସହ ତୁରନ୍ତ କେନ୍ଦ୍ରାପଡା ଜିଲ୍ଲା ପାଇଁ ଏକ ମେଡିକାଲ କଲେଜ ଓ କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟକୁ ବିଶ୍ୱ ବିଦ୍ୟାଳୟ ମାନ୍ୟତା ଦେବାପାଇଁ ଦାବିକରି କୁଶ ପୁତଳିକା ଦାହ କାର୍ଯ୍ୟକ୍ରମ କରିଥିଲେ । ଏଥିରେ ଜିଲ୍ଲା ଯୁବ ମୋର୍ଚ୍ଚା ସଭାପତି ଦିଲିପ ଦାଶ, ବିନ୍ଦୁ ସାଗର ଦାସ, ପ୍ରଜେଶ ରଞ୍ଜନ ନାୟକ, ମିଡିଆସେଲ ସଂଯୋଜକ ଅଭିମନ୍ୟୁ ଗୋଛାୟତ, କୃଷ୍ଣପଦ ମଣ୍ଡଳ, ସନ୍ଦିପନୀ ଆର୍ଯ୍ୟ କୁମାର, ରତୀ ରଞ୍ଜନ ଜେନା, ରଞ୍ଜିତ୍ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ ।

# କୋଭିଡ୍ ସମୟରେ ନିର୍ମାଣ ଶ୍ରମିକଙ୍କୁ ଦିଆଯାଇଥିବା ଆର୍ଥିକ ଅନୁଦାନ ସମ୍ପର୍କରେ ବିସ୍ତୃତ ବିବରଣୀ ରଖିବାକୁ ସୁନ୍ଦରଗଡ ଜିଲ୍ଲାପାଳ ଶେଷଥର ଲାଗି ତାଗିଦ୍ କଲେ

ରାଉରକେଲା,୧୮।୧୨ (ନି.ପ୍ର): ରାଜ୍ୟରେ କୋଭିଡ୍ ସମୟରେ ପଞ୍ଜିକୃତ ନିର୍ମାଣ ଶ୍ରମିକ ମାନଙ୍କୁ କେନ୍ଦ୍ର ସରକାର ଦେଇଥିବା ସ୍ୱତନ୍ତ୍ର ଆର୍ଥିକ ସହାୟତା ରାଶି ୧୫୦୦ ଟଙ୍କା ସମ୍ପର୍କରେ ସମ୍ପୂର୍ଣ୍ଣ ବିବରଣୀ ପୋର୍ଟାଲରେ ରଖିବାକୁ ସୁନ୍ଦରଗଡ ଜିଲ୍ଲାପାଳ ଚଳିତ ମାସ ୧୬ ତାରିଖରେ ଜିଲ୍ଲା ଶ୍ରମ ବିଭାଗ ସମେତ ରାଉରକେଲା ମୁନିସପାଲ କମିଶନର, ସମସ୍ତ ମୁନିସପାଲିଟି ଓ ବ୍ଲକ ଗୁଡିକୁ ତାଗିଦ୍ କରିବା ସହ ଏହାକୁ ଶେଷ ଚିଠି ଭାବେ ଗ୍ରହଣ କରି ଉପଯୁକ୍ତ ସମୟ ସିମା ମଧ୍ୟରେ ସମସ୍ତ ତଥ୍ୟକୁ ୱେବ ସାଇଟରେ ଛାଡିବାକୁ ତାଗିଦ କରିଥିବା ଜଣାପଡିଛି । ଖାଲି ସେତିକି ନୁହେଁ , ବାକିଥିବା ୧୭୦୦୦ ଶ୍ରମିକ ମାନଙ୍କୁ ସେମାନଙ୍କ ଅର୍ଥ ପ୍ରଦାନ କରିବା ସହ ଡିସେମ୍ବର ମାସ ୨୧ ତାରିଖ ସୁଦ୍ଧା ଏହାକୁ ପୋର୍ଟାଲରେ ଚଢାଇବାକୁ ଜିଲ୍ଲାପାଳ ତାଗିଦ କରିଛନ୍ତି । ଏଠାରେ ଉଲ୍ଲେଖଯୋଗ୍ୟ, ଏହି ମାମଲାକୁ ନେଇ ନାନା ଅଭିଯୋଗ ହେବା ସହ ଅନେକ ଜାଲ କାର୍ଡଧାରୀଙ୍କ ନାମରେ କୋଟି କୋଟି ଟଙ୍କା ହରିଲୁଟ ହୋଇଛି ବୋଲି ଅଭିଯୋଗ ହୋଇଥିଲା । ଏନେଇ ରାଉରକେଲା ଭିଜିଲାନ୍ସ ଏସପିଙ୍କୁ ତଦନ୍ତ ଲାଗି ରାଜ୍ୟ କଂଗ୍ରେସର ପୂର୍ବତନ ସଂପାଦକ ରଶ୍ମିରଂଜନ ପାଢୀ ଏକ ଅଭିଯୋଗ ପତ୍ର ଦେଇଥିଲେ । ପରେ ଏ ସଂପର୍କିତ ଆଉ ଏକ ଅଭିଯୋଗ ସେ ଲୋକାୟୁକ୍ତଙ୍କ ପାଖରେ ରଖିଥିଲେ । ନିକଟରେ ମାନ୍ୟବର ଲୋକାୟୁକ୍ତ ଏନେଇ ତଦନ୍ତ ଲାଗି ଡିଜି ଭିଜିଲାନ୍ସଙ୍କୁ ନିର୍ଦ୍ଦେଶ ଦେବା ସହ ୩ ମାସ ଭିତରେ ଏହାର ତଦନ୍ତ ରିପୋର୍ଟ ରଖିବାକୁ କହିଥିଲେ । ପରେ ଡିଜି ଭିଜିଲାନ୍ସ ଏହାର ତଦନ୍ତ ଦାୟିତ୍ୱ ରାଉରକେଲା ଏସପିଙ୍କୁ ଦେବା ପରେ ଏସପି ଭିଜିଲାନ୍ସ ରାଉରକେଲା ଏହାର ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି । ତେବେ ଏନେଇ ଜିଲ୍ଲାପାଳ ସୁନ୍ଦରଗଡ ଜିଲ୍ଲାରେ ଏହି ଅର୍ଥକୁ ବାଂଟିଥିବା, ଏହାର ତାଲିକା ପ୍ରସ୍ତୁତ କରିଥିବ ଅଧିକାରୀ ଓ ସଂସ୍ଥା ମାନଙ୍କୁ ବାରମ୍ବାର ଚିଠି ଦେଲେ ମଧ୍ୟ କୌଣସି କାମ ସଠିକ୍ ଭାବେ ଆଜିଯାଏ ହେଇନଥିଲା । ଜିଲ୍ଲାପାପାଳଙ୍କ ଅଫିସ ଚିଠି ନଂ ୨୪୬୦/୭-୨-୨୦୨୦,୨୬୦୩/୩୧-୦୮-୨୦୨୦,୨୬୯୨/୧୯-୧୦-୨୦୨୦ ଭାବେ ତିନୋଟି ଚିଠି ଆସିବା ସତ୍ତ୍ୱେ ଏ ସମ୍ପର୍କରେ ସଂପୃକ୍ତ ଅଧିକାରୀ ମାନେ ସମସ୍ତ ତଥ୍ୟ ଦେବାରେ ବିଫଳ ହୋଇଛନ୍ତି । ତେଣୁ ଜିଲ୍ଲା ପାଳ ଚଳିତ ମାସ ୧୬ତାରିଖରେ ଆଉଏକ ଚିଠି ରେ ଶେଷ ଥର ଲାଗି ତାଗିଦ କରିବା ସହ ଡିସେମ୍ବର ୨୧ତାରିଖ ଭିତରେ ଏହାର ସମସ୍ତ କାମ ସାରିବାକୁ କହିଥିବା ଚିଠିରେ ଉଲ୍ଲେଖ ଥିବା ଖବର ମିଳିଛି । ଖବରରୁ ପ୍ରକାଶ ଯେ,ଗତ ୬-୪-୨୦୨୦ରେ ସରକାର କୋଭିଡ ଲାଗି ଜିଲ୍ଲାର ୧ଲକ୍ଷ ୧୨ହଜାର ୨୨୦ଜଣ ନିର୍ମାଣ ଶ୍ରମିକ ଙ୍କୁ ମୁଣ୍ଡ ପିଛା ୧୫୦୦ଟଙ୍କା ହିସାବରେ ୬କୋଟି ୮୩ଲକ୍ଷ ୩୦ହଜାର ଟଙ୍କା ସୁନ୍ଦରଗଡ ଜିଲ୍ଲାକୁ ପ୍ରଦାନ କରିଥିଲେ । ତେବେ ଏଥିରେ ହଜାର ହଜାର ଜାଲ କାର୍ଡ ଧାରୀ ରହିଛନ୍ତି ଏସବୁ ପଛରେ ଜିଲ୍ଲା ଶ୍ରମ ବିଭାଗ ଓ କେତେକ ଶ୍ରମିକ ସଂଗଠନ ନାମରେ ଦଲାଲି କରୁଥିବା ଲୋକ ସାମିଲ ଥିବା ନେଇ ଅଭିଯୋଗ ହୋଇଥିଲା ।ଜିଲ୍ଲାପାଳ ମଧ୍ୟ ଏନେଇ ବିଭିନ୍ନ ଅଧିକାରୀଙ୍କୁ ରିପୋର୍ଟ ମାଗିଥିଲେ । ତେବେ ଇ ଶ୍ରମିକ ପୋର୍ଟାଲରେ ଆଜି ଯାଏ ଜିଲ୍ଲାର ଗୋଟିଏ ମହାନଗର ନିଗମ,୩ଟି ମୁନିସପାଲିଟି ଓ ୧୭ ଟି ବ୍ଲକ ଦ୍ୱାରା ମାତ୍ର ୮୪ହଜାର ୮୭୨ଜଣଙ୍କୁ ଏହି ସହାୟତା ପ୍ରଦାନ କରାଇଛି ବୋଲି ଉଲ୍ଲେଖ ରହିଛି । ମୋଟ ୧ ଲକ୍ଷ ୧୨ ହଜାର ୨୨୦ ଜଣ ଶ୍ରମିକଙ୍କ ଯାଗାରେ ମାତ୍ର ଏତିକି ଶ୍ରମିକ ମାନଙ୍କୁ ଆର୍ଥିକ ସହାୟତା ଦିଆଯାଇଥିବା କଥା ଉଲ୍ଲେଖ ଥିବାବେଳେ ଆଉ ୧୭୦୦୦ ଶ୍ରମିକଙ୍କ କଥା ଆଜିକୁ ୯ ମାସ ଧରି କାହିଁକି ଲେଖା ଯାଇପାରୁ ନାହିଁ ବୋଲି ପ୍ରଶ୍ନ ହେବା ସହ ସେହି କଥାରେ ଜିଲ୍ଲାପାଳ ସୁନ୍ଦରଗଡ ତାଗିଦ କରିଛନ୍ତି । ଯଦି ଗତ ୯ମାସ ତଳେ ସମସ୍ତ ଶ୍ରମିକଙ୍କୁ ସରକାରଙ୍କ ନିୟମ ଭିତରେ ୧୫୦୦ ଟଙ୍କା ଲେଖାଏଁ ଦିଆଗଲା ତେବେ ସେମାନଙ୍କ ସମ୍ପର୍କରେ ସବୁ ବିବରଣୀ ସହ ଇ ପୋର୍ଟାଲରେ ଲେଖିବାରେ ସମସ୍ୟା କେଉଁଠି ବୋଲି ପ୍ରଶ୍ନ ହେବା ସହ ଯାହା ଅଭିଯୋଗ ହୋଇଥିଲା ଏକ ପ୍ରକାର ଜାଲ କାର୍ଡ ନାମରେ କୋଟି କୋଟି ଟଙ୍କା ହରିଲୁଟ ହୋଇଥିବା କଥା ପ୍ରମାଣ ହେବାକୁ ଯାଉଛି ବୋଲି ମତ ପ୍ରକାଶ ପାଇଛି । ଭିଜିଲାନ୍ସ ତଦନ୍ତ ମଧ୍ୟ ଆରମ୍ଭ ହୋଇଛି, ଏନେଇ ମୁହଁ ଟାଣ କରି ଚାଲୁ ଥିବା କେତେକ ଶ୍ରମିକ ନେତାଙ୍କର ମଧ୍ୟ ହଡକମ୍ପ ଆରମ୍ଭ ହୋଇଥିବା ଆଲୋଚନା ଚାଲିଛି ।

# ଜିଲ୍ଲାସ୍ତରିୟ ଯୁବ ରେଡ଼କ୍ରସର କାର୍ଯ୍ୟକାରିଣୀ ବୈଠକ

ମାଲକାନଗିରି,୧୮।୧୨ (ନି.ପ୍ର): ମାଲକାନଗିରି ଜିଲ୍ଲା ଯୁବ ରେଡ଼କ୍ରସର କାର୍ଯ୍ୟକାରିଣୀ ବୈଠକ ଭର୍ଚୁଆଲ୍ ମିଟିଙ୍ଗ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଯୁବ ରେଡ଼କ୍ରସର ଆବାହକ ସମ୍ପାଦକ ଡଃ. ରଞ୍ଜନ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକ ମାଲକାନଗିରି ମହାବିଦ୍ୟାଳୟ ଦ୍ୱାରା ଆୟୋଜିତ ହୋଇଥିଲା । ଡ଼େପୁଟୀ କଲେକ୍ଟର ସଂନ୍ଧ୍ୟା ସମର୍ଥା ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରେଡ଼କ୍ରସ ଦ୍ୱାରା ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମର ପ୍ରଶଂସା କରିବା ସହ ଜିଲ୍ଲା ପ୍ରଶାସନ ତରଫରୁ ଏହାର ସମସ୍ତ କାର୍ଯ୍ୟକ୍ରମ ଲାଗି ସମ୍ପୂର୍ଣ୍ଣ ସହଯୋଗର ପ୍ରତିଶୃତି ଦେଇଥିଲେ । ଏହି ବୈଠକରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଅଶୋକ କୁମାର ଷଡ଼ଙ୍ଗୀ ଯୋଗଦେଇ ରେଡ଼କ୍ରସର କାର୍ଯ୍ୟକୁ ଆହୁରି ଆଗକୁ ନେବା ପାଇଁ ପ୍ରେରଣା ପ୍ରଦାନ କରିଥିଲେ । ରାଜ୍ୟ ଯୁବ ରେଡ଼କ୍ରସ୍ ଅଧିକାରୀ ଡଃ. ଅଜୟ କୁମାର ତ୍ରିପାଠୀ ଅନ୍ ଲାଇନ୍ ମାଧ୍ୟମରେ ଯୋଗଦେଇ ଯୁବ ରେଡକ୍ରସ୍, ମାଲକାନଗିରି ଶାଖାର କାର୍ଯ୍ୟର ପ୍ରଶଂସା କରିଥିଲେ । ରାଜ୍ୟ ସଂଯୋଜକ ଗୋପାଳକୃଷ୍ଣ ମିଶ୍ର ମଧ୍ୟ ଅନ୍ ଲାଇନ୍ ମାଧ୍ୟମରେ ଯୋଗଦେଇ ରେଡ଼କ୍ରସର କାର୍ଯ୍ୟକୁ ଆଗେଇ ନେବା ଲାଗି ପରାମର୍ଶ ଦେଇଥିଲେ । ଏହି ବୈଠକରେ ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟ ତଥା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପରାମର୍ଶଦାତା ଏବଂ ଅଧ୍ୟକ୍ଷ ଯୋଗ ଦେଇଥିଲେ । ବୈଠକରେ ଶିକ୍ଷାନୁଷ୍ଠାନ ଖୋଲିବା ପରେ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମର କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରାଯାଇଥିଲା । ମାଲକାନଗିରି ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ , ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଗୋବିନ୍ଦପାଲି ଏବଂ ଗୋପବନ୍ଧୁ ଆଂଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କାଲିମେଳା ଠାରେ ତିନୋଟି କ୍ଲଷ୍ଟର ସ୍ତରିୟ ପ୍ରଶିକ୍ଷଣ ଶିବିର ଆୟୋଜନ ଲାଗି ନିଷ୍ପତି ନିଆଯାଇଥିଲା । ଏହି କାର୍ଯ୍ୟକ୍ରମ ପରିଚାଳନାରେ ମାଲକାନଗିରି ମହାବିଦ୍ୟାଳୟର ପ୍ରାଧ୍ୟାପକ ଲିଙ୍ଗରାଜ ମିଶ୍ର, ଅଧ୍ୟାପକ ଗୌତମ କୁମାର ନାଏକ, ପ୍ରମିୟ ରଞ୍ଜନ ମହାନ୍ତି, ଉମେଶ ଚନ୍ଦ୍ର ରାଉତ ଅନ୍ୟାନ୍ୟ ଅଧ୍ୟାପକ ଅଧ୍ୟାପିକା ତଥା ଅଣଶିକ୍ଷକ କର୍ମଚାରୀ ସହଯୋଗ କରିଥିଲେ । ଜିଲ୍ଲା ଯୁବ ରେଡ଼କ୍ରସ ସଂଯୋଜକ ଡି. ଆଶିଷ ରାଠୋର କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ ।

# କୋଭିଡ୍ ଯୋଦ୍ଧାଙ୍କ ଚିକିତ୍ସାରେ ସହାୟତା ପାଇଁ ଝିଅ-ଭାଇର ଆକୁଳ ନିବେଦନ

କନ୍ଧମାଳ,୧୮।୧୨ (ନି.ପ୍ର): କନ୍ଧମାଳ ଜିଲା ଚକାପାଦ ବ୍ଲକ ଅନ୍ତର୍ଗତ ବ୍ରାହ୍ମଣପାଦ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଚୁକ୍ତି ଭିତିକ ଏ.ଏନ୍.ଏମ୍ ଭାବେ କାର୍ଯ୍ୟକରିବା ସମୟରେ କରୋନାରେ ଆକ୍ରାନ୍ତ ହୋଇଥିବା କରୋନା ଯୋଦ୍ଧା ଗାୟତ୍ରୀ ଦାସ ପ୍ରଥମେ ଫୁଲବାଣୀ କୋଭିଡ୍ ମେଡ଼ିକାଲ୍‌ରେ ଚିକିତ୍ସିତ ପରେ ଅଧିକ ଚିକିତ୍ସା ପାଇଁ ତାଙ୍କୁ ଭୁବନେଶ୍ୱର କୋଭିଡ୍ ମେଡ଼ିକାଲ୍‌କୁ ସ୍ଥାନାନ୍ତରିତ କରାଯାଇଥିଲା । ସେଠାରେ ଚିକିତ୍ସା ପରେ କରୋନାରୁ ମୁକ୍ତ ହୋଇଥିଲେ ମଧ୍ୟ ଅନ୍ୟ କେତେକ ରୋଗରେ ସେ ସଂକ୍ରମିତ ହୋଇ ଗୁରୁତ୍ୱର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି । ବର୍ତ୍ତମାନ ସେ ଏକ ବେସରକାରୀ ଡ଼ାକ୍ତରଖାନାରେ ଚିକିତ୍ସିତ ହେଉଥିବା ବେଳେ ଗତ କିଛିଦିନ ହେଲା ତାଙ୍କୁ ଭେଣ୍ଟିଲେଟରରେ ରଖାଯାଇଛି । ପ୍ରତ୍ୟେକ ଦିନ ହଜାର ହଜାର ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ଜଣେ ଚୁକ୍ତି ଭିତିକ ଏ.ଏନ୍.ଏମ୍‌ଙ୍କ ପରିବାର ପାଇଁ ଏତେ ଅର୍ଥ ଖର୍ଚ୍ଚ କରିବା ସମ୍ଭବନୁହେଁ । ପରିବାରର ଆର୍ଥିକ ସ୍ଥିତିକୁ ନେଇ ପରିବାର ଲୋକେ ଚିନ୍ତିତ ଥିବା ବେଳେ ତାଙ୍କର ଚିକିତ୍ସା ପାଇଁ ସେମାନେ ଅସହାୟ ହୋଇଛନ୍ତି । ଏଭଳି ସ୍ଥଳେ ନିଜ ଭଉଣୀର ଚିକିତ୍ସା ପାଇଁ ପ୍ରଶାସନିକ ସ୍ତରରେ ସହଯୋଗର ହାତ ବଢାଇବା ପାଇଁ ଗାୟତ୍ରୀଙ୍କ ଭାଇ ରାଜ କିଶୋର ଦାସ କନ୍ଧମାଳ ଜିଲା ପ୍ରଶାସନ ନିକଟରେ ନିବେଦନ କରି ଏକ ଦାବିପତ୍ର ପ୍ରଦାନ କରିଥିବା ବେଳେ ଗାୟତ୍ରୀଙ୍କ ଝିଅ ମଧ୍ୟ ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି । ଏନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପରେ ଆଜି କନ୍ଧମାଳ ଟିମ୍ ହ୍ୟୁମାନିଟର ଆବାହକ ଭି.ଲୋକନାଥ ରାଜୁଙ୍କ ନେତୃତ୍ୱରେ ବହୁ ସଦସ୍ୟ ଗାୟତ୍ରୀଙ୍କ ଘରେ ଥିବା ଝିଅକୁ ସାକ୍ଷାତ କରି ପ୍ରାଥମିକ ପର୍ଯ୍ୟାୟରେ ସଦସ୍ୟ ମାନଙ୍କ ଦ୍ୱାରା ଆଦାୟ ହୋଇଥିବା ୧୦ ହଜାର ଟଙ୍କାର ଆର୍ଥିକ ସହଯୋଗ କରିବା ସହିତ ଏହି ଅଭିଯାନରେ ନିଜେ ଟିମ୍ ହ୍ୟୁମାନିଟ୍ ସାମିଲ୍ ହୋଇ ଚିକିତ୍ସା ପାଇଁ ଅର୍ଥ ଯୋଗାଡ ପାଇଁ ଆରମ୍ଭ କରିଛନ୍ତି ଅଭିଯାନ । ଇତି ମଧ୍ୟରେ ଗାୟତ୍ରୀଙ୍କ ସାଙ୍ଗସାଥି ଓ ଅନ୍ୟମାନେ କେତେକ ସହାୟତାର ହାତ ବଢାଇଥିବା ବେଳେ ପ୍ରଶାସନ ମଧ୍ୟ ଏଥିରେ ହସ୍ତକ୍ଷେପ କରି ଜଣେ କରୋନା ଯୋଦ୍ଧାଙ୍କ ଚିକିତ୍ସାରେ ସହାୟକ ହେବା ପାଇଁ ବିଭିନ୍ନ ମହଲରେ ମଧ୍ୟ ଅନୁରୋଧ କରାଯାଇଛି । ଗାୟତ୍ରୀ ଭୁବନେଶ୍ୱରର ଏକ ବେସରକାରୀ ଡ଼ାକ୍ତରଖାନାରେ ଚିକିତ୍ସିତ ହେଉଥିବା ବେଳେ ପାଖରେ ସ୍ୱାମୀ ଓ ନିଜ ଭାଇ ଉପସ୍ଥିତ ରହି ତାଙ୍କର ସହାୟତା କରୁଛନ୍ତି ।

# ବିଧାୟକଙ୍କ ସହ କଲେଜ ଅଧ୍ୟକ୍ଷ ମାନଙ୍କ ଆଲୋଚନା

କେନ୍ଦ୍ରାପଡ଼ା,୧୮।୧୨ (ନି.ପ୍ର): କେନ୍ଦ୍ରାପଡା ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସମସ୍ତ ମହାବିଦ୍ୟାଳୟ ମାନଙ୍କର ଅଧ୍ୟକ୍ଷ ମାନେ କେନ୍ଦ୍ରାପଡା ବିଧାୟକ ଶଶି ଭୂଷଣ ବେହେରାଙ୍କ ସହ କଲେଜ ସମସ୍ୟା ନେଇ ଆଲୋଚନା କରିଥିବା ଜଣାପଡିଛି । ନିର୍ବାଚନ ମଣ୍ଡଳୀ ମଧ୍ୟରେ ଥିବା ଜିଲ୍ଲାର ମୁଖ୍ୟ ମହାବିଦ୍ୟାଳୟ ମାନଙ୍କର ଦୀର୍ଘ ଦିନର ସମସ୍ୟା ଲାଗି ରହିବା ସହ ଏହା କଲେଜର ସୈକ୍ଷିକ , ପ୍ରଶାସନିକ ଓ ପାରିପାର୍ଶ୍ୱିକ ଅବସ୍ଥାକୁ ପ୍ରଭାବିତ କରୁଛି । ବିଭିନ୍ନ କଲେଜର ପାଚେରୀ ସମସ୍ୟା, ଜମି ଜବରଦଖଲ ସମସ୍ୟା, ଅଧ୍ୟପକ/ଅଧ୍ୟାପିକା ମାନଙ୍କର ନିଯୁକ୍ତି ସମସ୍ୟା, ଛାତ୍ରାବାସ ସମସ୍ୟା ପ୍ରଭୃତି ଲାଗି ରହିଥିବାରୁ ଯଥା ସମ୍ଭବ ଏହାକୁ ସମାଧାନ କରିବା ପାଇଁ ବିଧାୟକ ମାନଙ୍କ ସହ ଅଧ୍ୟକ ମାନେ ଆଲୋଚନା କରିଥିଲେ । ଏହି ଆଲୋଚନା ସମୟରେ କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ଃ ରାଜେନ୍ଦ୍ର ପ୍ରସାଦ ତ୍ରିପାଠୀ, ନିକିରାଇ ମହାବୀର ମହାବିଦ୍ୟାଳୟ ର ଅଧ୍ୟକ୍ଷ ଡ଼ଃ ବଳରାମ କର, ତୁଳସୀ ମହିଳା ମହାବିଦ୍ୟାଳୟ ର ଅଧ୍ୟକ୍ଷ ଡ଼ଃ ସ୍ମୃତିରଞ୍ଜନ ବେହେରା ଙ୍କ ସମେତ ଯୁବ ବିଜେଡି ଉପ ସଭାପତି ମହେନ୍ଦ୍ର ମିଶ୍ର ଓ ସଂପାଦକ ରଞ୍ଜନ କୁମାର କର ପ୍ରମୁଖ ଉପସ୍ଥିତ ଥିଲେ ।

# ବିନା ଇଣ୍ଟରଭ୍ୟୁରେ ନିଯୁକ୍ତି ଦାବି : ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ଗଣଧାରଣା

ବାଲେଶ୍ୱର,୧୮।୧୨ (ନି.ପ୍ର): କୋଭିଡ୍ ସମୟରେ ରୋଗୀଙ୍କୁ ଉତ୍ତମ ଚିକିତ୍ସା ସେବା ଦେଇ ଆସିଥିବା ମହିଳା ସ୍ୱାସ୍ଥ୍ୟକର୍ମୀଙ୍କୁ ନିୟମିତ କର୍ମଚାରୀ ଭାବେ ନିଯୁକ୍ତି ପ୍ରଦାନ ଦାବିରେ ଆଜି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଗଣଧାରଣା ଅନୁଷ୍ଠିତ ହୋଇଯାଇଛି। କୋଭିଡ୍ କାଳରେ ଜୀବନକୁ ପାଣି ଛଡ଼େଇ କୋଭିଡ୍ ଯୋଦ୍ଧା ଭାବେ ସେମାନେ କାର୍ଯ୍ୟ କରିଥିଲେ। ଲୋକଙ୍କ ସ୍ୱାବ ସଂଗ୍ରହଠାରୁ ପରୀକ୍ଷା ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ସେମାନେ ଶେଷ କାର୍ଯ୍ୟ ଦକ୍ଷତାର ପରିଚୟ ଦେଇ ଆସିଥିଲେ। ଏବେ ରାଜ୍ୟ




ସରକାରଙ୍କ ପକ୍ଷରୁ ୬ ହଜାର ସ୍ୱାସ୍ଥ୍ୟକର୍ମୀଙ୍କ ନିଯୁକ୍ତି ପାଇଁ ବିଜ୍ଞାପନ ବାହାରିଥିବା ବେଳେ ସେଇସବୁ ପଦବୀରେ ଅଗ୍ରାଧିକାର ଭିତ୍ତିରେ ନିଯୁକ୍ତି ପ୍ରଦାନ ନିମନ୍ତେ ସେମାନେ ଦାବି କରୁଥିଲେ। ନତୁବା ଆଗାମୀ ଦିନରେ ଏହି ଧାରଣା ଆହୁରି ତୀବ୍ର ହେବ ବୋଲି ଧାରଣାରତ ସ୍ୱାସ୍ଥ୍ୟକର୍ମୀମାନେ ଚେତାବନୀ ଦେଇଥିଲେ। ସମ୍ପ୍ରତି ବାଲେଶ୍ୱର ସରକାରୀ ମେଡିକାଲ କଲେଜରେ ୫୩ ଜଣ ଓ ସିଡିଏମଓଙ୍କ କାର୍ଯ୍ୟାଳୟରେ ୧୮ ଜଣଙ୍କୁ ମିଶାଇ ମୋଟ କାର୍ଯ୍ୟରତଙ୍କ ସଂଖ୍ୟା ୭୧ ଥିବା ବେଳେ ଦୁଇ ସ୍ଥାନରେ ୩୬୮ ଗୋଟି ପଦବୀ ପାଇଁ ଦରଖାସ୍ତ ଆହ୍ୱାନ କରାଯାଇଛି। ଏଭଳି ସ୍ଥିତିରେ ପୂର୍ବରୁ କୋଭିଡ୍ କାଳରେ କାର୍ଯ୍ୟ କରିଥିବା ଅଭିଜ୍ଞତା ସମ୍ପନ୍ନ ସ୍ୱାସ୍ଥ୍ୟକର୍ମୀଙ୍କୁ ତୁରନ୍ତ ନିଯୁକ୍ତି ଦେବା ପାଇଁ ସେମାନେ ଦାବି କରିଛନ୍ତି।ଏହି ଅବସରରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧୀକ୍ଷକ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା।

## ମହାରାଷ୍ଟ୍ରରେ ଗତ ୨୪ ଘଂଟାରେ ୩,୯୯୪ କରୋନାର ନୂଆ ମାମଲା

ମୁମ୍ବାଇ,୧୮।୧୨ (ନି.ପ୍ର): ମହାରାଷ୍ଟ୍ରରେ ଗତ ୨୪ ଘଂଟାରେ ୩,୯୯୪ ନୂଆ କରୋନାର ମାମଲା ସାମନାକୁ ଆସିଛି। ଏହି ସମୟ ମଧ୍ୟରେ ୭୫ ଜଣଙ୍କର ମୃତ୍ୟୁ ଘଟିଛି । ପ୍ରଦେଶ ସରକାରଙ୍କ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହିତ ରାଜ୍ୟରେ ମୋଟ ସକ୍ରିୟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢି ୧୮,୮୮,୭୬୭ ହୋଇଛି । ବର୍ତ୍ତମାନ ସୁଦ୍ଧା ରାଜ୍ୟରେ କରୋନା କାରଣରୁ ୪୮,୫୭୪ ଜଣ ମୃତ୍ୟୁବରଣ କରିଛନ୍ତି ।

# ଚନ୍ଦ୍ରଭାଗୋତ୍ସବରେ ଚିତ୍ରକର୍ମଶାଳା ପାଇଁ ପ୍ରସ୍ତୁତି

ବାଲେଶ୍ୱର,୧୮।୧୨ (ନି.ପ୍ର): ବ୍ୟାସକବି ଫକୀରମୋହନଙ୍କ ଜନ୍ମପୀଠ ଶାନ୍ତିକାନନ ପରିସରରେ 'ୟଙ୍ଗ୍ ହାର୍ଟସ୍' ଚିତ୍ରାନୁଷ୍ଠାନ ପକ୍ଷରୁ ଚିତ୍ରଶିଳ୍ପୀ ମରୁତ ରାଉତଙ୍କ ଆବାହକତ୍ୱରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୋଭିଡ୍-୧୯ ନିୟମକୁ ମାନି କେତେଜଣ ଶୁଭେଚ୍ଛୁ ଶିଳ୍ପୀବନ୍ଧୁଙ୍କ ଉପସ୍ଥିତିରେ ଆଗାମୀ ୩୧ତମ ଚନ୍ଦ୍ରଭାଗୋତ୍ସବରେ ତିନିଦିନ ଧରି ଚିତ୍ରକଳାର କର୍ମଶାଳା ଓ ଆଲୋଚନା ଚକ୍ର ଆୟୋଜନ ପାଇଁ ସ୍ଥିର କରାଯାଇଛି। ଏଥିରେ ବରିଷ୍ଠ ଚିତ୍ରଶିଳ୍ପୀ ଅଶୋକ କୁମାର ମହାନ୍ତିଙ୍କୁ ଚଳିତବର୍ଷ ଓଡ଼ିଶା ଲଳିତକଳା ଏକାଡେମୀ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିବାରୁ ଅନୁଷ୍ଠାନର ସଦସ୍ୟମାନେ ତାଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏହି ଚିତ୍ରକର୍ମଶାଳା ଉପଲକ୍ଷେ ଯୋଗଦେଇଥିବା ଚିତ୍ରଶିଳ୍ପୀ ଅରୁଣ କୁମାର ଜେନା, ଶିଳ୍ପୀ ପ୍ରିତମ୍, କୁମାରୀ କଲ୍ଲୋଳ ଦତ୍ତ, ସ୍ଲୋଗାନ୍ ବାରିକ୍ ଓ ଅଶୋକ କୁମାର ମହାନ୍ତି ପ୍ରମୁଖ ଅଂଶଗ୍ରହଣ କରି କର୍ମଶାଳାର ଆଭିମୁଖ୍ୟ ତଥା କାର୍ଯ୍ୟସୂଚୀ ସମ୍ପର୍କରେ ଆଲୋଚନା କରିଥିଲେ। ଏହା ଆସନ୍ତା ଡିସେମ୍ବର ୩୧ ଓ ୨୦୨୧ ଜାନୁୟାରୀ ୧ ଓ ୨ ତାରିଖ ପର୍ଯ୍ୟନ୍ତ ଗାନ୍ଧୀସ୍ମୃତି ଭବନ, ବାଲେଶ୍ୱର ପରିସର ମଧ୍ୟରେ ଅନୁଷ୍ଠିତ ହେବାର ନିଷ୍ପତ୍ତି ନିଆଯାଇଥିବା ବେଳେ ଚିତ୍ରାନୁରାଗୀ ଛାତ୍ରଛାତ୍ରୀ ତଥା ଚିତ୍ରଶିଳ୍ପୀମାନଙ୍କ ସହଯୋଗ କାମନା କରାଯାଇଥିଲା।

# ସମାଜସେବୀ ଚକ୍ରଧର ସାମଲଙ୍କ ଦେହାନ୍ତ




ବାଲିଆପାଳ,୧୮।୧୨ (ନି.ପ୍ର):- ବାଲିଆପାଳ ଅଂଚଳର ଜଣେ ବିଶିଷ୍ଟ ଶିକ୍ଷାବିତ, ସମାଜସେବୀ ତଥା ଅବସରପ୍ରାପ୍ତ ଶିକ୍ଷକ ଚକ୍ରଧର ସାମଲ (୯୨)ଙ୍କର ଆଜି କଟକ ଠାରେ ଦେହାନ୍ତ ହୋଇଯାଇଛି । ଶ୍ରୀ ସାମଲଙ୍କ ଘର ବାଲିଆପାଳ ବ୍ଲକ ବଡାଶ ଗ୍ରାମରେ । ଚାକିରୀରୁ ଅବସର ପରେ ସେ ବିଭିନ୍ନ ସାମାଜିକ କାର୍ଯ୍ୟରେ ନଜକୁ ନିୟୋଜିତ କରିବା ସହ ବାଲିଆପାଳ ବରିଷ୍ଠ ନାଗରିକ ପରିଷଦର ଜଣେ ସକ୍ରୀୟ ସଦସ୍ୟ ଥିଲେ । ତାଙ୍କର ଦୁଇ ପୁଆ ଏବଂ ଚାରି ଝିଅ । ସମସ୍ତେ ଉଚ୍ଚ ଶିକ୍ଷିତ ଏବଂ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ । ଦୁଇ ପୁଅ ଓ ଦୁଇ ବହୁ ଡାକ୍ତର ହୋଇଥିବା ବେଳେ ଦୁଇ ଝିଅ ମଧ୍ୟ ଡାକ୍ତର । ଜଣେ ଝିଅ ଶିକ୍ଷୟିତ୍ରୀ ହୋଇଥିବା ବେଳେ ଅନ୍ୟ ଜଣେ ଗୃହିଣୀ । ଜଣେ ନାତି ଡାକ୍ତର ହୋଇଥିବା ବେଳେ ନାତୁଣୀ ବହୁ ମଧ୍ୟ ଡାକ୍ତର । ଗତ କିଛି ଦିନ ଧରି ସେ ବାର୍ଦ୍ଧ୍ୟକଜନୀତ ରୋଗ ସହିତ ଫୁସଫୁସ ରୋଗରେ ପିଡିତ ଥିଲେ । ୮ ଦିନ ତଳେ ତାଙ୍କୁ ଚିକିତ୍ସା ପାଇଁ କଟକର ଏକ ପ୍ରାଇଭେଟ ନରସିଂହୋମରେ ଭର୍ତ୍ତି କରାଯାଇଥିଲା । ସେଠାରେ ଚିକିତ୍ସୀତ ଅବସ୍ଥାରେ ଆଜି ତାଙ୍କର ମୃତ୍ୟୁ ହୋଇଯାଇଛି । ଏହି ଖବର ବାଲିଆପାଳରେ ପହଁଚିବା ପରେ ଶୋକର ଛାୟା ଖେଳି ଯାଇଛି । ବାଲିଆପାଳ ବରିଷ୍ଠ ନାଗରିକ ପକ୍ଷରୁ ସଭାପତି ନାରାୟଣପ୍ରସାଦ ସାହୁଙ୍କ ସମେତ ଅନ୍ୟ ସଦସ୍ୟ ମାନେ ଗଭୀର ସୋକ ପ୍ରକଟ କରିଛନ୍ତି । କଟକ ଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି ।

# ବାଙ୍ଗିରିପୋଷୀ ଓ ଶ୍ୟାମାଖୁଣ୍ଟା ଲ୍ୟାମ୍ପରେ ଖୋଲିଲା ଧାନମଣ୍ଡି

ବାରିପଦା (ନି.ପ୍ର.) ତା ୧୮/୧୨ ମୟୂରଭ ଜିଲ୍ଲାରେ ଆଜିଠାରୁ ଧାନମଣ୍ଡି ଖୋଲାଯାଇଥିବା ବେଳେ ଆଜି ପ୍ରଥମେ ବାଙ୍ଗିରିପୋଷୀ ଓ ଶ୍ୟାମାଖୁଣ୍ଟା ଲ୍ୟାମ୍ପରେ ଧାନମଣ୍ଡି ଖୋଲାଯାଇ ଚାଷୀଙ୍କ ଠାରୁ ଧାନ କ୍ରୟ କରାଯାଇଥିବାର ଜଣାଯାଇଛି । ଏହିମଣ୍ଡି ଉଦଘାଟନ କାର୍ଯ୍ୟକ୍ରମରେ ବାରିପଦା ଉପଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡି ଯୋଗଦେଇ ଧାନମଣ୍ଡିର ଶୁଭ ଉଦଘାଟନ କରିଥିବା ବେଳେ, ଅନ୍ୟମାନଙ୍କ ମଧ୍ୟରେ ଚିଫ ସିଏସଓ ସୁରେନ୍ଦ୍ର ପାଢୀ, ସିଏସଓ ରାଜକିଶୋର ପାଣିଗ୍ରାହୀ, ଡିଆରସିଏସ ଦମୟନ୍ତୀ ସିଂହ, ଏସିଏସଓ ସର୍ବେଶ୍ୱର ନାୟକ, ଦିଲ୍ଲିପ କୁମାର ପାଣିଗ୍ରାହୀ,



କିଶୋର ମହାରଣା, ରନ କୁମାର ପଣ୍ଡା, ଏଆରସିଏସ ତୁଷାରକାନ୍ତି ମହାନ୍ତି, ଆରଏମସି ର ସମ୍ପାଦକ ସୁଧାକର ସାହୁ, ବାଙ୍ଗିରିପୋଷୀ ତହସିଲଦାର ଅଭିମନ୍ୟୁ ପଣ୍ଡା, ବାଙ୍ଗିରିପୋଷୀ ବିଡିଓ ରାମଦାସ ଟୁଡୁ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ଚାଷୀ ମାନଙ୍କ ଠାରୁ ସୁବ୍ୟବସ୍ଥିତ ଢଙ୍ଗରେ ଧାନକ୍ରୟ କରାଯିବା ପାଇଁ ମୁଖ୍ୟ ଅତିଥି ପରାମର୍ଶ ଦେଇଥିବା ବେଳେ ଚାଷୀ ମାନଙ୍କୁ ସଫାସୁତୁରା ଏଫଏକ୍ୟୁ ମାନର ଧାନ ମଣ୍ଡିକୁ ଆଣିବାକୁ ନିବେଦନ କରାଯାଇଛି ।

## କଟକରେ ଗତ ୨୪ ଘଂଟା ମଧ୍ୟରେ ମାସ୍କ ନ ପିନ୍ଧିଥିବାରୁ ୯୬ ଜଣଙ୍କ ଠାରୁ ଜୋରିମାନା

ଭୁବନେଶ୍ୱର,୧୮।୧୨ (ନି.ପ୍ର): କମିଶନରେଟ ପୋଲିସ ଗତ ୨୪ ଘଂଟା ମଧ୍ୟରେ ମାସ୍କ ପିନ୍ଧି ନ ଥିବା ଅଭିଯୋଗରେ କଟକରେ ୯୬ ଜଣଙ୍କ ଠାରୁ ଜୋରିମାନା ଆଦାୟ କରିଛି । ସେହିପରି ସାମାଜିକ ଦୂରତ୍ୱ ନିୟମ ପାଳନ କରି ନ ଥିବା ଅଭିଯୋଗରେ ୩୮୪ ଜଣଙ୍କ ଠାରୁ ଜୋରିମାନା ଆଦାୟ କରା ଯାଇଛି । ମୋଟର ଯାନ ଆଇନ୍ ଓ ଓଡିଶା ସହରାଂଚଳ ପୋଲିସ ଆଇନ୍ ଉଲ୍ଲଂଘନ କରିଥିବା ୫୧୫ ଜଣଙ୍କ ଠାରୁ ଜୋରିମାନା ଆଦାୟ କରା ଯାଇଛି । କଟକ ଡିସିପି ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି।

# ରୋଗାକ୍ରାନ୍ତ ଛତୁ ଚାଷୀଙ୍କୁ ସହାୟତାର ହାତ ବଢାଇଲେ ସମାଜସେବୀ

ବାଲିଆପାଳ,୧୮।୧୨ (ନି.ପ୍ର): ବାଲିଆପାଳ ବ୍ଲକ ଦେଉଳା ପଂଚାୟତ ବରୁପାଲିଆ ଗ୍ରାମର ଯଶୋବନ୍ତ ପ୍ରଧାନ ଓରଫ ପିଂଟୁ, ବୃଦ୍ଧ ପିତା ମାତା ଓ ସ୍ୱାମୀ ସ୍ତ୍ରୀଙ୍କୁ ନେଇ ତାଙ୍କର ପରିବାର । ମିସ୍ତ୍ରୀ କାମ କରିବା ସହିତ ଗାଡିର ଡ୍ରାଇଭର ଭାବେ କାମ କରି ପରିବାର ଚଳାଉଥିଲେ । ହସଖୁସୀରେ ଚାଲୁଥିବା ଏହି ସଂସାର ଉପରେ ହଠାତ ବିପଦ ମାଡି ଆସିଲା । ଯଶୋବନ୍ତ କାମକୁ ଯାଇଥିବା ବେଳେ ଅଂଟାରେ ଯନ୍ତ୍ରଣା ଅନୁଭବ କଲେ । କାମ ଚାପରେ ଯନ୍ତ୍ରଣା ହେଉଥିବା ଭାବି ବାଲେଶ୍ୱର ଯାଇ ଡାକ୍ତରଙ୍କୁ ଦେଖାଇଲେ । ସେଠାରେ ଡାକ୍ତର ରୋଗ ଧରି ପାରିଲେ ନାହିଁ । ଶେଷରେ କଟକ ଯାଇ ପରୀକ୍ଷା କରିବାରୁ ତାଙ୍କର ମେରୁଦଣ୍ଡ ହାଡରେ ବୋନ ଟିବି ହୋଇଥିବା ଜଣାପଡିଲା । ବାପା ନିଜର ଥିବା ୩ ଘୁଂଟ ଜମି ବିକି ଓ ଲକ୍ଷାଧିକ ଟଙ୍କା ଧାର କରଜ କରି ପୁଅ ଯଶୋବନ୍ତର ଅପରେସନ କରାଇଲେ । ଏବେ ସେ



ସାମାନ୍ୟ ସୁସ୍ଥ ଅନୁଭବ କରୁଥିଲେ ମଧ୍ୟ ସମ୍ପୂର୍ଣ୍ଣ ଯନ୍ତ୍ରଣା କମି ନାହିଁ । ଯନ୍ତ୍ରଣା ପାଇଁ ଔଷଧ ଖାଉଛନ୍ତି । ପରିବାର ଚଳାଇବା ପାଇଁ ଯଶୋବନ୍ତ ଘରେ ନବସି କିଛି ରୋଜଗାର କରିବାର ଆଶାରେ ମନ ବଳାଇଲେ । ନିକଟସ୍ଥ କୃଷିବିଜ୍ଞାନ କେନ୍ଦ୍ରକୁ ଯାଇ ଛତୁ ଚାଷର ତାଲିମ ନେଲେ । ସେଠାରୁ ମଞ୍ଜି ଆଣି ନିଜ ବାଡିରେ ସ୍ୱଳ୍ପ ସ୍ଥାନରେ ଢିଙ୍ଗିରି ଛତୁ ଚାଷ ଆରମ୍ଭ କଲେ । ତାଙ୍କୁ ଏହି କାର୍ଯ୍ୟରେ ପରିବାରର ଅନ୍ୟମାନେ ସାହାଯ୍ୟ କଲେ । ସ୍ଥାନୀୟ ବଜାରରେ ଛତୁ ବିକି ଯାହା ସ୍ୱଳ୍ପ ରୋଜଗାର ହେଲା ସେଥିରେ ନିଜର ଔଷଧ ଖର୍ଚ୍ଚ ଓ ପରିବାର ଖର୍ଚ୍ଚ ତୁଲାଇବା ମଧ୍ୟ ନିଅଂଟ ହେଲା । ତଥାପି ସେ ଭାଙ୍ଗି ନପଡି ସଂଘର୍ଷ ଜାରି ରଖିଛନ୍ତି । ତାଙ୍କର ଏହି ଜୀବନ ସଂଘର୍ଷର କାହାଣୀ ବିଭିନ୍ନ ଗଣମାଧ୍ୟମରେ ଗତ ୧୦ ତାରିଖରେ ପ୍ରକାଶିତ ହୋଇଥିଲା । କିଛି ସରକାରୀ ସହାୟତା କିମ୍ବା କେହି ବଦାନ୍ୟ ବ୍ୟକ୍ତଙ୍କ ସାହାଯ୍ୟ ତାଙ୍କୁ ମିଳିଲେ ସେ ଆହୁରି ଆଗକୁ ବଢିପାରନ୍ତେ ବୋଲି ନିବେଦନ କରିଥିଲେ । ଶେଷରେ ଆଜି ତାଙ୍କୁ ସହାୟତାର ହାତ ବଢାଇଛନ୍ତି ଯୁବ ସମାଜସେବୀ ତଥା ବାଲିଆପାଳ ୨୧ ନଂ ଯୋନ ଜିଲ୍ଲା ପରିଷଦ ସଦସ୍ୟ ରବିନ୍ଦ୍ରନାଥ ଅଣ୍ଡିଆ । ତାଙ୍କ ଗରକୁ ଯାଇ ବ୍ୟବସାୟ ବଢାଇବା ସହିତ ଚିକିତ୍ସା ପାଇଁ ୧୦ ହଜାର ଟଙ୍କାର ଆର୍ଥିକ ସହାୟତା ଯୋଗାଇଛନ୍ତି । ଶ୍ରୀ ଅଣ୍ଡିଆଙ୍କ ଏଭଳି ମହତ କାର୍ଯ୍ୟକୁ ସ୍ଥାନୀୟ ଅଂଚଳବାସୀ ପ୍ରଶଂସା କରିଛନ୍ତି ।

## ଯାଜପୁରରେ ଗତ ୨୪ ଘଂଟାରେ ୧୮୭ଜଣଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର,,୧୮।୧୨ (ନି.ପ୍ର): ଯାଜପୁର ପୋଲିସ ଗତ ୨୪ ଘଂଟା ମଧ୍ୟରେ ମାସ୍କ ପିନ୍ଧି ନ ଥିବା, ସାମାଜିକ ଦୂରତ୍ୱ ନିୟମକୁ ନ ମାନିବା, ବାହାରେ ଛେପ ପକାଇବା ଓ ମୋଟର ଯାନ ଆଇନ ଭାଙ୍ଗିବା ଅଭିଯୋଗରେ ୧୮୭ ଜଣଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ସେମାନଙ୍କ ଠାରୁ ୧,୯୩,୭୦୦ ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ବେଳେ ୧୮ ଜଣଙ୍କର ଡ୍ରାଇଭିଂଗ ଲାଇସେନ୍ସକୁ ନିଲମ୍ବିତ କରା ଯାଇଛି । ଯାଜପୁର ଏସପି ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ୩ରୁ ଖୋଲିବ ଭୁବନେଶ୍ୱରର .....

ଉପସ୍ଥିତ ରହିପାରିବେ ସେ ସମ୍ପର୍କରେ ସମ୍ପୃକ୍ତ କମିଟି ବିଏମସିର ଡେପୁଟି କମିଶନର ଶୁଭେନ୍ଦୁ କୁମାର ସାହୁଙ୍କୁ ଜଣାଇବେ। ଏହାପରେ ଏକ ସମୟରେ କେତେ ଭକ୍ତ ପ୍ରବେଶ କରିପାରିବେ ବିଏମସି ନିର୍ଦ୍ଧାରଣ କରିବ। ଧାର୍ମିକ ଅନୁଷ୍ଠାନ ଗୁଡିକ ଖୋଲିବା ପରେ ମାସ୍କ ବ୍ୟବହାର , ସାମାଜିକ ଦୂରତା ପାଳନ ଓ ହ୍ୟାଣ୍ଡ ସାନିଟାଇଜେସନ୍ ବାଧ୍ୟତାମୂଳକ ରହିବ। ପରିସର ଭିତରେ ବା ବାହାରେ ପାନ ଓ ଗୁଟଖା ଖାଇବା ମନା।ଅସୁସ୍ଥ ବା ଲକ୍ଷଣ ଥିବା ବ୍ୟକ୍ତିଙ୍କୁ ପ୍ରବେଶ ଅନୁମତି ମିଳିବନି। ଏହା ବ୍ୟତୀତ ବୟସ୍କ, ଗର୍ଭବତୀ ମହିଳା ଓ ୧୦ ବର୍ଷରୁ କମ୍ ବୟସର ଶିଶୁଙ୍କୁ ନଆସିବାକୁ ପରାମର୍ଶ ଦିଆଯାଇଛି। ସେହିପରି ଯେଉଁମାନେ ବିଦେଶରୁ ଫେରିଛନ୍ତି ସେମାନେ ମନ୍ଦିର ଭିତରକୁ ଯିବା ପୂର୍ବରୁ କୋଭିଡ୍ ଗାଇଡଲାଇନ୍ ଓ କ୍ୱାରେଂଟାଇନ ପାଳନ କରିବେ। ଏସବୁ ନିୟମକୁ ଉଲ୍ଲଘଂନ କଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଇଛି। ବିଏମସି କମିଶନର ପ୍ରେମଚାନ୍ଦ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଗତ ୧୫ତାରିଖରେ ବିଭିନ୍ନ ଷ୍ଟେକହୋଲଡରଙ୍କ ସହ ହୋଇଥିବା ବୈଠକ ପରେ ବିଏମସି ଅଂଚଳରେ ରହିଥିବା ଧାର୍ମିକ ଅନୁଷ୍ଠାନଗୁଡ଼ିକୁ କୋଭିଡ୍ ଗାଇଡଲାଇନକୁ ପାଳନ କରି ଖୋଲିବା ପାଇଁ ନିଷ୍ପତି ହୋଇଥିଲା।

## ଓଡ଼ିଶା ହେବ ....

ଏହି ନୂଆ ଏସ୍‌ଟିପିଆଇ କେନ୍ଦ୍ରରେ ପ୍ଲଗ୍ ଆଣ୍ଡ ପ୍ଲେ, ନେକ୍ସଟ୍ ଜେନେରେସନ୍ ଇନ୍‌କ୍ୟୁବେସନ୍ ସେଂଟର, ଡାଟା ଷ୍ଟୋରେଜ୍, ଡାଟା ସିକ୍ୟୁରିଟି, ଇଲେକ୍‌ଟ୍ରୋପ୍ରିନିୟୋର ପାର୍କ, ମେଂଟର କନେକ୍ଟ ଆଦି ରହିଥିବା ବିଭିନ୍ନ ଆଇଟି ଭିତିଭୂମିକୁ ମନ୍ତ୍ରୀ ଶ୍ରୀ ବେହେରା ଅନୁଧାନ କରିଥିଲେ । ଏହି ଅବସରରେ ମନ୍ତ୍ରୀ ଶ୍ରୀ ବେହେରା ଟାୟାର-୩ ଡାଟା ଷ୍ଟୋରେଜ ସେଂଟର ଓ ଫାବ୍-ଲ୍ୟାବ୍ ବୁଲିବା ସହ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱରକୁ ଆଇଟି ହବ୍ ରେ ପରିଣତ କରିବାର ଯେଉଁ ଲକ୍ଷ୍ୟ ରଖିଛନ୍ତି ତାହା ପୂରଣ ଦିଗରେ ଆମ ସମସ୍ତଙ୍କୁ ଆଗଭର ହୋଇ କାର୍ଯ୍ୟ କରିବାକୁ ପଡ଼ିବ ବୋଲି କହିଥିଲେ । ଆମ ରାଜ୍ୟରେ ଅଧିକ ଆଇଟି ବୃତିଧାରୀ ସୃଷ୍ଟି କରିବା ଏବଂ ଆଇଟି-ଉଦ୍ୟୋଗୀମାନଙ୍କୁ ଆକୃଷ୍ଟ କରିବା ପାଇଁ ସବୁପ୍ରକାର ସୁବିଧାସୁଯୋଗ ଯୋଗାଇ ଦେବାଲାଗି ବହୁ ପଦକ୍ଷେପ ଗ୍ରହଣ କରାଯାଇଛି । ଏଠାରେ ସୂଚନାଯୋଗ୍ୟ ଯେ ରାଜ୍ୟରେ ବର୍ତମାନ ଭୁବନେଶ୍ୱର , ବ୍ରହ୍ମପୁର ଏବଂ ରାଉରକେଲାରେ ଏସ୍‌ଟିପିଆଇ କାର୍ଯ୍ୟ କରୁଥିବାବେଳେ ନବନିର୍ମିତ ବାଲେଶ୍ୱର ଏସ୍‌ଟିପିଆଇ କେନ୍ଦ୍ର ଉଦ୍‌ଘାଟନ ଅପେକ୍ଷାରେ ରହିଛି । ଏଥିସହ କୋରାପୁଟଜୟପୁର, ଯାଜପୁର, ଅନୁଗୁଳ ଓ ସମ୍ବଲପୁର ଏସ୍‌ଟିପିଆଇ ପ୍ରତିଷ୍ଠା କାର୍ଯ୍ୟ ଆଗାମୀ ଦୁଇବର୍ଷ ମଧରେ ଶେଷ କରାଯିବାର ଯୋଜନା ରହିଛି । ମନ୍ତ୍ରୀଙ୍କ ଏହି ଗସ୍ତ ସମୟରେ ଏସ୍‌ଟିପିଆଇ,ଭୁବନେଶ୍ୱରର ନିର୍ଦ୍ଦେଶକ ଶ୍ରୀ ମାନସ ରଞ୍ଜନ ପଣ୍ଡାଙ୍କ ସହିତ ବହୁ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ ।

## ୨୭ରୁ ଖୋଲିବ ...

ଏହା ବ୍ୟତୀତ ବୟସ୍କ, ଗର୍ଭବତୀ ମହିଳା ଓ ୧୦ ବର୍ଷରୁ କମ୍ ବୟସର ଶିଶୁଙ୍କୁ ନଆସିବାକୁ ପରାମର୍ଶ ଦିଆଯାଇଛି। ସେହିପରି ଯେଉଁମାନେ ବିଦେଶରୁ ଫେରିଛନ୍ତି ସେମାନେ ମନ୍ଦିର ଭିତରକୁ ଯିବା ପୂର୍ବରୁ କୋଭିଡ୍ ଗାଇଡଲାଇନ୍ ଓ କ୍ୱାରେଂଟାଇନ ପାଳନ କରିବେ। ଏସବୁ ନିୟମକୁ ଉଲ୍ଲଘଂନ କଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଇଛି। ଉଲ୍ଲେଖ୍ୟଯୋଗ୍ୟ ଯେ ମଙ୍ଗଳବାର ଅପରାହ୍ନରେ ଶ୍ରୀଲିଙ୍ଗରାଜ ମନ୍ଦିର ଖୋଲିବା ନେଇ ବିଏମସି ଅଫିସରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ତିନି ନିଯୋଗ ଅଧିକାରୀ, ପୋଲିସ ଅଧିକାରୀ, ମନ୍ଦିର କାର୍ଯ୍ୟାଳୟ ଅଧିକାରୀ, ଉପଜିଲ୍ଲାପାଳ, ଲିଙ୍ଗରାଜ ମନ୍ଦିର କାର୍ଯ୍ୟାଳୟ, ଦେମୋତର ବିଭାଗର ଅଧିକାରୀମାନଙ୍କ ସହ ଆଲୋଚନା ହୋଇଥିଲା।

## ଗୋଟିଏ ଦିନରେ ୩୫୮ ....

'ସେହିପରି ବୌଦ୍ଧ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ହୋଇ ନାହାନ୍ତି । କଟକରୁ ୨୮ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଦେବଗଡ଼ରୁ ୪, ଢେଙ୍କାନାଳରୁ ୫ ଜଣ ଚିହ୍ନଟ ହୋଇଥିବା ବେଳେ ଗଜପତିରୁ ଜିଲ୍ଲାରୁ ୪ଜଣ, ଗଞ୍ଜାମରୁ ୫ ଜଣ, ଜଗତ୍‌ସିଂହପୁରରୁ ୪ ଜଣ, ଯାଜପୁରରୁ ୧୫ ଜଣ, ଝାରସୁଗୁଡ଼ାରୁ ୬ ଜଣ, କଳାହାଣ୍ଡିରୁ ୪ ଜଣ ଚିହ୍ନଟ ହୋଇଥିବା ବେଳେ କନ୍ଧମାଳର ଜିଲ୍ଲାରୁ କେହି ସଂକ୍ରମିତ ହୋଇ ନାହାନ୍ତି। କେନ୍ଦ୍ରାପଡ଼ାରୁ ୧୧ ଜଣ, କେନ୍ଦୁଝରରୁ ୮ ଜଣ, ଖୋର୍ଦ୍ଧାରୁ ୩୬ ଜଣ ଚିହ୍ନଟ ହୋଇଥିବା ବେଳେ କୋରାପୁଟରୁ ୮ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ମାଲକାନଗିରିରୁ ଜଣେ ହେଲେ କରୋନା ସଂକ୍ରମିତ ଚିହ୍ନଟ ହୋଇନାହାନ୍ତି । ମୟୂରଭଞ୍ଜରୁ ୧୭ ଜଣ ସଂକ୍ରମିତ ହୋଇଥିବା ବେଳେ ନବରଙ୍ଗପୁରରୁ ୧, ନୟାଗଡ ଜିଲ୍ଲାରୁ ୧ ଜଣ, ନୂଆପଡ଼ାରୁ ୨୬ ଜଣ, ପୁରୀରୁ ୧ ଜଣ ଚିହ୍ନଟ ହୋଇଥିବାବେଳେ , ରାୟଗଡା ଜିଲ୍ଲାରୁ ୧, ସମ୍ବଲପୁରରୁ ୨୧ ଜଣ ଜଣ ଚିହ୍ନଟ ହୋଇଥିବା ବେଳେ ସୋନପୁରରୁ ୧ ଓ ସୁନ୍ଦରଗଡ଼ରୁ ୨୯ ଜଣ ଓ ଷ୍ଟେଟ୍‌ପୁଲ୍‌ରୁ ୯ ଜଣ ଚିହ୍ନଟ ହୋଇଛନ୍ତି।

## ତିନିଦିନିଆ ପଶ୍ଚିମବଙ୍ଗ ....

ଶ୍ରୀ ପ୍ରଧାନ ଏହି କାରଖାନାର ସମସ୍ତ କାର୍ଯ୍ୟ, ପରିଚାଳନା ଦେଖିବା ପରେ କାରଖାନାର ଉତ୍ପାଦନ, ଦକ୍ଷତା ଏବଂ ପରିଚାଳନାର ଲାଭ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ କାରଖାନା କ୍ଷମତାର ଶତପ୍ରତିଶତ ବ୍ୟବହାର କରିବା ଉପରେ କେନ୍ଦ୍ରମନ୍ତ୍ରୀ ପରାମର୍ଶ ଦେବା ସହ ଗୁରୁତ୍ୱାରୋପ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଏହି ପରିଦର୍ଶନ ବେଳେ ଶ୍ରୀ ପ୍ରଧାନ କାରଖାନାରେ କାମ କରୁଥିବା ଶ୍ରମିକ ଓ କର୍ମଚାରୀଙ୍କ ସହ କଥା ହେବା ସହ ସେମାନଙ୍କର କାମ ସମ୍ବନ୍ଧରେ ପଚାରି ବୁଝିଥିଲେ ।

## କେନ୍ଦ୍ରକୁ ଟାର୍ଗେଟ୍ ....

ରାଜ୍ୟ ସମ୍ପାଦକ (ଯୁବ ବ୍ୟାପାର) ଅମରେଶ ପତ୍ରୀ, ବିଜୁ ଯୁବ ଜନତା ଦଳର ରାଜ୍ୟ ସଭାପତି ଡ. ବ୍ୟୋମକେଶ ରାୟ, ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସଭାପତି ଦେବୀ ରଞ୍ଜନ ତ୍ରିପାଠୀ ପ୍ରମୁଖ ଯୁବ ନେତୃତ୍ୱଗଣ ଯୋଗଦେଇ ଯୁବ ନେତାମାନଙ୍କୁ ଉତ୍ସାହିତ କରିଥିଲେ। ଉପସ୍ଥିତ ସମସ୍ତ ଅତିଥି ନେତୃବୃନ୍ଦ ସାଂଗଠନିକ କାର୍ଯ୍ୟରେ ଉଲ୍ଲେଖନୀୟ ଅବଦାନ ପାଇଁ ଚାରିଜଣ ଯୁବ ନେତାଙ୍କୁ ସମ୍ବର୍ଦ୍ଧିତ କରି ଉତ୍ସାହିତ କରିଥିଲେ। ଏହି ଅବସରରେ ବିଜୁ ଜନତା ଦଳର ବିଭିନ୍ନ ରାଜନୈତିକ ପ୍ରସ୍ତାବ, ସାଂଗଠନିକ ପ୍ରସ୍ତାବ ଏବଂ ସଂକଳ୍ପ ପ୍ରସ୍ତାବ ଗୁଡିକ ଗୃହୀତ ହୋଇଥିଲା। ଅନ୍ୟ ନେତୃବୃନ୍ଦମାନଙ୍କ ମଧ୍ୟରେ ବିଜୁ ଯୁବ ଜନତା ଦଳର ରାଜ୍ୟ କାର୍ଯ୍ୟକାରୀ ସଭାପତି ବୈକୁଣ୍ଠ ନାୟକ,ଶୁଭେନ୍ଦୁ ମଙ୍ଗରାଜ, ମହାସଚିବ ଏଲିନା ଦାସ,ବରିଷ୍ଠ ଉପସଭାପତି, ଉପସଭାପତି, ସାଧାରଣ ସମ୍ପାଦକ, ସମ୍ପାଦକ, ଯୁଗ୍ମ ସମ୍ପାଦକ, ସମସ୍ତ ଜୋନର ଜୋନ ସଭାପତି ଏବଂ ୩୫ଟି ସାଂଗଠନିକ ଜିଲ୍ଲା ଜିଲ୍ଲାସଭାପତିମାନେ କାର୍ଯ୍ୟକାରିଣୀ ବୈଠକରେ ଯୋଗଦେଇଥିଲେ।

# ୨୦ରୁ ବିଜେପିର ପରୀକୁ ନ୍ୟାୟ ପଦଯାତ୍ରା

ଭୁବନେଶ୍ୱର,୧୮।୧୨ (ନି.ପ୍ର): 'ପରୀ'କୁ ନ୍ୟାୟ ଦେବା ସହ ଓଡିଶାର ମାତୃଶକ୍ତି ଏବଂ ଶିଶୁ ସଂପଦର ସୁରକ୍ଷା ପାଇଁ ଆଗକୁ ଆସି 'ପରୀକୁ ନ୍ୟାୟ ପଦଯାତ୍ରା'ରେ ସାମିଲ ହେବା ପାଇଁ ବିଜେପି ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତି ଆହ୍ୱାନ ଦେଇଛନ୍ତି। ଆସନ୍ତା ଡିସେମ୍ବର ୨୦ ତାରିଖରେ ଭୁବନେଶ୍ୱର ଶ୍ରୀଲିଙ୍ଗରାଜ ମନ୍ଦିର ପ୍ରାଙ୍ଗଣରୁ 'ପରୀ' ର ଗାଁ ନୟାଗଡର ଯଦୁପୁର ପର୍ଯ୍ୟନ୍ତ ୫ ଦିନ ବ୍ୟାପୀ 'ପରୀକୁ ନ୍ୟାୟ ପଦଯାତ୍ରା'ରେ ବାହାରିବ ବୋଲି ଶ୍ରୀ ମହାନ୍ତି ସୂଚନା ଦେଇଛନ୍ତି । ନୟାଗଡ ଜିଲ୍ଲା ଯଦୁପୁର ଗାଁର ୫ ବର୍ଷର ଝିଅ 'ପରୀ'ର ହୃଦୟ ବିଦାରକ ହତ୍ୟା ଏବଂ ଅଙ୍ଗଚୋରୀ ଓ ଦୋଷୀଙ୍କୁ ଘଂଟ ଘୋଡାଇବାକୁ ଉଦ୍ୟମ ଗଭୀର ଆଘାତ ଦେଇଛି । ପ୍ରକୃତ ଦୋଷୀକୁ ଧରିବାରେ ପ୍ରଶାସନ ବିଫଳ ହୋଇଥିବା ବେଳେ ମନ୍ତ୍ରୀ ଅରୁଣ ସାହୁ ଦୋଷୀଙ୍କୁ ଘଂଟ ଘୋଡାଇଥିବା କଥା ମଧ୍ୟ ପଦାକୁ ଆସିଛି । ନାରୀ ସୁରକ୍ଷା ଏବଂ ଶିଶୁ ସୁରକ୍ଷା ଆଜି ଚରମ ଅବହେଳାର ଶିକାର ହୋଇଛି । ଗତ ୨ ବର୍ଷ ଭିତରେ ରାଜ୍ୟରୁ ୫୫୦୦ ଶିଶୁ ନିଖୋଜ ହୋଇଛନ୍ତି । ସେମାନଙ୍କ ସନ୍ଧାନ ପାଇଁ ସରକାରଙ୍କ ନା ଅଛି ଆଗ୍ରହ ନା ଅଛି ପ୍ରୟାସ ।

## ଆମ ଭାସ୍କର...

(ପୃଷ୍ଠା ୪ର ଅବଶିଷ୍ଟାଂଶ)

ସେ ଲେଖିଛନ୍ତି 'ସିଦ୍ଧାନ୍ତ ଦର୍ପଣ' ଯାହାକି ଗ୍ରହ, ନକ୍ଷେତ୍ର, ବର୍ଷ, ମାସ, ଦିନ, ବାର, ଦଣ୍ଡ, ଚନ୍ଦ୍ରଗ୍ରହଣ ଓ ସୂର୍ଯ୍ୟପରାଗ ଇତ୍ୟାଦିର ଏକ ଗଣନ ପଞ୍ଜିକା ଯାହାକୁ ଲେଖିବାକୁ ତାଙ୍କୁ ୨୦ବର୍ଷ ଲାଗିଥିଲା। ଏଥିରେ ୧୦କୋଟି ଦିବସର ଗଣନା ଅଛି। ଏହି ଗଣନାନୁସାରେ ଶ୍ରୀ ମନ୍ଦିରର ପାଞ୍ଜି କାର୍ଯ୍ୟକାରୀ ହୁଏ। ଏ ବହିରେ ୫ଟି ଅଧିକାର ଓ ୨୪ଟି ପ୍ରକାଶ ଅଛି। ଏହାର ଶ୍ଳୋକ ସଂଖ୍ୟା ୨୨୫୦। ସିଦ୍ଧାନ୍ତ ଦର୍ପଣ ପ୍ରକାଶ ପାଇଲା ୧୮୯୯ ମସିହାରେ। ତା' ପୂର୍ବରୁ ଇଂରେଜ ସରକାରଙ୍କ ଦ୍ୱାରା ତାଙ୍କ କୃତିତ୍ୱ ପାଇଁ ପ୍ରଶଂସିତ ହୋଇ ୧୮୯୪ ମସିହା ସେପ୍ଟେମ୍ବର ୩ ତାରିଖରେ ସେ ମହାମହୋପାଧ୍ୟାୟ ଉପାଧିରେ ଭୂଷିତ ହୋଇଥିଲେ। ଏ ଉପାଧି ପାଇବାରେ ସେ ଥିଲେ ପ୍ରଥମ ଓଡ଼ିଆ। ପଠାଣି ସାମନ୍ତ ଥିଲେ ଚିରରୁଗ୍ଣ ଓ ଅଭାବୀ। ତଥାପି ସାଧନା ପଥରେ ହଟି ଯାଇନଥିଲେ। ତେବେ ତାଙ୍କ ଜୀବନର ଗୋଟିଏ ଭୁଲ ଧାରଣା ଥିଲା ଯେ ପୃଥିବୀ ସ୍ଥିର ଏବଂ ସୂର୍ଯ୍ୟ ଗତିଶୀଳ। ତଥାପି ଗଣନା ଠିକ୍। ଏହି ଯୋଗଜନ୍ମା ମହାପୁରୁଷଙ୍କର ୧୯୦୪ ଜୁନ ୧୧ତାରିଖରେ ଇଚ୍ଛାନୁଯାୟୀ ପୁରୀରେ ମୃତ୍ୟୁହେଲା। ତାଙ୍କ ମୃତ୍ୟୁରେ ଅଭିଭୂତ ରାଧାନାଥ ଲେଖିଛନ୍ତି :

ସିଦ୍ଧାନ୍ତ ଦର୍ପଣ ହେବ ନାହିଁ ଲୟ,
ନରଦେହେ ଥିବ ଯାବତ୍ ହୃଦୟ।
ଧନ୍ୟତୁମେ ପଠାଣି ସାମନ୍ତ। ତୁମେ ଧନ୍ୟ ତୁମ ପାଇଁ ଏମାଟି ଧନ୍ୟ।

ଅଧ୍ୟକ୍ଷ.
ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ
ବିକାଶ ନଗର, ଜଟଣୀ, ଖୋର୍ଦ୍ଧା-୭୫୨୦୫୦
ମୋ : ୯୯୩୮୩୪୪୧୩୮

# ଲିଡ୍ ବ୍ୟାଙ୍କ ପକ୍ଷରୁ ଜିଲ୍ଲା ସ୍ତରୀୟ ସମୀକ୍ଷା ବୈଠକ

ଭଦ୍ରକ,୧୮।୧୨ (ନି.ପ୍ର): ଭଦ୍ରକ ଲିଡ୍ ବ୍ୟାଙ୍କ ଆନୁକୁଲ୍ୟରେ ଜିଲ୍ଲା ଶାଖା ପରିଚାଳକ ନାଗେଶ୍ୱର ରାଓଙ୍କ ତତ୍ତ୍ୱାବଧାନରେ ଜିଲ୍ଲାପାଳ ଡ. ଜ୍ଞାନ ଦାସଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସଂସ୍କୃତି ଭବନରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇ ଯାଇଛି। ବୈଠକରେ ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ମଧୁସୂଦନ ଦାସ, ନାବାର୍ଡର ଡିଡିଏମ୍ ପ୍ରମୋଦ କୁମାର ବେହେରା, ରିଜର୍ଭ ବ୍ୟାଙ୍କ ଏଲ୍‌ଡିଓ ସନ୍ତୋଷ କୁମାର ପଟ୍ଟନାୟକ ଏବଂ ଜିଲ୍ଲାର ବିଭିନ୍ନ ବ୍ୟାଙ୍କର ଶାଖା ପରିଚାଳକ ଓ ସେମାନଙ୍କ ପ୍ରତିନିଧି ଯୋଗ ଦେଇଥିଲେ। ଏହି ବୈଠକରେ ଜିଲ୍ଲାର କୃଷି, ପଶୁ ପାଳନ,




ଏମ୍‌ଏସ୍‌ଏମ୍‌ଇ ଭଳି ବିଭିନ୍ନ ବିଭାଗ ଓ ସ୍ୱୟଂ ସହାୟକ ଗୋଷ୍ଠୀ ସମୂହଙ୍କ ଆର୍ଥିକ ସୁଧାର ନିମନ୍ତେ ବିଭିନ୍ନ ପଦକ୍ଷେପମାନଙ୍କ ବିଷୟରେ ଆଲୋଚନା କରାଯାଇଥିଲା। ଜିଲ୍ଲାର ପ୍ରମୁଖ ଅଞ୍ଚଳ ଯେଉଁ ସ୍ଥାନରେ ବ୍ୟାଙ୍କ ନାହିଁ ସେହି ସବୁ ସ୍ଥାନରେ ଜନସାଧାରଣଙ୍କ ହିତ ପାଇଁ ବ୍ୟାଙ୍କ ଖୋଲିବା, ବିଭିନ୍ନ ଯୋଜନାରେ ଋଣ ପ୍ରଦାନ କରିବା ଓ ଋଣ ଆଦାୟ କରିବା, ବକେୟା ପଡିଥିବା ଋଣ ଦରଖାସ୍ତଗୁଡିକ ଯାଞ୍ଚ କରି ସେଗୁଡିକର ମଞ୍ଜୁର କରାଯିବା ଓ ଋଣ ପ୍ରଦାନ କରାଯିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ମହିଳା ସଶକ୍ତିକରଣ ନିମନ୍ତେ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ବ୍ୟାଙ୍କ ସହ ଅଧିକରୁ ଅଧିକ ସାମିଲ କରାଇ ସେମାନଙ୍କ ସହିତ ଆର୍ଥିକ ନେଣଦେଣ ପାଇଁ ପ୍ରୋତ୍ସାହିତ କରିବାକୁ ମତ ପ୍ରକାଶ ପାଇଥିଲା। ବୈଠକରେ ବିଗତ ଦିନର କାର୍ଯ୍ୟାବଳୀର ସମୀକ୍ଷା କରାଯିବା ସହ ଆଗାମୀ ଯୋଜନା ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ବୈଠକରେ ଜିଲ୍ଲାର ବିଭିନ୍ନ ଲାଇନ ଡିପାର୍ଟମେଣ୍ଟ ଅଧିକାରୀମାନେ ଯୋଗ ଦେଇଥିଲେ।

## ବିଏସଏଫ ବିରୋଧରେ ମାଓବାଦୀଙ୍କ ପ୍ରଜାମେଳି

ମାଲକାନଗିରି, ୧୮, ୧୮।୧୨ (ନି.ପ୍ର): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ ରାଜ୍ୟର କାଂକେର ଅଂଚଳରେ ଦେଖିବାକୁ ମିଳିଛି ମାଓବାଦୀଙ୍କ ପ୍ରଜାମେଳି । ବିଏସଏଫକୁ ବିରୋଧ କରି ୩୦ ଖଣ୍ଡ ଗ୍ରାମର ହଜାର ହଜାର ଲୋକ ଏକାଠି ହୋଇଛନ୍ତି । ପ୍ରଜାମେଳି କରି ପୋଲିସ ବିରୋଧରେ ଲାଲବାହିନୀ ଲୋକଙ୍କୁ ଉସୁକାଇବାକୁ ଚେଷ୍ଟା କରୁଥିବା ଅନୁମାନ କରାଯାଉଛି ।

# ଗୋପୀକିଷନ ଭଞ୍ଜର ହସ୍‌ପିଟାଲରେ ଡାକ୍ତର ନିଯୁକ୍ତି ନ ହେଲେ ୨୩ରେ ଆନ୍ଦୋଳନ ଚେତାବନୀ

ଜଳେଶ୍ୱର, ୧୮/୧୨(ନିପ୍ର) : ଉତ୍ତର ବାଲେଶ୍ୱରର ଜଳେଶ୍ୱର ଠାରେ ଏକମାତ୍ର ରେଫେରାଲ ହସ୍‌ପିଟାଲ ଭାବେ ପରିଚିତ ଗୋପୀକିଷନ ଭଞ୍ଜର ଉପରେ ପ୍ରାୟ ୨ଲକ୍ଷ ଲୋକ ନିର୍ଭର କରନ୍ତି । ଖାଲି ଓଡିଶା ନୁହେଁ ପଶ୍ଚିମବଂଗର ପଶ୍ଚିମ ମେଦିନୀପୁର ଜିଲାର ବହୁ ଅଂଚଳ ଏହା ଉପରେ ନିର୍ଭର କରନ୍ତି । ଏହା ଓଡିଶା ଓ ପଶ୍ଚିମବଂଗ ସୀମାନ୍ତ ଜାତୀୟ ରାଜପଥ ୬୦ର ଅନତୀ ଦୂରେ ରହିଥିବାରୁ ବହୁ ସମୟରେ ଦୁର୍ଘଟଣାଗ୍ରସ୍ତ ରୋଗୀମାନେ ଆସିଥାନ୍ତି । ପ୍ରତ୍ୟେହ ୫ଶହରୁ ଉର୍ଦ୍ଧ ଆଉଟ୍‌ଡୋର ରୋଗୀ ଏଠାକୁ ଆସୁଥିବା ବେଳେ ଡାକ୍ତର ନ ଥିବାରୁ ରୋଗୀମାନଙ୍କୁ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନା ଉପରେ ନିର୍ଭର କରିବାକୁ ପଡିଥାଏ । ଜରୁରୀ ଚିକିତ୍ସା ପାଇଁ ବହୁ ଖର୍ଚ୍ଚାନ୍ତ ହୋଇ ପ୍ରାଇଭେଟ୍ ନର୍ସିଂହୋମକୁ ଯିବାକୁ ବାଧ୍ୟ ହେଉଛନ୍ତି । ଏଠାରେ ୪ଜଣ ସ୍ପେଶାଲିଷ୍ଟ ଡାକ୍ତର ଓ ୨ଜଣ ଏମ୍‌ବିବିଏସ୍ ଡାକ୍ତର ଓ ଜଣେ ନିଶ୍ଚେତକ ଡାକ୍ତର ରହିବାକୁ ଥିବା ବେଳେ ମାତ୍ର ୨ଜଣ ଏମ୍‌ବିବିଏସ୍ ଡାକ୍ତର, ଜଣେ ଶିଶୁ ବିଶେଷଜ୍ଞ ରହିଛନ୍ତି । ପ୍ରସୂତୀ ବିଭାଗର ଡାକ୍ତର ହସ୍‌ପିଟାଲ ସୁପରିଟେଣ୍ଡେଣ୍ଟ ଦାୟିତ୍ୱରେ ରହୁଥିବାରୁ ରୋଗୀ ଚିକିତ୍ସା କରିବା ସମ୍ଭବ ହୋଇ ପାରୁନାହିଁ । କୋଭିଡ୍-୧୯ ଆଳରେ ଏଠାରେ ଥିବା ମେଡିସିନ୍ ବିଶେଷଜ୍ଞ ରତ୍ନାକର ଦାସଙ୍କୁ ଅନ୍ୟତ୍ର ବଦଳିକୁ ନେଇ ସ୍ଥାନୀୟ ଅଂଚଳରେ ଅସନ୍ତୋଷ ପ୍ରକାଶ ପାଇଛି । ତେଣୁ ଅତିଶୀଘ୍ର ଏଠାରେ ମେଡିସିନ୍, ଶଲ୍ୟ, ପ୍ରସୂତୀ ବିଭାଗର ଡାକ୍ତର ନିଯୁକ୍ତି ଦାବିରେ ଜଳେଶ୍ୱର ବିଜେପି ପକ୍ଷରୁ ସିଡିଏମ୍‌ଓ, ତହସିଲଦାରଙ୍କୁ ଏକ ଦାବୀପତ୍ର ପ୍ରଦାନ କରାଯାଇଛି । ଆସନ୍ତା ୨୩ ତାରିଖ ମଧ୍ୟରେ ଡାକ୍ତର ନିଯୁକ୍ତି ନ ହେଲେ ବିକ୍ଷୋଭ କରାଯିବା ସହିତ ଆନ୍ଦୋଳନ କରାଯିବ ବୋଲି ବିଜେପିର ଟାଉନ୍ ସଭାପତି ଫାଲଗୁନୀ ପାଣିଗ୍ରାହୀ, ସାଂସଦ ପ୍ରତିନିଧି ଶାନ୍ତନୁ ପଟ୍ଟନାୟକ, ରବିନ୍ଦ୍ର କୁମାର ପାତ୍ର, ତନ୍ମୟ କୁମାର ଚାନ୍ଦ, ପୂର୍ଣ୍ଣଚନ୍ଦ୍ର ଦେ, ରାଧାକୃଷ୍ଣ ଦାସ, ମନୋଜ ଶାସମଲ, ଅକ୍ଷୟ ପାଣିଗ୍ରାହୀ, ରାଜେଶ କୁମାର ସାହୁ, ରଂଜିତ କୁମାର ସିଂ, ରୂପକ କୁମାର ଦାସ, ବ୍ରଜକିଶୋର ଗିରି, ସୁଶାନ୍ତ ପ୍ରଧାନ, ପ୍ରତାପ ସେନାପତି ପ୍ରମୁଖ ବହୁ କର୍ମୀ ଚେତାବନୀ ଦେଇଛନ୍ତି ।

# ବାଲେଶ୍ୱରରେ ଜାତୀୟ ପେନସନ୍ ଦିବସ



ବାଲେଶ୍ୱର,୧୮।୧୨ (ନି.ପ୍ର): ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘ ପକ୍ଷରୁ ୩୯ତମ ଜାତୀୟ ପେନ୍‌ସନ୍ ଦିବସ ପାଳିତ ହୋଇଯାଇଛି । ସଂଗଠନର ସଭାପତି ଧୀରେନ୍ଦ୍ର ନାରାୟଣ ଦାସଙ୍କ ଅଧ୍ୟକ୍ଷତାରେ ଅୟୋଜିତ କାର୍ଯ୍ୟକ୍ରମରେ ଜିଲା କୋଷାଗାର ଅଧିକାରୀ ଶଶାଙ୍କ ଭୂଷଣ ମହାପାତ, ଅତିରିକ୍ତ କୋଷାଗାର ଅଧିକାରୀ ବିଶ୍ୱନାଥ ମାଝି ପ୍ରମୁଖ ବରେଣ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପେନସନ ଦିବସ ପାଳନର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ପନ୍‌ସନ୍ ପାଉଥିବା ଓ ପାଇବାକୁ ଥିବା ଅବସରପ୍ରାପ୍ତ କର୍ମଚାରୀମାନଙ୍କର ସମସ୍ୟା ଅଗ୍ରାଧିକାର ଭିତ୍ତିରେ ସମାଧାନ କରାଯିବା ଉଚିତ ବୋଲି ଅତିଥି ମତ ପ୍ରକାଶ କରିଥିଲେ। କୋଭିଡ୍-୧୯ ପରିପ୍ରେକ୍ଷୀରେ 'ଜୀବନ ପ୍ରମାଣପତ୍ର' ପ୍ରଦାନର ଅବଧି ମାର୍ଚ୍ଚ-୨୦୨୧ ପର୍ଯ୍ୟନ୍ତ ବର୍ଦ୍ଧିତ ହୋଇଥିବା ସେମାନେ ସୂଚନା ଦେଇଥିଲେ।ଏହି ଅବସରରେ ଉପସ୍ଥିତ ସଦସ୍ୟମାନଙ୍କଠାରୁ ପେନ୍‌ସନ୍ ସମସ୍ୟା ସମ୍ବନ୍ଧିତ ବିଭିନ୍ନ ପ୍ରଶ୍ନର ସମାଧାନ କରିଥିଲେ। ସଂଗଠନର ଉପ-ସଭାପତି ଅରୁଣା ରାୟ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ବସନ୍ତ କୁମାର ନାୟକ, ଭବେଶ ଚନ୍ଦ୍ର ପଣ୍ଡା, ସେଖ୍ ଆଲ୍ଲାଉଦ୍ଦିନ୍, ଦାମୋଦର ନାୟକ, ଶଶାଙ୍କ ଶେଖର ଦତ୍ତଙ୍କ ସମେତ ରେମୁଣା ଶାଖାର ଶ୍ରୀ ଅଜୟ ନାୟକ, ଯୋଗେନ୍ଦ୍ର ନାଥ ସିଂହ, ଲକ୍ଷ୍ମୀକାନ୍ତ ସରକାର, ବସ୍ତାର କୁମୁଦ ରଂଜନ ଗିରି, ଶଚୀନ୍ଦ୍ର ଦାସ, ଡାକ୍ତର ତାରାକାନ୍ତ ନନ୍ଦ, ଦୀନବନ୍ଧୁ ଲେଙ୍କା, ପ୍ରଶାନ୍ତ କୁମାର ଦାସ, ଉମେଶ ଚନ୍ଦ୍ର ଗୋଛାୟତ, କେଶବ ଚନ୍ଦ୍ର ମହାନ୍ତି, ସୁରେନ୍ଦ୍ର ପ୍ରଃ ନାୟକ, ଇଂ. ଗୌରାଙ୍ଗ ସାହୁ, ଦେବେନ୍ଦ୍ର ଚୌଧୁରୀ, ଆଶିଷ ଚନ୍ଦ୍ର ରାୟ, ପ୍ରକାଶ ଚନ୍ଦ୍ର ମହାପାତ୍ର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଏମ୍ସ ସେଲାଇଟ୍ ସେଣ୍ଟର ପ୍ରତିଷ୍ଠାରେ ବିଳମ୍ବ !

# ଜଳେଶ୍ୱରରେ କୋଟାକ ଲାଇଫ ଇନ୍‌ସୁରାନ୍‌ସ କମ୍ପାନୀର ନୂତନ ଶାଖା କାର୍ଯ୍ୟାଳୟ ଉଦ୍‌ଘାଟିତ

ଜଳେଶ୍ୱର, ୧୮/୧୨(ନିପ୍ର) : ଜଳେଶ୍ୱର ପୌରାଞ୍ଚଳ ଅନ୍ତର୍ଗତ ହାଟଛକଠାରେ କୋଟାକ ଲାଇଫ ଉନ୍‌ସୁରାନ୍ସ କମ୍ପାନୀ ଶାଖା କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇ ଯାଇଛି । ଏହାକୁ ଆନୁଷ୍ଠାନିକ ଭାବେ ସଂସ୍ଥାର ଉପସଭାପତି ସୌବିକ୍ ଚକ୍ରବର୍ତ୍ତୀ ଉଦ୍‌ଘାଟନ କରିଥିବା ବେଳେ ସମ୍ମାନୀତ ଅତିଥିଭାବେ ରିଜିଓନାଲ ମ୍ୟାନେଜର ଅମିତ୍ ଶାହା, ଏରିଆ ମ୍ୟାନେଜର ରବିନ୍ ଦତ୍ତ, ଲୋକେଶନ ମ୍ୟାନେଜର ରାଜୀବ କୁମାର ମହାନ୍ତି, ବ୍ରାଞ୍ଚ ମ୍ୟାନେଜର ଅକ୍ଷୟ କୁମାର ସାହୁ, ସିନିୟର ଲିଡର ପୂର୍ଣ୍ଣେନ୍ଦୁ ପାଣିଗ୍ରାହୀ, କିଶୋର ଚନ୍ଦ୍ର ଦାସ, ସୁଶାନ୍ତ ସେନ୍, ଅକ୍ଷୟ କୁମାର ଦତ୍ତ, ସତେନ୍ କୁମାର ନାଗ, ସତିଶ ଚନ୍ଦ୍ର ଦାସ, ପ୍ରବୋଧ କୁମାର ଭୂୟାଁ ପ୍ରମୁଖ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ ।

# ସଂସ୍କୃତି-ପର୍ଯ୍ୟଟନ ମନ୍ତ୍ରୀଙ୍କୁ ସାକ୍ଷାତ କଲା 'ବାଲେଶ୍ୱର ଲୋକମ'

ବାଲେଶ୍ୱର,୧୮।୧୨ (ନି.ପ୍ର): ବାଲେଶ୍ୱରରେ ଏମ୍ସ ସେଟଲାଇଟ୍ ପ୍ରତିଷ୍ଠାରେ ବିଳମ୍ବକୁ ନେଇ 'ବାଲେଶ୍ୱର ଲୋକମଞ୍ଚପକ୍ଷରୁ ଗତ କିଛିଦିନ ଧରି ଜିଲ୍ଲାର ନିର୍ବାଚିତ ଲୋକପ୍ରତିନିଧିଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି । ପୂର୍ବରୁ ସଦର ଓ ନୀଳଗିରି ବିଧାୟକଙ୍କଙ୍କ ସମେତ କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କୁ ଦାବିପତ୍ର ପ୍ରଦାନ କରିଥିବା ବେଳେ ଆଜି ରାଜ୍ୟ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀଙ୍କୁ ଲୋକମଞ୍ଚର କର୍ମକର୍ତ୍ତା ଓ ସଦସ୍ୟମାନେ ସାକ୍ଷାତ ସହ ଏମ୍ସ ସୁପର ସ୍ପେଶାଲିଟି ଏମ୍ସ ପ୍ରତିଷ୍ଠା ସମ୍ପର୍କରେ ଆଲୋଚନା କରିଥିଲେ। ଜିଲ୍ଲାବାସୀଙ୍କ ସ୍ୱାର୍ଥରକ୍ଷାରେ ଏମ୍ସ ସେଟଲାଇଟ୍ ସେଣ୍ଟର ସମେତ ୩୫୦ ବିଶିଷ୍ଟ ଏମ୍ସ ସୁପର ସ୍ପେଶାଲିଟି ହସପିଟାଲ ଓ 'ପବ୍ଲିକ ହେଲଥ୍ ଏଣ୍ଡ ନର୍ସିଂ ସ୍କୁଲ'ପ୍ରତିଷ୍ଠା ବିଳମ୍ବର କାରଣ ସମ୍ପର୍କରେ ସେମାନେ ଆଲୋଚନା କରିଥିଲେ। ଏନେଇ ସେ ରାଜ୍ୟ ସରକାର, ରାଜ୍ୟ ମୁଖ୍ୟ ଶାସନ ସଚିବ ଓ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇବେ ବୋଲି ମନ୍ତ୍ରୀ ଶ୍ରୀ ପାଣିଗ୍ରାହୀ ପ୍ରତିଶ୍ରୁତି ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ଲୋକମଞ୍ଚ ପକ୍ଷରୁ ମନ୍ତ୍ରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ସ୍ମାରକପତ୍ର ପ୍ରଦାନ ବେଳେ ସଂଗଠନ ପକ୍ଷରୁ ଅସିତ୍ ଦାସ, ବିକ୍ରମ ପଣ୍ଡା, ଡକ୍ଟର ଶ୍ରୀମାନ ଶ୍ରୀଚନ୍ଦନ, ଜୟରାମ ଦାସ, ନିଶିଥ ବାରିକ, ପ୍ରଦୀପ୍ତ ମହାପାତ୍ର, ଅଶୋକ ଆଢ୍ୟ, ଶୁଭମ ସାଇ ମହାପାତ୍ର, ସମ୍ବିତ୍ ବିଶ୍ୱାଳ, ସୁରେଶ ଉପାଧ୍ୟାୟ, ବନାନୀ ପଣ୍ଡା, ଜୟଶ୍ରୀ ବିଶ୍ୱାଳ ପ୍ରମୁଖ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# ୟୁନାଇଟେଡ ପ୍ରୋଗ୍ରେସିଭ୍ ଜର୍ଣ୍ଣାଲିଷ୍ଟ ଆସୋସିଏସନର ନୂତନ କର୍ମକର୍ତ୍ତା ନିର୍ବାଚିତ




ଭଦ୍ରକ,୧୮।୧୨ (ନି.ପ୍ର): ଭଦ୍ରକ ଜିଲ୍ଲା ସଦର ମହକୁମାରେ କାର୍ଯ୍ୟ କରୁଥିବା ଜିଲ୍ଲାସ୍ତରୀୟ ସାମ୍ବାଦିକମାନଙ୍କୁ ନେଇ ଗଠିତ ହୋଇଥିବା ୟୁନାଇଟେଡ ପ୍ରୋଗ୍ରେସିଭ୍ ଜର୍ଣ୍ଣାଲିଷ୍ଟ ଆସୋସିଏସନର ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ବାଇପାସ୍ ସ୍ଥିତ ସାଳନ୍ଦୀ ଜଳସେଚନ ଡାକବଙ୍ଗଳା ଠାରେ ସାମ୍ବାଦିକ ନରେନ୍ଦ୍ର କୁମାର ସାମଲଙ୍କ ଆବାହକତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ପୂର୍ବ ବୈଠକର ବିବରଣୀ ପାଠ କରାଯିବା ସହିତ ଏହି ସଂଗଠନକୁ କିପରି ପରିଚାଳନା କରାଯିବ ଓ ଆଗାମୀ ଦିନରେ କେଉଁ କେଉଁ କାର୍ଯ୍ୟଧାରା ଜାରି ରହିବ ସେ ବିଷୟରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହି ସଂଗଠନକୁ ପରିଚାଳନା କରିବା ପାଇଁ ଏକ କାର୍ଯ୍ୟକାରୀ କମିଟି ସହିତ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଏଥିରେ ସର୍ବସମ୍ମତ ନିଷ୍ପତି କ୍ରମେ ସାମ୍ବାଦିକ ନରେନ୍ଦ୍ର କୁମାର ସାମଲଙ୍କୁ ସଭାପତି ଭାବେ ଚୟନ କରାଯାଇଥିବା ବେଳେ ଉପସଭାପତି ଭାବେ ରାଜେଶ ଦାସ ଓ ରମେଶ ଚନ୍ଦ୍ର ପାଗଳଙ୍କୁ ମନୋନୀତ କରାଯାଇଥିଲା। ସେହିପରି ସାଧାରଣ ସମ୍ପାଦକ ଭାବେ ସାମ୍ବାଦିକ ଜ୍ଞାନ ପ୍ରକାଶ ପାଣି ଓ ସହସମ୍ପାଦକ ଭାବେ ଅଜୟ କୁମାର ପଣ୍ଡାଙ୍କୁ ମନୋନୀତ କରାଯାଇଥିବା ବେଳେ କୋଷାଧକ୍ଷ ଭାବେ ସାମ୍ବାଦିକ ସତ୍ୟ ଭୂଷଣ ସ୍ୱାମୀ, ମୁଖ୍ୟ ସଂଯୋଜକ ଭାବେ ସାମ୍ବାଦିକ ସୌମ୍ୟ ରଂଜନ ପାଢୀଙ୍କୁ ମନୋନୀତ କରାଯାଇଛି। ସେହିପରି କାର୍ଯ୍ୟକାରୀ ସଦସ୍ୟ ଭାବେ ସାମ୍ବାଦିକ ଦେବାଶିଷ ମହାପାତ୍ର, ପାର୍ଥସାରଥି ନାୟକ, ଦିପ୍ତିରଂଜନ ସାହୁ, ଶିବାନନ୍ଦ ଦାସଙ୍କୁ ମନୋନୀତ କରାଯାଇଛି। ସେହିପରି ଉପଦେଷ୍ଟା ମଣ୍ଡଳୀରେ ବରିଷ୍ଠ ସାମ୍ବାଦିକ ଭଜଗୋବିନ୍ଦ ଜେନା, ନିହାର ଦାସ, ପ୍ରତାପ ଦାସ, ପ୍ରମୋଦ ରାୟ, ଅଶୋକ କୁମାର ନାୟକ, ତପନ କୁମାର ମିଶ୍ର, ତପନ କୁମାର ସ୍ୱାଇଁ, ଅତିସ କୁମାର ବେହେରାଙ୍କୁ ମନୋନୀତ କରାଯାଇଛି। ତେବେ ଭଦ୍ରକ ଜିଲ୍ଲା ସଦର ମହକୁମାରେ ସାମ୍ବାଦିକମାନଙ୍କ ପାଇଁ ଏକ ପ୍ରକୋଷ୍ଠର ବ୍ୟବସ୍ଥା ପାଇଁ ନିର୍ବାଚିତ ପ୍ରତିନିଧିମାନେ ଜିଲ୍ଲା ପ୍ରଶାସନ ସହିତ ତୁରନ୍ତ ଆଲୋଚନା କରିବା ସହିତ ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ, ଭଦ୍ରକ ସାଂସଦ, ବିଧାୟକ, ବିରୋଧୀଦଳ ଉପନେତା ଓ ଜିଲ୍ଲାପାଳଙ୍କୁ ଦାବୀପତ୍ର ଦେବାକୁ ସ୍ଥିରିକୃତ ହୋଇଥିଲା। ସାମ୍ବାଦିକମାନେ ସଦାସର୍ବଦା ସକରାତ୍ମକ, ଗଠନମୂଳକ ଓ ଉନ୍ନୟନ ମୂଳକ କାର୍ଯ୍ୟଧାରାକୁ ପର୍ଯ୍ୟବେସିତ କରି କିପରି ସମ୍ବାଦ ପରିବେଷଣ କରିବେ ସେ ବିଷୟରେ ମଧ ବିସ୍ତୃତ ଆଲୋଚନା କରାଯାଇଥିଲା। ଶେଷରେ ସାମ୍ବାଦିକ ଶୈଳେନ୍ଦ୍ର ପଲେଇ ଧନ୍ୟବାଦ ଅର୍ପଣ କରିଥିଲେ।

# ବେଆଇନ୍ ମେଟାଲ ଓ ବାଲି ବୋଝେଇ ଡମ୍ଫର ଓ ଟ୍ରାକ୍ଟର ଜବତ୍

ଜଳେଶ୍ୱର, ୧୮/୧୨(ନିପ୍ର) : ବାଲେଶ୍ୱର ମିତ୍ରପୁରରୁ ମେଟାଲ ବୋଝେଇ ଡମ୍ଫରକୁ ଜଳେଶ୍ୱର ତହସିଲଦାର କ୍ଷୀରୋଦ କୁମାର ପଣ୍ଡା ରାଜଘାଟ ନିକଟରୁ ଜବତ୍ କରିଛନ୍ତି । ସେହିପରି ଏକ ବେଆଇନ୍ ବାଲି ବୋଝେଇ ଡମ୍ଫର ଓ ଟ୍ରାକ୍ଟରକୁ ଜବତ୍ କରାଯାଇଛି । ଏହି ଚଢାଉରେ ଜଳେଶ୍‌ବର ତହସିଲଦାରଙ୍କ ସହିତ ରାଜସ୍ୱ ନିରିକ୍ଷକ ସାମିଲ ଥିଲେ । ସୂଚାଯୋଗ୍ୟ ବହୁ ବାଲି ଟ୍ରାକ୍ଟର ଏବଂ ଡମ୍ଫର ବେଆଇନ୍‌ଭାବେ ଦ୍ରୁତ ଗତିରେ ଯିବା ସହିତ ପାଣିମିଶା ବାଲି ପରିବହନ ଯୋଗୁଁ ରାସ୍ତାଘାଟ କାଦୁଅ ହେବା ସହିତ ଦୁର୍ଘଟଣା ଘଟୁଥିବା ଜଣାଯାଇଛି ।




# ଉଦଳାରେ ମହାରାଜା ଶ୍ରୀରାମଚନ୍ଦ୍ରଭଞ୍ଜଦେଓଙ୍କ ୧୫୦ତମ ଜୟନ୍ତୀ ପାଳିତ



ଉଦଳା-୧୮/୧୨(ନି.ପ୍ର)- ଉଦଳା ସହରସ୍ଥିତ ମାଉସୀ ମା ମନ୍ଦିର ପ୍ରାଙ୍ଗଣରେ ଗୋପବନ୍ଧୁ ମେମୋରିଆଲ ସେବା ଟ୍ରଷ୍ଟ ତରଫରୁ ମୟୂରଭଞ୍ଜର ଯସସ୍ୱୀ ରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ଦେଓଙ୍କ ୧୫୦ ତମ ଜୟନ୍ତୀ ଆନନ୍ଦ ଉଲ୍ଲାସ ମଧ୍ୟରେ ପାଳିତ ହୋଇ ଯାଇଛି । ଟ୍ରଷ୍ଟର ସଭାପତି ପ୍ରମିଳା ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଜୟନ୍ତୀ ସମାରୋହରେ ଅବସରପ୍ରାପ୍ତ ମହାବିଦ୍ୟାଳୟର ପ୍ରାଧ୍ୟାପକ ଡ଼. ଶ୍ୟାମସୁନ୍ଦର ପଣ୍ଡା, ଶିକ୍ଷାବିତ ନରେନ୍ଦ୍ର ରାଉତ, ସାମ୍ବାଦିକ ସୁବ୍ରତ କୁମାର ମହାନ୍ତି, ଓକିଲ ସଂଘର ସଂପାଦକ ବସନ୍ତ କୁମାର ପରିଡ଼ା, ସୁରେନ୍ଦ୍ର ଶତପଥି, ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଅଧକ୍ଷ ପବିତ୍ର ମୋହନ ବେହେରା ଯୋଗ ଦେଇ ଶ୍ରୀରାମଚନ୍ଦ୍ର ଭଞ୍ଜ ଦେଓ ଥିଲେ ଭାଷା ଭିତ୍ତିକ ରାଜ୍ୟ ଗଠନ କରିବାର ମୁଖ୍ୟ ପୁରୋଧା, ଉତ୍କଳ ସମ୍ମିଳନୀର ପ୍ରଥମ ସଭାପତି ଓ ପୃଷ୍ଠ ପୋଷକ, ଜୀବନର ଅଳ୍ପ ବୟସ ଅବଧି ମଧ୍ୟରେ ଓଡ଼ିଶା ପ୍ରତି ରହିଛି ତାଙ୍କର ଅତୁଳନୀୟ ଅବଦାନ । ରେଭେନ୍ସା ମହାବିଦ୍ୟାଳୟ, ଶ୍ରୀରାମଚନ୍ଦ୍ରଭଞ୍ଜ ମେଡ଼ିକାଲ କଲେଜରେ ରହିଛି ତାଙ୍କର ସ୍ମୃତିର ସ୍ୱାକ୍ଷର । ଉତ୍କଳମଣି ଗୋପବନ୍ଧୁଙ୍କ ପରାମର୍ଶରେ ଭଞ୍ଜ ମାଯିରେ ସେ ନେଇଥିଲେ ଯୁଗାନ୍ତକାରୀ ପଦକ୍ଷେପ । ଉତ୍ତମ ଶାସନ ବ୍ୟବସ୍ଥା ନିମନ୍ତେ ବାରିପଦାରେ ସେ ପ୍ରତିଷ୍ଠା କରିଥିଲେ ଏକ ସ୍ୱତନ୍ତ୍ର ହାଇକୋର୍ଟ । କିନ୍ତୁ ବର୍ତ୍ତମାନ ମୟୂରଭଞ୍ଜରେ ହାଇକୋର୍ଟର ସ୍ୱତନ୍ତ୍ର ବେଞ୍ଚ ଏଯାବତ ହୋଇ ପାରି ନାହିଁ । ସ୍ୱାଧିନତା ପରେ ମୟୂରଭଞ୍ଜର ବିକାଶ ପାଇଁ ସରକାର ସେହିଭଳି ଆଖିଦୃଷ୍ଟିଆ ପଦକ୍ଷେପ ନେଇନାହାଁନ୍ତି ବୋଲି ବକ୍ତା ମାନେ ନିଜ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ । ପ୍ରାରମ୍ଭରେ ସତ୍ୟବ୍ରତ ମିଶ୍ର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଉଦଳା ଏନ୍.ଏ.ସି.ର ପୂର୍ବର୍ବତନ କାଉନ୍‌ସିଲର ମମତା ସାହୁ କାର୍ଯ୍ୟକ୍ରମର ଶେଷ ସ୍ୱର୍ଶ ଦେଇଥିଲେ । କାର୍ଯ୍ୟକ୍ରମକୁ ସଫଳ କରିବାରେ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସରୋଜ କୁମାର ପଣ୍ଡା, ପ୍ରଭାକର ପଣ୍ଡା, ସୁବାସିନି ବେହେରା, ଦେଶରଂଜନ ମହାପାତ୍ର, ପ୍ରଶାନ୍ତ ବାରିକ, ମହେନ୍ଦ୍ର ମାର୍ଣ୍ଡି ପ୍ରମୁଖ ସହଯୋଗ କରିଥିଲେ ।

# ଉତ୍ତରଓଡିଶା ବିଶ୍ୱ ବିଦ୍ୟାଳୟକୁ ମହାରାଜା ଶ୍ରୀରାମଚନ୍ଦ୍ରଙ୍କ ନାମରେ ନାମିତ କରିବାକୁ ପ୍ରସ୍ତାବ




ବାରିପଦା,୧୮।୧୨ (ନି.ପ୍ର): ମୟୂରଭ ଜିଲ୍ଲା ବିଜୁ ଜନତା ଦଳ ତରଫରୁ ହୋଟେଲ ସ୍ୱସ୍ତିକ ଠାରେ ମୟୂରଭର ଯଶସ୍ୱୀ ପ୍ରଜାବତ୍ସଳ ମହାରାଜା ଶ୍ରୀରାମଚନ୍ଦ୍ର ଭଦେଓଙ୍କ ୧୫୦ ତମ ପୂଣ୍ୟ ଜୟନ୍ତୀ ଉତ୍ସବ ପାଳନ ପରିପ୍ରେକ୍ଷୀରେ ରାଜସ୍ୱ ବିପର୍ଯ୍ୟୟ ଓ ପ୍ରଶମନ ମନ୍ତ୍ରୀ ସୁଦାମ ମାଣ୍ଡିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୟୂରଭ ମହାରାଜା ଶ୍ରୀରାମଚନ୍ଦ୍ର ଭଦେଓଙ୍କ ନବ ଓଡ଼ିଶା ପ୍ରଦେଶ ଗଠନ ଏବଂ ଓଡ଼ିଆ ଭାଷାକୁ ସ୍ୱତନ୍ତ୍ର ସ୍ୱୀକୃତି ଲାଗି କରିଯାଇଥିବା ଉଦ୍ୟମକୁ ଓଡିଶା ମାଟି କେବେ ଭୁଲି ପାରିବ ନାହିଁ ବୋଲି ବକ୍ତା ମାନେ କହିଥିଲେ । ଏହି ଉତ୍ସବରେ ମହାରାଜା ଶ୍ରୀରାମ ଚନ୍ଦ୍ରଙ୍କ ସ୍ମୃତିରକ୍ଷା ଉଦେଶ୍ୟରେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟକୁ ମହାରାଜା ଶ୍ରୀରାମଚନ୍ଦ୍ର ଭଦେଓଙ୍କ ନାମରେ ନାମିତ୍ତ କରିବା, ମହାରାଜା ପ୍ରତିଷ୍ଠା କରିଥିବା ଓଡିଶାର ସର୍ବପୁରାତନ ପାଠାଗାର ଶ୍ରୀରାମଚନ୍ଦ୍ର ପାଠାଗାର(ଜୁବୁଲି ଲାଇବ୍ରେରୀ) କୁ ମହାରାଜାଙ୍କ ସ୍ମୃତିରେ ପୁନରୁଦ୍ଧାର କରି ପାଣି ଯୋଗାଣ ସହ ରକ୍ଷଣା ବେକ୍ଷଣ କରିବା ଏବଂ ଓଡ଼ିଶାର ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦା ଜଗନ୍ନାଥ ମନ୍ଦିରର ସୌନ୍ଦର୍ଯ୍ୟକରଣ ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ୫ କୋଟି ଟଙ୍କା ମଂଜୁର କରିଥିବାରୁ ଜିଲ୍ଲା ବିଜୁ ଜନତା ଦଳ ତରଫରୁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରାଯିବା ସହ ଜଗନ୍ନାଥ ମନ୍ଦିର ପାଇଁ ଅଧିକ ଅର୍ଥ ପ୍ରଦାନ କରାଯିବା ନିମନ୍ତେ ପ୍ରସ୍ତାବ ଗୃହୀତ କରାଯାଇ ମହାରାଜାଙ୍କ ସମ୍ମାନ ରକ୍ଷା ନିମନ୍ତେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅନୁରୋଧ ପତ୍ର ପଠାଯିବାକୁ ସ୍ଥିର ହୋଇଛି ବୋଲି ବାରିପଦା ବଜାର ଇଣ୍ଡିଆ ସମ୍ମିଳନୀ କକ୍ଷ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ରାଜସ୍ୱ ମନ୍ତ୍ରୀ ସୁଦାମ ମାରାଣ୍ଡି ସୂଚନା ଦେଇଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟସଭା ସାଂସଦ ମମତା ମହାନ୍ତ, ମରୋଡା ବିଧାୟକ ରାଜକିଶୋର ଦାସ, କରିଆ ବିଧାୟକ ବାସନ୍ତି ହେମ୍ବ୍ରମ, ବିଜେଡି ରାଇରଙ୍ଗପୁର (ମୟୂରଭ-୨) ଜିଲ୍ଲା ସଭାପତି କାଶିନାଥ ହେମ୍ବ୍ରମ, ପୂର୍ବତନ ଉପବାଚସ୍ପତି ସାନନ୍ଦ ମାରାଣ୍ଡି, ନିର୍ବାଚନ ମଣ୍ଡଳି ପର୍ଯ୍ୟବେକ୍ଷକ ମୁକ୍ତିକାନ୍ତ ମଣ୍ଡଳ, ଓଡିଶା କୃଷିଶିଳ୍ପ ନିଗମର ଅଧକ୍ଷ ଦେବାଶିଷ ମହାନ୍ତି, ବିଜେଡି ପ୍ରବକ୍ତା ଡଃ ହରିଶ ଚୌଧୂରୀ, ବିଜେଡି ଜିଲ୍ଲା କାର୍ଯ୍ୟକାରୀ ସଭାପତି ଡାଃ ଦେବାଶିଷ ମାରାଣ୍ଡି, ଯୁବ ବିଜେଡି ଜିଲ୍ଲା ସଭାପତି ଅରୁଣ ବାରାଡ, ଛାତ୍ର ବିଜେଡି ଜିଲ୍ଲା ସଭାପତି ସୁନୀଲ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078
❐ Managing & Executive Editor : Srustidhar Parida
❐ Editor: Sairindhree Sahoo